- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

•VOLUME- 43 •ISSUE-81 •SUNDAY •14 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୮୧ •ରବିବାର •୧୪ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ 'ଡାଏଲା'



■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଅଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ 'ଡାଏଲା' ରଖାଯାଇଛି। ଆଲ୍‌ବେନିଆ ଭାଷାରେ 'ଡାଏଲା' ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

**ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ**

# ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

### ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି

### ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତ ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ଉତ୍ତରପଶ୍ଚିମ ଭାରତରେ ସେପ୍ଟେମ୍ବର ୧୭ରେ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ▸ପୃଷ୍ଠା-୭



## ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା

# ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



■ **ୱାଶିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆ।।ମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଯେତେ ଯାହା କଲେ ମଧ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ମେ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମରେିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନକଲେ ଆମେରିକାର କଟକଣା କାମ ଦେବନାହିଁ।

### ଜି-୭, ନାଟୋର ସହାୟତା ଲୋଡ଼ିଲେ

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମା।।ନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ ରୁଷ୍‌ଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରୀ ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି।

ଟ୍ରମ୍ପ ଆଜି ନାଟୋ ଦେଶମାନଙ୍କୁ ମଧ ଭାରତ ଓ ଚୀନ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି। ନାଟୋ ସଂଗଠନର ସଭ୍ୟମାନଙ୍କୁ ପତ୍ର ଲେଖି ସେ କହିଛନ୍ତି ଯେ ସେମାନେ ମଧ ରୁଷ ଠାରୁ ତେଲ କିଣିବା ବନ୍ଦ କରନ୍ତୁ। ୟ୍ୟାକ୍ରେନ ଉପରେ ରୁଷ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଚୀନ ଓ ଭାରତ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଚାପ ପକାଇଛନ୍ତି। କାରଣ ଏହି ଦୁଇ ଦେଶ ରୁଷରୁ ସର୍ବାଧିକ ତେଲ କିଣୁଛନ୍ତି। ନାଟୋ ଏଥିରେ ସହଯୋଗ କଲେ ସେ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତ ବୋଲି ଟ୍ରମ୍ପ କହିଛନ୍ତି। ତେବେ ନାଟୋ ଦେଶଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଏସିଆ କପ୍ କ୍ରିକେଟ

# ଭାରତ-ପାକ୍ ମୁକାବିଲା ଆଜି




### ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ

### ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା

■ **ଦୁବାଇ, ୧୩।୯ (ଏଜେନ୍ସି):** ଟି-୨୦ ବିଶ୍ୱ ଚାମ୍ପିଅନ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧରେ ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ଥିଲାବେଳେ ଟିକଟ ବିକ୍ରି ହୋଇ ନ ଥିବାରୁ ଏହି ମ୍ୟାଚ୍ ଆକର୍ଷଣ ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ ଅପମାନ ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ ▸ପୃଷ୍ଠା-୭

## ୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ | ବ୍ରହ୍ମପୁର ସମାବେଶରେ ଯୋଗଦେବେ

■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା'ନ୍ତି। ସବୁ ସମୟରେ ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଥାଏ। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

### ଚଳିତ ମାସରେ ବହୁତ କିଛି ହେବ: ତୋମାର

### ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା



ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଳେଷକମାନେ ମଧ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

## ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ନୂଆପଡ଼ାରେ ହେବ ଏସ୍‌ଏସ୍‌ଆର୍

■ **ଭୁବନେଶ୍ୱର, ୧୩।୯(ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ▸ପୃଷ୍ଠା-୭

**ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା**

# ଭୁଶୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ; ଜଣେ ମୃତ

■ **କୋରାପୁଟ, ୧୩।୯ (ସମିସ):** ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖ କୋରାପୁଟ ପୌରପରିଷଦର ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛାତ ଭୁଶୁଡ଼ି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ, ଲୋକନାଥ ପାତ୍ର (୬୨)। ସୂଚନାନୁଯାୟୀ, ଉକ୍ତ କମ୍ପେଲକ୍ସର ହରି ପାତ୍ର ବେକେରୀରେ ମରାମତି କାର୍ଯ୍ୟ ଚାଲୁଥିଲା ବେଳେ ଅଚାନକ ଛାତ ଭୁଶୁଡ଼ି ▸ପୃଷ୍ଠା-୭











## ରାଜଧାନୀରେ ଲଜ୍ଜା

# ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

### ଥଣ୍ଡା ପାନୀୟରେ ନିଶା ଦେଇଥିଲେ

### ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ

### ୩ ଅଭିଯୁକ୍ତ ଗିରଫ

■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ଦୁଇ ସାଙ୍ଗ।

ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପ୍ ଭିଲେଜ୍‌ସ୍ଥିତ ଶ୍ରୀମାର୍ଗ ଗେଷ୍ଟହାଉସ୍ (ଓୟୋ)କୁ ଡକାଇଥିଲା। ଲୋକେସନ୍ ପଠାଇବା ସହ ଯୁବତୀଙ୍କ ରୁମ୍ ପାଖରୁ ଗେଷ୍ଟହାଉସ୍ ଆସିବାକୁ ଏକ କ୍ୟାବ ବୁକ୍ କରିଦେଇଥିଲା। ବୁଧବାର ଦିନ ପ୍ରାୟ ୧୨ଟା ବେଳକୁ ଯୁବତୀଜଣଙ୍କ ଉକ୍ତ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ। ଗେଷ୍ଟହାଉସ୍‌ଟି ସାଧାରଣ ଘର ଭଳି ହୋଇଥିବାରୁ ଯୁବତୀଜଣଙ୍କ କିଛି ▸ପୃଷ୍ଠା-୭






## ଆତ୍ମସମର୍ପଣ କଲେ ମାଓ ନେତା କିଶେନ୍‌ଜୀଙ୍କ ପତ୍ନୀ

ହାଇଦରାବାଦ୍, ୧୩।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଦିବଂଗତ ମାଓନେତା ତଥା କମାଣ୍ଡର କିଶେନଜୀଙ୍କ ପତ୍ନୀ ପଥୁଲା ପଦ୍ମାବତୀ ଓରଫ୍ କଳ୍ପନା ଶନିବାର ତେଲଙ୍ଗାନା ପୁଲିସ ଡିଜି ଜିତେନ୍ଦରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୧୯୮୨ରୁ ପଦ୍ମାବତୀ ଅଣ୍ଡରଗ୍ରାଉଣ୍ଡ ହୋଇ ରହିଥିଲେ। ୬୨ ବର୍ଷୀୟ ପଦ୍ମାବତୀଙ୍କ ଉପରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ମାଓ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ ସଂଗଠନର ସାଉଥ ସବ୍- ଜୋନାଲ ବ୍ୟୁରୋ ସେକ୍ରେଟାରୀ ଥିଲେ। ସେ ମଧ୍ୟ ଦଣ୍ଡକାରଣ୍ୟ ସ୍ପେଶିଆଲ ଜୋନାଲ କମିଟିରେ ଜନତା ସରକାରର କାର୍ଯ୍ୟବାହୀ ମୁଖ୍ୟ ଥିଲେ। ସେ ମଧ୍ୟ ସିପିଆଇ (ମାଓଷ୍ଟ) କେନ୍ଦ୍ରୀୟ କମିଟିର ସଦସ୍ୟ ଥିଲେ। ତେଲେଙ୍ଗାନାର ଜୋଗୁଲାମ୍ବା ଗଡ଼ୱାଲ ଜିଲ୍ଲାରେ ସେ ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବରିଷ୍ଠ ମାଓନେତା ମାଲୋଜୁଲା କୋଟେଶ୍ୱର ରାଓ ଓରଫ୍ କିଶେନଜୀଙ୍କୁ ବିବାହ କରିଥିଲେ। ନିଜର ସମ୍ପର୍କୀୟ ଭାଇଙ୍କଠାରୁ ପ୍ରେରଣା ପାଇ ମାଓ ଆନ୍ଦୋଳନରେ ଯୋଗ ଦେଇଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଓ ଓଡ଼ିଶା ପୁଲିସ ତାଙ୍କୁ ଖୋଜୁଥିଲା।

## ୧୧୪ ରାଫେଲ ପାଇଁ ବାୟୁସେନାର ବରାଦ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଭାରତୀୟ ବାୟୁସେନାକୁ ଏବେ ୧୧୪ଟି ମେଡ୍ ଇନ୍ ଇଣ୍ଡିଆ ତଥା ସ୍ୱଦେଶୀ ଲଢୁଆ ରାଫେଲ ବିମାନ ଆବଶ୍ୟକ। ଏଥିପାଇଁ ବାୟୁସେନା ତରଫରୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ଏହି ବିମାନଗୁଡିକୁ ଫ୍ରାନ୍ସର ଡାସଲ୍ଟ ଅଭିଏସନ କମ୍ପାନୀ ଓ ଭାରତୀୟ ଏରୋସ୍ପେଶ କମ୍ପାନୀ ମିଶିକରି ପ୍ରସ୍ତୁତ କରିବେ। ପାକିସ୍ତାନ ବିପକ୍ଷରେ ଅପରେସନ ସିନ୍ଦୂରରେ ରାଫେଲର ଦମ୍‌ଦାର ପ୍ରଦର୍ଶନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ୧୧୪ଟି ରାଫେଲ ବିମାନ ନିର୍ମାଣ କରିବାକୁ ପାଖାପାଖି ୨ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ବାୟୁସେନା ତରଫରୁ ଦିଆଯାଇଥିବା ଏହି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏ ନେଇ ବିଚାର କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଭାରତୀୟ ବାୟୁସେନା ପାଖରେ ଏବେ ୩୬ଟି ରାଫେଲ ବିମାନ ରହିଛି। ଭାରତୀୟ ନୌସେନା ମଧ୍ୟ ୨୬ଟି ରାଫେଲ ମେରିନର ଅର୍ଡର ଦେଇଛି। ୧୧୪ଟି ବିମାନ ମିଳିବା ପରେ ଭାରତ ପାଖରେ ମୋଟ୍ ୧୭୬ଟି ରାଫଲେ ବିମାନ ଉପଲବ୍ଧ ହେବ। ଗତ ଜୁନ୍ ମାସରେ ଭାରତ ୨୬ଟି ରାଫେଲ ମେରିନ୍ ନେଇ ଫ୍ରାନ୍ସ ସହ ୬୩, ୦୦୦ କୋଟି ଟଙ୍କାର ଡିଲ୍ କରିଥିଲା।

## ଏଡିଆର୍ ପ୍ରତିଷ୍ଠାତା ଜଗଦୀପଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର)ର ସହ ପ୍ରତିଷ୍ଠାତା ଜଗଦୀପ ଏସ୍ ଛୋକର ଶୁକ୍ରବାର ଦିଲ୍ଲୀରେ ହୃଦ୍‌ଘାତ୍‌ରେ ୮୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାରେ ଏହି ସଂଗଠନ ଏଡିଆର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ରିସର୍ଚ୍ଚ ପାଇଁ ଲେଡି ହାର୍ଡିଙ୍ଗେ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଆଇଆଇଏମ୍ ଅହମଦାବାଦ୍‌ରେ ପ୍ରଫେସର ଭାବେ ଶିକ୍ଷାଦାନ କରିଥିବା ଛୋକର ୧୯୯୯ରେ ଏଡିଆର ସ୍ଥାପନ କରିଥିଲେ। ଏହି ସଂଗଠନ ଜରିଆରେ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବାରେ ସେ ଆଇନଗତ ଲଢ଼େଇ ଲଢିଥିଲେ। ନିର୍ବାଚନରେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ଇଲେକଟୋରାଲ ବଣ୍ଡ ସ୍କିମକୁ ରଦ୍ଦ କରିବାକୁ ସେ ପ୍ରୟାସ କରିଥିଲେ। ୧୯୪୪ ନଭେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ଛୋକର ଭାରତୀୟ ରେଳବାଇରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରେ ଏମ୍‌ବିଏ, ଆମେରିକାର ଲୋଇସିଆନା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବାର ପରେ ଆଇଆଇଏମ୍ ଅହମଦାବାଦ୍‌ରେ ୧୯୮୫ରେ ପ୍ରଫେସର ଭାବେ ଯୋଗ ଦେଇଥିଲେ।


## ୧୨ ମହଲାରୁ ଖସି ମା'-ପୁଅ ମୃତ

ନୋଏଡା, ୧୩।୯(ଏଜେନ୍ସି): ନୋଏଡାର ଗୌତମ ବୁଦ୍ଧ ନଗରରେ ଶନିବାର ସକାଳେ ଏକ ବିଲ୍ଡିଂର ଦ୍ୱାଦଶ ମହଲାରୁ ଖସିପଡ଼ି ଜଣେ ୧୨ ବର୍ଷୀୟ ପୁଅ ଓ ତା'ର ମା ମୃତ୍ୟୁବରଣ କରିଛନ୍ତି। ଦର୍ପନ ଚାୱଲା ନାମକ ଜଣେ ମାନସିକ ଅଗ୍ରସର ବାଳକ ରହୁଥିଲା। ସେ ଦ୍ରୁତଗତି ଦୌଡି ଆସି ବାଲକୋନୀ ଉପରୁ ତଳକୁ ଖସିପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ତା'ର ମା ୩୮ ବର୍ଷୀୟା ସାକ୍ଷୀ ଚାୱଲା ମଧ୍ୟ ତଳକୁ ଖସିପଡ଼ିଥିଲେ ବୋଲି ବିସରାଖ ଭାରପ୍ରାପ୍ତ ଥାନା ଅଧିକାରୀ ମନୋଜ କୁମାର ସିଂ କହିଛନ୍ତି। ପୁଲିସ ଦୁଇଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ବେଳେ ଦର୍ପନ ଅଲଗା ପ୍ରକୋଷ୍ଠରେ ଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

## ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଡି ଲାପାଙ୍ଗ ଶୁକ୍ରବାର ରାତିରେ ୯୨ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୩୪ ଏପ୍ରିଲ ୧୦ରେ ଜନ୍ମିତ ଲାପାଙ୍ଗ ୧୯୯୨ରୁ ୨୦୦୮ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜଧାନୀ ଶିଲଂର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୭୨ରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ନୋଙ୍ଗପୋ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ଏକାଧିକବାର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ ୪ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ନେପାଳର ବିତାଡିତ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏତଲା



କଠମାଣ୍ଡୁ, ୧୩।୯(ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବିରୋଧରେ ଶନିବାର ରାଜଧାନୀ କାଠମାଣ୍ଡୁରେ ଏଫ୍ଆଇଆର ବା ଏତଲା ଦିଆଯାଇଛି। ସେପ୍ଟେମ୍ବର ୮ରେ ଯେତେବେଳେ ଆନ୍ଦୋଳନ ଆରମ୍ଭ ହେଲା ସେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଆକ୍ରମଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିବାର ଅଭିଯୋଗ ହୋଇଛି। ସେ ୯ ତାରିଖରେ ଚାପର ସମ୍ମୁଖୀନ ହୋଇ ନପାରି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ସେନା ସୁରକ୍ଷା ବଳୟ ମଧ୍ୟରେ ଶରଣ ନେଇଛନ୍ତି। ସେପଟେ ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି ଆହତ ହୋଇଥିବା ଆନ୍ଦୋଳନାକାରୀଙ୍କୁ ଭେଟିବା ପାଇଁ କାଠମାଣ୍ଡୁର ହସ୍ପିଟାଲରେ ପହଞ୍ଚିଛନ୍ତି। ସେ ଶୁକ୍ରବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚ ୫ ପର୍ଯ୍ୟନ୍ତ ସେ ସଂସଦୀୟ ନିର୍ବାଚନ କରାଇବେ ଦାୟିତ୍ୱ ନେଇଛନ୍ତି। ଇତିମଧ୍ୟରେ ୬ ଦିନର ହିଂସା ପରେ କାଠମାଣ୍ଡୁ କେତକ ଅଞ୍ଚଳରେ କର୍ଫ୍ୟୁକୁ ହଟାଇ ଦିଆଯାଇଛି। କିନ୍ତୁ ୬ଟି ସ୍ଥାନରେ ଏବେବି କର୍ଫ୍ୟୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁଶୀଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ଗଣଦୁଷ୍କର୍ମ



ଜଳନ୍ଧର, ୧୩।୯ (ଏଜେନ୍ସି): ବ୍ରିଟେନର ଓଲ୍ଡବୁରୀ ଟାଉନ୍‌ରେ ଜଣେ ୨୦ ବର୍ଷୀୟା ଭାରତୀୟ ଶିଖ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦୁଇଜଣ ବ୍ୟକ୍ତି ତାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଏକ ପାର୍କରେ ଏହି କାଣ୍ଡ ଘଟାଇଛନ୍ତି। ପୁଣି ସେମାନେ ଯୁବତୀଙ୍କୁ ସ୍ୱଦେଶ ଫେରିଯିବାକୁ ଚେତାବନୀ ଦେଇଛନ୍ତି। ଏଠାରେ ତମେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦୁହେଁ କହିଥିଲେ। ଗତ ମଙ୍ଗଳବାର ସକାଳ ୮.୩୦ରେ ଓଲ୍ଡବୁରୀର ଟେମ୍ ରୋଡ୍‌ରେ ଏହି ଯୁବତୀ ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ଏହି ଦୁଇ ଅଭିଯୁକ୍ତ ଇଂରେଜ ନଥିଲେ ବୋଲି ପୁଲିସ ସ୍ପଷ୍ଟ କରିଛି। କିନ୍ତୁ ଏହି ଦୁଇ ଜଣ ଡେଙ୍ଗା ଚଉଡା ବ୍ରିଟେନର ଯୁବକ ଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ୟୁନାଇଟେଡ କିଙ୍ଗଡ଼ମ୍‌ର ଶିଖ ଫେଡେରେସନ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଫରେନ୍‌ସିକ ଟିମ୍ ଏହାର ଯାଞ୍ଚ କରୁଛି। ଏହି ଘଟଣା ପରେ ସ୍ଥାନୀୟ ସମୁଦାୟ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ବ୍ରିଟେନର ଶିଖ ସାଂସଦ ପ୍ରୀତ କୌର ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେହିପରି ଲେବର ପାର୍ଟିର ସାଂସଦ ଗୁରିନ୍ଦର ସିଂ ଜୋସାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଘଟଣା ନିହାତି ଭୟାଭୟ ବୋଲି କହିଛନ୍ତି।

# ରୁଷରେ ପୁଣି ୭.୪ ତୀବ୍ରତାର ଭୂକମ୍ପ

### ଜାରି ହେଲା ସୁନାମୀ ସତର୍କତା
### ୩ ମାସରେ ୭ ତୀବ୍ରତାର ଆସିଲା ୩ ଭୂକମ୍ପ
### ଗତ ୬ ମାସରେ ବିଶ୍ୱରେ ୧ ଲକ୍ଷରୁ ଅଧିକ ଭୂକମ୍ପ



ମସ୍କୋ, ୧୩।୯(ଏଜେନ୍ସି): ରୁଷିଆର ସୁଦୂର ପୂର୍ବ ଉପକୂଳରେ ଥିବା କାମ୍‌ଚଟକାରେ ଶନିବାର ଏକ ବଡ଼ ଧରଣର ଭୂକମ୍ପ ଆସିଥିଲା। ଏହାର ତୀବ୍ରତା ୭.୪ ଥିଲା। ଭୂକମ୍ପ ପରେ ଏହି ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ଏହି ଭୂକମ୍ପ ଭୂପୃଷ୍ଠର ୩୯.୫ କିମି ଗଭୀରରେ ହୋଇଥିଲା। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରଥମେ ଭୂକମ୍ପର ତୀବ୍ରତା ୭.୫ ବୋଲି କହିଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ୭.୪ ବୋଲି ସୂଚନା ଦେଇଥିଲା। ଏହି ଭୂକମ୍ପ ଫଳରେ ରୁଷିଆର ପୂର୍ବ ଉପକୂଳରେ ୩୦୦ କିମି ଅଞ୍ଚଳରେ ସମୁଦ୍ରରୁ ବିପଜ୍ଜନକ ଲହରି ତଥା ସୁନାମୀ ଆସିବ ବୋଲି ପ୍ୟାସିଫିକ ସୁନାମୀ ଚେତାବନୀ କେନ୍ଦ୍ର ସତର୍କତା ଜାରି କରିଛି। ଏପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ଆସିନାହିଁ। ଏହାପୂର୍ବରୁ ଜୁଲାଇ ୩୦ରେ ରୁଷିଆରେ ୮.୯ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ବୋଲି କୁହାଯାଇଥିଲା। କାମଚଟକାରେ ଗତ ୩ ମାସ ମଧ୍ୟରେ ୭ରୁ ଅଧିକ ତୀବ୍ରତାରେ ୩ଟି ଭୂକମ୍ପ ଆସିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ମୋଟ୍ ୧, ୨୦୦ରୁ ଅଧିକ ଭୂକମ୍ପ ଆସିବା ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଛୋଟଛୋଟ ଭୂକମ୍ପ ସାମିଲ ରହିଛି। କିନ୍ତୁ ୪ରୁ ଅଧିକ ତୀବ୍ରତାର ଭୂକମ୍ପର ସଂଖ୍ୟା ୧୫୦ରୁ ଅଧିକ ଥିଲା। କାମଚଟକା ଦକ୍ଷିଣରେ ଜାପାନ, ପୂର୍ବରେ ଆମେରିକା ଓ ଦକ୍ଷିଣ ପଶ୍ଚିମରେ ଚୀନ୍ ରହିଛି। ତେବେ ଜାପାନ ଏହି ଭୂକମ୍ପ ପାଇଁ କୌଣସି ସୁନାମୀ ସତର୍କତା ଜାରି କରିନାହିଁ।

ଗତ ୬ ମାସ ମଧ୍ୟରେ ବିଶ୍ୱରେ ବହୁ ସଂଖ୍ୟାରେ ଭୂକମ୍ପ ଆସିଛି। ମାର୍ଚ୍ଚରୁ ସେପ୍ଟେମ୍ବର ୧୩ ମଧ୍ୟରେ ବିଶ୍ୱରେ ଭୂକମ୍ପର ପ୍ରକ୍ରିୟା ଜାରି ରହିଛି। ଏହି ସମୟ ଅବଧିରେ ପାଖାପାଖି ୧ ଲକ୍ଷ ୧୦ ହଜାର ଭୂକମ୍ପ ଆସିଛି ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଗତ ଅଗଷ୍ଟ ୩୧ରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ରୁ ୭.୯ ତ୍ରୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ଅଗଷ୍ଟ ୩୦ରେ ଆଣ୍ଟାର୍କିକା ନିକଟସ୍ଥ ଦକ୍ଷିଣ ଆଣ୍ଟାଲଟିକ ମହାସାଗରରେ ଥିବା ସାଉଥ ସେଟଲାଣ୍ଡ ଦୀପରେ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା।

## ଟ୍ରକ୍ ଚକ ତଳେ ଫସି ୯ ମୃତ, ୨୨ ଆହତ

ବେଙ୍ଗାଲୁରୁ, ୧୩।୯(ଏଜେନ୍ସି): କର୍ଣ୍ଣାଟକର ହାସନ ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ଗଣେଶ ବିସର୍ଜନ ଶୋଭାଯାତ୍ରା ଅବସରରେ ବଡ଼ଧରଣ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରକ ଏହି ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ଟ୍ରକ୍ ଚକ ତଳେ ଆସି ୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ହୋସାହଲ୍ଲୀ ଗାଁରେ ରାତି ପାଖାପାଖି ୮.୪୫ରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଅଧିକ ଯୁବକ ରହିଛନ୍ତି। ଆହତଙ୍କୁ ହାସନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ଟି ଅରକଲାଗୁଡୁ ଆଡୁ ଆସୁଥିଲା। ଲୋକେ ଡିଜେ ବଜାଇ ନୃତ୍ୟ କରୁଥିଲେ। ଶୋଭାଯାତ୍ରାର ନିକଟତର ହେବା ମାତ୍ରେ ଟ୍ରକ୍ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଲୋକ ଚକ ତଳକୁ ଆସିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦, ୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ମ୍ୟାନ୍‌ମାର ସ୍କୁଲ ଉପରେ ଆକ୍ରମଣ; ୧୯ ଛାତ୍ର ମୃତ

ନେପିଡ, ୧୩।୯(ଏଜେନ୍ସି): ମ୍ୟାନମାରର ଦୁଇଟି ସ୍କୁଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏଥିରେ ୧୯ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମ୍ୟାନମାରର ରାଖାଇନ ରାଜ୍ୟରେ ଏହି ଆକ୍ରମଣ କରାଯାଇଛି ବୋଲି ଏଥିନିକ ଆରାକାନ ଆର୍ମି ତରଫରୁ କୁହାଯାଇଛି। ଶୁକ୍ରବାର ଅଧରାତିରେ ଛାତ୍ରମାନେ ନିଦରେ ଶୋଇଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥିନିକ ଆରାକାନ ଆର୍ମି ଓ ମ୍ୟାନମାର ମିଲିଟାରୀ ଜୁନ୍ତା ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଏହି ଘଟଣା ଘଟିଛି। ମ୍ୟାନମାର ସେନା ହିଁ ଏହି ଆକ୍ରମଣ କରି ୫୦୦ ପାଉଣ୍ଡ ଅର୍ଥାତ ୨୨୬.୭୯ କେଜିର ବୋମା ପକାଇଥିଲା ବୋଲି କୁହାଯାଇଛି। ତେବେ ଏହି ଘଟଣା ନେଇ ମ୍ୟାନମାର ସେନା ତରଫରୁ କିଛି କୁହାଯାଇ ନାହିଁ। ଏହି ଆକ୍ରମଣକୁ ଜାତିସଂଘ ନିନ୍ଦା କରିଛି। ୨୦୨୧ରେ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ମ୍ୟାନମାନରରେ ଅରାଜକତା ଓ ହିଂସା ଜାରି ରହିଛି। ସେନା ତଥା ମିଲିଟାରୀ ଜୁନ୍ତା ଆଙ୍ଗ ସାନ ସୁ କିଙ୍କ ସରକାରଙ୍କୁ ଗାଦିଚ୍ୟୁତ କରି ଶାସନ ହାତକୁ ନେଇଥିଲା।

# ମଣିପୁରରେ ମୋଦୀ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ



### ଶାନ୍ତିର ରାସ୍ତା ଆପଣାଇବାକୁ ଜନତାଙ୍କୁ ନିବେଦନ
### ହେଲିକପ୍ଟର ବଦଳରେ ଗାଡ଼ିରେ ଗଲେ ଚୁରାଚାନ୍ଦପୁର

ଇମ୍ଫାଲ, ୧୩।୯ (ଏଜେନ୍ସି): ସଂରକ୍ଷଣକୁ ନେଇ ୨୦୨୩ ମେ' ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୭୦ ହଜାରରୁ ଊର୍ଦ୍ଧ୍ୱ ବିସ୍ଥାପିତ ହେଲେଣି। ହିଂସାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତ କରିଛନ୍ତି। ସେ ଚୁରାଚାନ୍ଦପୁର ଏବଂ ଇମ୍ଫାଲରେ ପହଞ୍ଚିଛନ୍ତି। ଚୁରାଚାନ୍ଦପୁରରେ ୭,୩୦୦ କୋଟି ଏବଂ ଇମ୍ଫାଲରେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ଇମ୍ଫାଲରେ ଜନସାଧାରଣଙ୍କୁ ସମ୍ବୋଧନ କରି ହିଂସାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ଇମ୍ଫାଲ ହେଉଛି ସମ୍ଭାବନାର ସହର। ଏକବିଂଶ ଶତାବ୍ଦୀ ଉତ୍ତର-ପୂର୍ବ ରାଜ୍ୟଗୁଡିକର ହେବ। ଆମକୁ ରାଜ୍ୟକୁ ଶାନ୍ତି ଏବଂ ବିକାଶର ମାର୍ଗରେ ନେବାକୁ ହେବ। ମୋଦୀ ସବୁ ସଂଗଠନଗୁଡିକୁ ଶାନ୍ତିର ମାର୍ଗରେ ଯିବା ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ସହ ରହିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୋଦୀ ଇମ୍ଫାଲ ବିମାନବନ୍ଦରରେ ଅବତରଣ କରିଥିଲେ। ସେ ପ୍ରଥମେ ଚୁରାଚାନ୍ଦପୁର ଯିବାର ଥିଲା। ମାତ୍ର ଇମ୍ଫାଲରେ ପ୍ରବଳ ବର୍ଷା ହେଉଥିଲା। ହେଲିକପ୍ଟର ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ସଡ଼କ ମାର୍ଗରେ ୬୪ କିମି ଯାତ୍ରା କରି ଦେଢ଼ ଘଣ୍ଟାରେ ଚୁରାଚାନ୍ଦପୁରରେ ପହଞ୍ଚି ଥିଲେ। ପ୍ରଥମେ ଚୁରାଚାନ୍ଦପୁରରେ କାର୍ଯ୍ୟକ୍ରମ ସାରି ଇମ୍ଫାଲ ଆସିଥିଲେ। ମୋଦୀ ଚୁରାଚାନ୍ଦପୁରର ରିଲିଫ କ୍ୟାମ୍ପରେ ପୀଡ଼ିତଙ୍କୁ ଭେଟି ଥିଲେ। ସେ କାର୍ଯ୍ୟକ୍ରମ ସ୍ଥଳରେ ହିଂସା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଚୁରାଚାନ୍ଦପୁର କୁକି ଏବଂ ଇମ୍ଫାଲ ମେଇତି ବହୁଳ ପାହାଡି ଅଞ୍ଚଳ। ଗତ ଦୁଇ ବର୍ଷ ହେଲା ଉଭୟ ସମ୍ପ୍ରଦାୟ ପରସ୍ପର ଅଞ୍ଚଳକୁ ଯାଉନାହାନ୍ତି।

ମୋଦୀ କହିଥିଲେ ଯେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ପ୍ରତିଷ୍ଠା ହେଉ। ଲୋକଙ୍କ ସ୍ୱାର୍ଥ ସୁରକ୍ଷା ହେଉ। କ୍ୟାମ୍ପରେ ରହୁଥିବା ଲୋକେ ପୁଣିଥରେ ମୁଖ୍ୟସ୍ରୋତକୁ ଫେରନ୍ତୁ। ଏଥିପାଇଁ ସରକାର କ୍ରମାଗତ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ମାଆ ଭାରତୀଙ୍କ ମୁକୁଟରେ ସଜ୍ଜିତ ରତ୍ନ ହେଉଛି ମଣିପୁର। ମଣିପୁରର ବିକାଶବାଦୀ ଛବିକୁ କ୍ରମାଗତ ଭାବେ ମଜବୁତ କରିବାକୁ ହେବ। ରାଜ୍ୟରେ କୌଣସି ପ୍ରକାରର ହିଂସା ଦୁର୍ଭାଗ୍ୟଜନକ। ଏହି ହିଂସା ପୂର୍ବଜ ଏବଂ ପରବର୍ତ୍ତୀ ପିଢି ପାଇଁ ବହୁତ ବଡ଼ ଅନ୍ୟାୟ। ମଣିପୁରରେ ସାମର୍ଥ୍ୟର ଅଭାବ ନାହିଁ। କିନ୍ତୁ ଆମକୁ ସମ୍ବାଦର ପଥକୁ ମଜବୁତ କରିବାକୁ ହେବ। ପାହାଡି ଏବଂ ଘାଟୀର ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁକୁ ମଜବୁତ କରିବାକୁ ହେବ। ମଣିପୁର ଯୁବଗୋଷ୍ଠୀଙ୍କ ପରିଚୟକୁ ହିଂସାର କରାଳ ଛାୟାରେ ବୁଡ଼ିବାକୁ ଦିଆଯିବ ନାହିଁ। ମଣିପୁର ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟ ଯେ ହିଂସା ଏହି ସୁନ୍ଦର ଅଞ୍ଚଳକୁ ନିଜ ସଂସ୍ପର୍ଶକୁ ନେଇଯାଇଛି। ଆଶା ଏବଂ ବିଶ୍ୱାସର ନୂଆ ସକାଳ ମଣିପୁରରେ ପ୍ରବେଶ କରୁଛି। କୌଣସି କ୍ଷେତ୍ରର ବିକାଶ ପାଇଁ ଶାନ୍ତି ଜରୁରୀ। ଗତ ୧୧ ବର୍ଷରେ ପୂର୍ବୋତ୍ତରର ଅନେକ ସଂଘର୍ଷ ସମାପ୍ତ ହୋଇଛି। ମଣିପୁରରେ ମଧ୍ୟ ଶାନ୍ତିର ବାର୍ତ୍ତା ଆରମ୍ଭ ହୋଇସାରିଛି। ମୋଦୀ ଏହି ଅବସରରେ ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଭାରତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେ ନେପାଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ମିଜୋରାମର ପ୍ରଥମ ରେଳ ଲାଇନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜୋଲ, ୧୩।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମିଜୋରାମର ପ୍ରଥମ ରେଳ ଲାଇନ 'ବୈରାବୀ-ସାଇରଙ୍ଗ'କୁ ଉଦ୍‌ଘାଟନ କରିଛନ୍ତି। ୫୧ କିମିର ଏହି ରେଳ ଲାଇନ ମାଧ୍ୟମରେ ମିଜୋରାମରୁ ଦିଲ୍ଲୀ, ଗୌହାଟୀ ଏବଂ କୋଲକାତାକୁ ସିଧାସଳଖ ଟ୍ରେନ ଯୋଗାଯୋଗ ହୋଇଯାଇଛି। ଏହି ରେଳ ମାର୍ଗରେ ୪୫ ସୁଡ଼ଙ୍ଗ, ୮୮ ଛୋଟ ଏବଂ ୫୫ଟି ବଡ଼ ବ୍ରିଜ୍ ରହିଛି। ଏହା ବ୍ୟତୀତ ୧୧୪ ମିଟର ଉଚ୍ଚା ଦେଶର ଦ୍ୱିତୀୟ ବୃହତ୍ତମ ପିୟର ବ୍ରିଜ ରହିଛି। ଏହା କୁତୁବମିନାର (୭୨ମିଟର)ଠୁ ମଧ୍ୟ ବଡ଼। ଏହି ବ୍ରିଜ୍ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଦେଶର କିଛି ରାଜନୈତିକ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେମାନେ ମିଜୋରାମକୁ ଅଣଦେଖା କରିଥିଲେ। କିନ୍ତୁ ଆଜି ଏହି ରାଜ୍ୟ ଆଗରେ ରହିଛି। ମୋଦୀ ଏହି ଅବସରରେ ଲେଙ୍ଗପୁଇ ବିମାନବନ୍ଦରରୁ ୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ପରେ ସେ ମଣିପୁର ଯାଇଥିଲେ।

## ଗାଜା- ହମାସ୍ ମାମଲାରେ ଫ୍ରାନ୍ସ, ବ୍ରିଟେନକୁ ଇସ୍ରାଏଲର ସମାଲୋଚନା



ତେଲଅଭିଭ୍, ୧୩।୯(ଏଜେନ୍ସି): ଗାଜା- ହମାସ ମାମଲାରେ ଇସ୍ରାଏଲ ଏବେ ଫ୍ରାନ୍ସ ଓ ବ୍ରିଟେନ ଭଳି ୟୁରୋପୀୟ ଦେଶକୁ ସମାଲୋଚନା କରିଛି। ଜାତିସଂଘ ମହାସଭାରେ ଇସ୍ରାଏଲ୍ ରାଷ୍ଟ୍ରଦୂତ ଡ୍ୟାନି ଡାନନ କାତାରରେ ହମାସ ଆତଙ୍କବାଦୀଙ୍କୁ ଟାର୍ଗେଟ କରି କରାଯାଇଥିବା ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ଫ୍ରାନ୍ସ ଓ ବ୍ରିଟେନ ନିନ୍ଦା କରିଥିଲେ। ଡାନନ କିନ୍ତୁ ଏହାକୁ ଠିକ୍ ବୋଲି କହିଛନ୍ତି। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଫ୍ରାନ୍ସ ମାଲି, ଚାଦ, ବୁର୍କିନା ଫାସୋ ଓ ମାରିଟନିଆରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲା। ସେହିପରି ବ୍ରିଟେନ ଇରାକ ଓ ସିରିଆ ଉପରେ ଆଇଏସ୍ଆଇଏସ୍ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ଯଦି ସେତେବେଳେ ଏଭଳି ଆକ୍ରମଣ ଯଥାର୍ଥ ଥିଲା ଏବେ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାତାର ଉପରେ ଇସ୍ରାଏଲର ଆକ୍ରମଣ ଠିକ୍ ବୋଲି ଡାନନ କହିଛନ୍ତି। ଉଲ୍ଲେଖଥାଉ କି, ଇସ୍ରାଏଲ ସେନା ଗତ ୯ ତାରିଖରେ କାତାର ରାଜଧାନୀ ଦୋହା ଉପରେ ହମାସ ମୁଖ୍ୟ ଖଲିଲ ଅଲ- ହାୟାଙ୍କୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଫ୍ରାନ୍ସ, ବ୍ରିଟେନ ସମେତ କେତୋଟି ଦେଶ ଇସ୍ରାଏଲକୁ ସମାଲୋଚନା କରିଥିଲେ। ଏହି ଲୋକମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ନରସଂହାର କରିଥିଲେ ବୋଲି ଡାନନ କହିଛନ୍ତି।

## ସାହାର ଇଣ୍ଡିଆର ନିବେଶକଙ୍କୁ ଶୀଘ୍ର ମିଳିବ ଟଙ୍କା

# ୫ ହଜାର କୋଟି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): 'ସାହାର ଇଣ୍ଡିଆ'ରେ ଟଙ୍କା ନିବେଶ କରିଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି। ସାହାରା ଗ୍ରୁପ୍‌ର ସହକାରୀ ସମିତି (କୋଅପରେଟିଭ ସୋସାଇଟି)ରେ ଟଙ୍କା ଜମା କରିଥିବା ଲୋକଙ୍କୁ ଫେରାଇବା ପାଇଁ ଜମା ଅର୍ଥରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଥିଲେ। ସାହାରାର ରିଫଣ୍ଡ ଖାତାରେ ଥିବା ରାଶିରୁ ଜମାକାରୀଙ୍କୁ ପୈଠ କରିବା ପାଇଁ ଟଙ୍କା ପ୍ରଦାନ ଲାଗି ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ୨୦୨୩ରେ ପ୍ରଦାନ କରାଯାଇଥିବା ୫ ହଜାର କୋଟି ଟଙ୍କାକୁ ଆବଣ୍ଟନ କରିବାର ସମୟସୀମାକୁ ୨୦୨୫ ଡିସେମ୍ବର ୩୧ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୁପ୍ରିମକୋର୍ଟ କହିଥିଲେ ଯେ ୨୦୨୩ ମାର୍ଚ୍ଚ ୨୯ରେ ପାରିତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ରର ଏହି ଅନୁରୋଧକୁ ସ୍ୱୀକାର କରାଯାଇଛି। ୫ ହଜାର କୋଟିର ରାଶିକୁ ସେବି-ସାହାରା ରିଫଣ୍ଡ ଖାତାରୁ କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ରେଜିଷ୍ଟ୍ରାରଙ୍କ ଖାତାକୁ ସ୍ଥାନାନ୍ତର କରାଯାଉ। ଯାଞ୍ଚ ପ୍ରକୃତ ଜମାକାରୀଙ୍କୁ ଏହି ଟଙ୍କା ଆବଣ୍ଟନ କରାଯିବ। ଖଣ୍ଡପୀଠ କହିଥିଲେ ଯେ ପୂର୍ବତନ ବିଚାରପତି ଆର ସୁଭାଷ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସପ୍ତାହେ ଭିତରେ ଏହି ରାଶି ସ୍ଥାନାନ୍ତର କରାଯାଉ। ୨୦୨୩ ମାର୍ଚ୍ଚେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ ହେଉ। ପିନାକ ପି ମହାନ୍ତିଙ୍କ ଜନସ୍ୱାର୍ଥ ମାମଲାକୁ ନେଇ କେନ୍ଦ୍ର ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏହି ଆବେଦନରେ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଏବଂ ସାହାରା କ୍ରେଡିଟ ଫାର୍ମରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରାଇବା ନେଇ ନିବେଦନ କରାଯାଇଥିଲା।

ଏ ପର୍ଯ୍ୟନ୍ତ ପ୍ରାୟ ୫.୪୩ କୋଟି ନିବେଶକ ୧, ୧୩, ୫୦୪.୧୨୪ କୋଟି ଟଙ୍କାର ଦାବି କଲେଣି। ଏଥିରୁ ୨୬, ୨୫, ୦୯୦ ପ୍ରକୃତ ଜମାକାରୀଙ୍କୁ ୫, ୦୫୩.୦୧ ଟଙ୍କା ଫେରାଗଲାଣି। ଏହା ବ୍ୟତୀତ ୧୩, ୩୪, ୯୯୪ ନିବେଶକ ନିର୍ଦ୍ଧାରିତ ୱେବ ପୋର୍ଟାଲରେ ନିଜ ଦାବି ପଞ୍ଜିକରଣ କରିଛନ୍ତି। ଏହାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ଦାବିରେ ପ୍ରାୟ ୨୭,୮୪୯.୯୫ କୋଟି ଟଙ୍କା ଦାବି କରାଯାଇଛି।

■ ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

# ମହିଳାଙ୍କ ସମେତ ୩ ଜଣଙ୍କୁ ଖୁଣ୍ଟରେ ବାନ୍ଧି ଛେଚିଲେ

କରଞ୍ଜିଆ, ୧୩।୯ (ସମିସ): ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ। ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ



ଗାଁରେ ଏଭଳି ଏକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁସାରେ, ଶୁକ୍ରବାର ମହିଳାଜଣଙ୍କ ହାଟକୁ ସଉଦା ପାଇଁ ଯଶିପୁର ଯାଇଥିଲେ। କିଣାକିଣିରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁର ତାଙ୍କ ସମ୍ପର୍କୀୟ ଦୁଇ ଦିଅରଙ୍କୁ ସାଙ୍ଗରେ ନେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ସମସ୍ତେ ଏକ ବାଇକ୍‌ରେ ଘରକୁ ଫେରିଥିଲେ। ତେବେ ମହିଳାଙ୍କ ପରିବାରଲୋକ ତାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ହଠାତ୍ ଉତ୍ୟକ୍ତ ହୋଇଉଠିଥିଲେ। ଯୁବକଦ୍ୱୟଙ୍କ ସହ ମହିଳାଙ୍କ

## ୨ ଅଟକ

ଅନୈତିକ ସଂପର୍କ ଥିବା ନେଇ ପରିବାରଲୋକ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ରୁଣ୍ଡ ହୋଇ ୩ ଜଣଙ୍କୁ ମାରଧର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଏକ ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ଖବର ପାଇ ଯଶିପୁର ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବିନା ଟେଣ୍ଡର୍‌ରେ ମଧ୍ୟାହ୍ନଭୋଜନ ଚାଉଳ ପରିବହନ

ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନି ଚାଉଳ

# ମଧ୍ୟାହ୍ନଭୋଜନରେ ଛୁଆ ଖାଉଛନ୍ତି ମୁଢ଼ି, ବିସ୍କୁଟ

ବାରିପଦା,୧୩।୯(ସମିସ): ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲ ଆସିବାକୁ ଆକୃଷ୍ଟ କରିବା ସହ ଉତ୍ତମ ପୋଷଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଦେଶରେ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ



ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଜିଲ୍ଲାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବର୍ଷକୁ ୮୩ ହଜାର କୁଇଣ୍ଟାଲ ଚାଉଳ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେଉନାହିଁ। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ସ୍କୁଲରେ ଚାଉଳ ଯୋଗାଣ ହେଉ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମୁଢ଼ି ବା ବିସ୍କୁଟ ପ୍ୟାକେଟ୍ କିଣି ପିଲାଙ୍କୁ ପ୍ରଦାନ କରୁଛନ୍ତି।

ମଧ୍ୟାହ୍ନଭୋଜନ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ ତଥା ପରିବହନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିବର୍ଷ ଖୋଲା ଟେଣ୍ଡର ଆହ୍ୱାନ କରି ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିଙ୍କୁ ଏଫସିଆଇ ବା ପିଇଜି ଗୋଦାମରୁ ମଧ୍ୟାହ୍ନ ଭୋଜନ ଚାଉଳ ନେଇ ସ୍କୁଲରେ ଯୋଗାଇବା ନିମନ୍ତେ ସରକାରୀ ଗାଇଡଲାଇନ୍ ରହିଛି। ରାଜ୍ୟ ସରକାର ଏହି ଚାଉଳ ପରିବହନ ପାଇଁ ଟେଣ୍ଡର୍‌ରେ କୁଇଣ୍ଟାଲ ପିଛା ସର୍ବାଧିକ ପରିବହନ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ନିୟମିତ ଟେଣ୍ଡର୍ କରା ନ ଯାଇ ନିର୍ଦ୍ଦିଷ୍ଟ ଏକ ଏଜେନ୍ସି ବା ବ୍ୟକ୍ତିଙ୍କ ପରିଚାଳିତ ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଠିକା ସର୍ବାଧିକ ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଙ୍ଗନବାଡ଼ି ସମୂହକୁ ଚାଉଳ, ଗହମ ଯୋଗାଉଥିବା ଏଜେନ୍ସି ଜରିଆରେ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ସମ୍ପୃକ୍ତ ଏଜେନ୍ସି ମଧ୍ୟାହ୍ନଭୋଜନ ଚାଉଳ ପରିବହନ ଟେଣ୍ଡର୍ ପ୍ରକ୍ରିୟାରେ ଭାଗ ନେଇ ଅଯୋଗ୍ୟ ସାବ୍ୟସ୍ତ ହୋଇଥିଲା।

■ ସାନି ଟେଣ୍ଡର୍ ନ କରି ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅନୁଗ୍ରହ
■ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ଅନ୍ୟ ଟେଣ୍ଡର୍ ଆଶାୟୀ

ଏ ବାବଦରେ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗତ ଜୁନ୍ ୧୮ ରେ ଚାଉଳ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। କିନ୍ତୁ ସେଥିରେ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ସୁହାଇବା ଭଳି ସର୍ତ୍ତ ରଖାଯାଇଥିଲା। ଏନେଇ କମିଟିର ଚେୟାରମ୍ୟାନ୍ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଟେଣ୍ଡର୍‌ରେ ସର୍ତ୍ତ ପରିବର୍ତ୍ତନ କରାଯାଇଥିଲା। ଟେଣ୍ଡର୍ ଖୋଲିବା ସମୟସୀମା ବୃଦ୍ଧି କରାଯିବା ସହ କିଛି ସର୍ତ୍ତରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପୁଣିଥରେ ସେଥିରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଥିବାରୁ ଜୁଲାଇ ୩୦ରେ ଟେଣ୍ଡର୍ ଖୋଲାଯିବା ପରେ ମଧ୍ୟ କେହି ଚୟନ ହୋଇନଥିଲେ। ଏହି ଘଟଣା ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ଆଜିଯାଏ ସାନି ଟେଣ୍ଡର୍ ଆହ୍ୱାନ କରାଯାଇନାହିଁ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ପୁଣି ପ୍ରଶାସନ ତାକୁ ଦାୟିତ୍ୱ ପ୍ରଦାନ କରିବା ପଛରେ ଥିବି ଅଭିସନ୍ଧି ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ସମ୍ପନ୍ନ ନ କରି ବାରମ୍ବାର ସମୟସୀମା ବୃଦ୍ଧି କରି ଅସ୍ଥାୟୀ ପରିବହନ ଦାୟିତ୍ୱ ଦେବା ପଛରେ ମୂଳ ଯୋଗାଣକାରୀ ସଂସ୍ଥା କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏକକ ଅଂଶଗ୍ରହଣକାରୀ କାରଣରୁ ଟେଣ୍ଡର୍ ବାତିଲ ହୋଇଯାଇଥିଲା। ଖୁବ୍‌ଶୀଘ୍ର ସାନି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ଟେଣ୍ଡର ସମୟରେ ଅନ୍ୟ ଜିଲ୍ଲାରେ ପ୍ରଣିତ ନିୟମାବଳୀ ପରି ମୟୂରଭଞ୍ଜ ଜିଲ୍ଲାରେ ନିୟମ କରାଯିବାକୁ ଆଶାୟୀମାନେ ସୋମବାର ମୟୂରଭଞ୍ଜ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିବେ ବୋଲି ସୂଚନା ମିଳିଛି।

କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍

# ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସମିସ): କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍। ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି। ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଦାଦା-ପୁତୁରାଙ୍କୁ ଛୁରାମାଡ଼

ପୁରୀ,୧୩।୯(ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଚାଲିଛି 'ଅପରେଶନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ସପ୍ତାହକ ମଧ୍ୟରେ ବିଭିନ୍ନ ମାମଲାରେ ଅନେକ ଅଭିଯୁକ୍ତ ମଧ୍ୟ ବନ୍ଧା ହେଲେଣି। ଏହାସତ୍ତ୍ୱେ କିଛି ଅପରାଧୀ ଏବେ ବି ପୋଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି। 'ଅପରେଶନ ଚକ୍ର'କୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ। ଜଣେ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରିବା ସହ ଦାଦା ପୁତୁରାଙ୍କୁ ଛୁରାମାଡ କରିଛି। ଆକ୍ରମଣର ଶିକାର ହୋଇଥିବା ଦାଦା ଓ ପୁତୁରା ହେଉଛନ୍ତି ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଦେହରେ ଆଘାତ ଲାଗିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବର ପାଇ ଘଟଣା ସ୍ଥଳରେ ସିଂହଦ୍ୱାର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରି ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେବେ ଆହତ ଦାଦା ପୁତୁରାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢାଉ ଜାରି ରଖିଛି।

# ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାଲେଶ୍ୱର, ୧୩।୯(ସମିସ): ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ପୁଅ ଧର୍ମରାଜ ମଲ୍ଲିକ (୨୫)। ବାଲେଶ୍ୱର ରେଳଷ୍ଟେସନ ନିକଟ ଆନନ୍ଦବଜାର ରେଳୱେ ଟ୍ରାକ୍‌ରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଦିବ୍ରୁଗଡ଼ ବିବେକ ସୁପରଫାଷ୍ଟ ଟ୍ରେନ୍ ଷ୍ଟେସନକୁ ପ୍ରବେଶ କରୁଥିବା ସମୟରେ ଧର୍ମରାଜ ହଠାତ ଟ୍ରେନ ସମ୍ମୁଖ ଦୌଡ଼ି ଯାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରେଳୱେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କ୍ୟାମ୍ପରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

ଅନୁଗୋଳ,୧୩।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ବନାଞ୍ଚଳ ଧଣ୍ଡାତୋପା ଓଭରବ୍ରିଜ୍ ନିକଟ ଏକ କ୍ୟାମ୍ପରୁ ଶୁକ୍ରବାର ଦେଶୀ ବନ୍ଧୁକ ସହ କିଛି ଅଫୁଟା ଗୁଳି ଜବତ ହୋଇଛି।




ଧଣ୍ଡାତୋପା ବନ ବିଭାଗ ଓ ଠାକୁରଗଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ବନ୍ଧୁକ ଓ ଗୁଳି ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ। ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସୁଶାନ୍ତ ଓ ଧୋବେଇ ଧଣ୍ଡାତୋପା ନିକଟରେ ଏକ କ୍ୟାମ୍ପ କରି କିଛି ଦିନ ହେବ ରହି ଆସୁଥିଲେ। ଦେଶୀ ବନ୍ଧୁକ ସାହାଯ୍ୟରେ ସେମାନେ ନିକଟସ୍ଥ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିଲେ। ଏନେଇ ସୂଚନା ମିଳିବା ଚଢ଼ଉ କରାଯାଇଥିଲା। ସେଠାରୁ ବନ୍ଧୁକ ଓ ଗୁଳି ସହ ବାରୁଦ, ଛୁରୀ, ୨ଟି ମୋବାଇଲ, ଟାଙ୍ଗିଆ, ତାର ଆଦି ଜବତ କରାଯାଇଛି।

# ବାରହା ଆକ୍ରମଣରେ ମହିଳା ଚାଷୀ ମୃତ

ପୋଲସରା,୧୩।୯(ସମିସ): ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମରେ ବାରହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସେହି ଗ୍ରାମର ପଦ୍ମାବତୀ ପୋଲାଇ। ଶୁକ୍ରବାର ସନ୍ଧ୍ୟାରେ ପଦ୍ମାବତୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ପରିବାରଲୋକେ ଖୋଜିବାକୁ ଯାଇ ଚାଷ ଜମିରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ପଦ୍ମାବତୀଙ୍କୁ ମୃତ ଘୋଷଣା କରିଥିଲେ। ପଦ୍ମାବତୀ ଚାଷ କାମ ସାରି ଫେରିବା ବେଳେ ବାରହା ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ପ୍ରତିବର୍ଷ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ବାରହା ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନୀ ହେଉଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା କହିଛନ୍ତି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକନାଗରି, ୧୩।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନେସନାଲ ପାର୍କ ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳି ବିନିମୟରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିଲା। ମାଓ ଦମନ ପାଇଁ ଡିଆରଜି, ଏସଟିଏଫ ଓ ସିଆରପିଏଫର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା। ମାଓବାଦୀମାନେ ଯବାନଙ୍କ ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ରାତି ତମାମ ସେଠାରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ୨ ମାଓବାଦୀଙ୍କ ମର ଶରୀର ସହ ୨ଟି ବନ୍ଧୁକ ଓ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ଯବାନ। ମୃତ ଦୁଇ ମାଓବାଦୀଙ୍କ ନାଁରେ ୮ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ବିଜାପୁର ଏସପି ଜିତେନ୍ଦ୍ର ଯାଦବ।

# ମହିଳା ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକନାଗରି,୧୩।୯(ସମିସ): ମାଓ ସଂଗଠନକୁ ପୁଣି ବଡ଼ ଝଟ୍‌କା ଲାଗିଛି। କୁଖ୍ୟାତ ମାଓନେତ୍ରୀ ସୁଜାତା ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା।



ସୂଚନାନୁଯାୟୀ, ସୁଜାତା ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ଗତ କିଛି ବର୍ଷ ଧରି ସଂଗଠନର ବିଭିନ୍ନ ଦାୟିତ୍ୱରେ ରହି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡ ଘଟାଇବା ପାଇଁ ସଠିକ ରଣନୀତି ପ୍ରସ୍ତୁତ କରିବା ସହ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲେ। ତେଲେଙ୍ଗାନା, ଆନ୍ଧ୍ର, ଓଡ଼ିଶା ସହ ଛତିଶଗଡ଼ର ଅନେକ ହିଂସାକାଣ୍ଡର ମଧ୍ୟ ସେ ନେତୃତ୍ୱ ନେଇଥିଲେ। ସୁଜାତା ନକ୍ସଲ ସଂଗଠନର ଦକ୍ଷିଣ ଉପ-ଜୋନାଲ କମିଟିର ବ୍ୟୁରୋ ଇନ୍‌ଚାର୍ଜ ମଧ୍ୟ ରହିଥିଲେ। ବିଶେଷକରି, ସେ ଛତିଶଗଡ଼ ବସ୍ତର୍ ଅଞ୍ଚଳରେ ସକ୍ରିୟ ରହିବା ସହ ମାଓ ସଙ୍ଗଠନକୁ ଏହି ଅଞ୍ଚଳରେ ସକ୍ରିୟ ରଖିବାରେ ତାଙ୍କର ବଡ଼ ଭୂମିକା ଥିଲା।

## ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର

ସୁଜାତାଙ୍କ ସ୍ୱାମୀ ତଥା ନକ୍ସଲ କମାଣ୍ଡର କିଶାନଜୀ ମଧ୍ୟ ଟପ୍ ମାଓନେତା ଭାବେ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ। ତେଲେଙ୍ଗାନା ଡିଜିପିଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଏହା ମାଓ ସଂଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

# ବାଣ ତିଆରି କାରଖାନାରେ ଚଢ଼ଉ

## ବିପୁଳ ପରିମାଣର ବାଣ, ବାରୁଦ ଜବତ; ୨ ଗିରଫ



ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାଣ ତିଆରି କାରଖାନାରେ ଆଜି ପୁଲିସ ଚଢ଼ଉ କରି ବିପୁଳ ବାଣ ଓ ବାରୁଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଛୁରୀପଡ଼ା ଗ୍ରାମର ଶ୍ରୀନିବାସ ସାହୁ ଓ ସନ୍ତୋଷ କୁମାର ସାହୁ। ଚଢ଼ଉ ସମୟରେ ୪୨ବସ୍ତା ଅଫୁଟା ବାଣ, ୫୦ କେଜି ବାରୁଦ ପାଉଡର୍ ଏବଂ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଥିବାରୁ ବାଛୁରିପଡ଼ା ଅଞ୍ଚଳରେ ବେଆଇନ ବାଣ ତିଆରି ଚାଲିଥିବା ଏବଂ ବିଭିନ୍ନ ଫାର୍ମ ହାଉସ୍‌ରେ ବେଆଇନ ବାଣ ଗଚ୍ଛିତ ରଖି ବାହାରକୁ ପଠାଯାଉଥିବା ନେଇ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏକ ସ୍ୱତନ୍ତ୍ର ଟିମ୍ ଓ ଏକ ପ୍ଲାଟୁନ୍ ପୁଲିସ ସହ ଆଜି ଅପରାହ୍ଣରେ ସେଠାରେ ଚଢ଼ଉ କରିଥିଲେ।

ମହଙ୍ଗା ପଡ଼ିଲା ବଟି ଆଦାୟ

# ନିଲମ୍ବିତ ହେଲେ ଆଇଆଇସି ମଧୁସ୍ମିତା

ଯାଜପୁର/ବଡ଼ଚଣା,୧୩।୯(ସମିସ): ବଡ଼ଚଣା ଥାନାର ପୂର୍ବତନ ଅଧିକାରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗର ପ୍ରମାଣ ମିଳିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ବଡ଼ଚଣା ଥାନାରୁ ଯାଜପୁର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ମଧୁସ୍ମିତାଙ୍କୁ ବଦଳିକୁ ନେଇ ନାନା ଗୁଜବ କରାଯାଉଥିଲେ ମଧ୍ୟ ତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଜି ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ମଧୁସ୍ମିତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଥିଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଜଣେ ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ବେଆଇନ ଭାବେ ଉଠାଇ ଆଣି ସେ ବଡ଼ଚଣା ଥାନାରେ ୩ଦିନ ଅଟକ ରଖିଥିଲେ। ତାଙ୍କୁ ମୁକୁଳାଇବା ପାଇଁ ମାହାଙ୍ଗା/ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇଜଣ ସାମ୍ବାଦିକଙ୍କ ଜରିଆରେ ଅଢ଼େଇ ଲକ୍ଷ ଟଙ୍କା ବଟି ଆଦାୟ କରିଥିଲେ। ସେଥିମଧ୍ୟରୁ ୯୦ ହଜାର ଟଙ୍କା ଫୋନ୍-ପେ'ରେ ଆଦାୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ପରିବାର ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ।

ଏହି ଘଟଣା ଗତ ଜୁନ ମାସରେ ହୋଇଥିଲେ ମଧ୍ୟ ଏହାକୁ ପୁଲିସ ବେଶ୍ ହାଲୁକା ଭାବେ ଗ୍ରହଣ କରିଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୩ ତାରିଖରେ ପ୍ରଥମେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା ଏବଂ ଏହା ପରେ ୨୯ ତାରିଖରେ ମଧ୍ୟ "ବଟି ନେଇଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?' ବୋଲି ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭାଗୀୟ ତଦନ୍ତରେ ତତ୍ପରତା ପ୍ରକାଶ ପାଇଥିଲା। ମଧୁସ୍ମିତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ସଂପୂର୍ଣ୍ଣ ସତ୍ୟ ଜଣାପଡ଼ିବା ପରେ ପ୍ରଥମେ ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ବଡ଼ଚଣା ଥାନା ଓ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ନାରାବାଜି କରାଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଇଥିଲା।



ସୂଚନାନୁସାରେ, ବଟି ଆଦାୟ ଘଟଣା ପରେ ବିବାଦୀୟ ହୋଇଯାଇଥିବା ମଧୁସ୍ମିତା ଅଚାନକ ବଡ଼ଚଣା ଅଞ୍ଚଳରେ ଏକ ଗୋରୁଗାଡ଼ିକୁ ଜବତ କରି ନିଜ ପାଇଁ ସମର୍ଥକ ଯୋଗାଡ଼ କରିଥିଲେ। ନିଜର କିଛି ସମର୍ଥକଙ୍କ ଜରିଆରେ ନିଜକୁ 'ଗୋ-ପୁତ୍ରୀ' ବୋଲି ପ୍ରଚାର କରିଥିଲେ। ତେଣୁ ମଧୁସ୍ମିତାଙ୍କୁ ଜଣେ ଗୋ-ରକ୍ଷକ ଭାବେ ଚିତ୍ରଣ କରିବା ସହ ତାଙ୍କ ବଦଳି ପଛରେ ଗୋ-ମାଫିଆଙ୍କ ହାତଥିବା ବାହାନା କରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସହିତ କିଛି ସାମ୍ବାଦିକ ଓ ସ୍ଥାନୀୟ ଲୋକ ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ୍ୟ ହୋହାଲ୍ଲା କରିଥିଲେ। କିନ୍ତୁ ମଧୁସ୍ମିତାଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ନ ଥାଇ ନିଜ ଥାନା ଅଞ୍ଚଳ ଛାଡ଼ି ଜିଲ୍ଲା ବାହାରକୁ ଯାଇ ଅନ୍ୟ ଥାନା ଅଞ୍ଚଳରୁ ସେ ଅଞ୍ଚଳର ଥାନାକୁ କୌଣସି ସୂଚନା ନ ଦେଇ ଜଣଙ୍କୁ ଉଠାଇ ଆଣି ୩ ଦିନ ଗୁପ୍ତରେ ଅଟକ ରଖିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା।

ଏଭଳି ଗୁରୁତର ଅଭିଯୋଗରୁ ନଜର ହଟାଇବା ପାଇଁ ଗୋ-ରକ୍ଷକ ଭାବେ ନିଜକୁ ଉପସ୍ଥାପନ କରି ଘଟଣାର ଦିଗ ବଦଳାଇବାକୁ ଚେଷ୍ଟା କରୁଥିଲେ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ। ସେପଟେ ଜଣେ ଥାନା ଅଧିକାରୀଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆସିବା ନେଇ ଏଥିରେ ଗୃହ ବିଭାଗ ହସ୍ତକ୍ଷେପ କରି ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ପି ପ୍ରଥମେ ଗତ ୭ ତାରିଖରେ ମଧୁସ୍ମିତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରିବା ପରେ ତାଙ୍କ ନିଲମ୍ବନ ପାଇଁ ସୁପାରିସ କରିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ (ଚିଠି ନଂ ୩୨୧୫) ତାଙ୍କୁ ନିଲମ୍ବିତ କରିଛନ୍ତି। ମଧୁସ୍ମିତା ନିଜ କାର୍ଯ୍ୟରେ ଅବହେଳା ଏବଂ ଦୁର୍ବ୍ୟବହାର କରିଥିବା ତାଙ୍କ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି।

■ ବଡ଼ଚଣା ଥାନାରୁ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ
■ ଗୋପୁତ୍ରୀ ଆଢୁଆଳରେ କରୁଥିଲେ ବଟି ଆଦାୟ

# ହଷ୍ଟେଲ ଛାତରୁ ଆଇଟିଆଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତାବ୍ଲକ୍, ୧୩।୯(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହୋତା ଗ୍ରାମ ନିକଟ ୬୦ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଅବସ୍ଥିତ ପପୁଲାର୍ ନାମକ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶୁକୁରମଣି ମାଝି(୧୬)। ହଷ୍ଟେଲ ଛାତ ଉପରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ଏହାକୁ ଶୁକୁରମଣିଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଛାତ୍ରୀଙ୍କ ବାପା-ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ

ଶୁକୁରୁମଣି ଉକ୍ତ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମବର୍ଷ ଛାତ୍ରୀ। ଶୁକ୍ରବାର ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଶବ ଛାତ ଉପରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି ଛାତ୍ରୀଙ୍କ ପରିବାରଲୋକେ।

# ନିଅଣ୍ଟିଆ ବର୍ଷାରେ ଚାଷ ଜମି ଶୁଖିଲା

ଚନ୍ଦନେଶ୍ୱର, ୧୩।୯ (ସମିସ)



ଭୋଗରାଇ ବ୍ଲକ ଅଧିକାଂଶ ପଞ୍ଚାୟତର ବନ୍ୟା ଚାଷୀଙ୍କୁ କଲବଲ କରୁଥିବାବେଳେ ଏହି ବ୍ଲକର ସମୁଦ୍ର ତଟବର୍ତ୍ତି ବହୁ ପଞ୍ଚାୟତର ଚାଷୀଙ୍କ ଶହ ଶହ ଏକର ଚାଷଜମି ଏବେ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳୁଛି। ସମୁଦ୍ର ତଟବର୍ତ୍ତୀ ତାଳସାରୀ, ବିନ୍ଧାପଦ୍ମପୁର, କୃଷ୍ଣନଗର, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଆଦି ଗ୍ରାମର ଧାନ ଚାଷ ଜମି ନିଅଣ୍ଟିଆ ବର୍ଷା ପାଇଁ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଚାଷୀ ହଜାର ହଜାର ଟଙ୍କା ଋଣ କରି ଧାନ ଚାଷ କରିଥାଆନ୍ତି। ନିଜ ଘରର ଖର୍ଚ୍ଚ ପରେ ବଳକା ଧାନକୁ ବିକ୍ରି କରି ଯାହା ଟଙ୍କା ମିଳେ ଋଣ ପରିଶୋଧ କରିବା ସହିତ ସାରା ବର୍ଷ ଯାକ ଏକମାତ୍ର ରୋଜଗାର ସେହି ଟଙ୍କାରେ ନିଜ ପରିବାର ପ୍ରତିପୋଷଣ କରନ୍ତି। ଆଶାନୁରୂପକ ବର୍ଷା ଭୋଗରାଇରେ ଏ ପର୍ଯ୍ୟନ୍ତ ହୋଇନାହିଁ। ଗଡିଆ, ପୋଖରୀରେ ମଧ୍ୟ ପାଣି ଭର୍ତ୍ତି ହୋଇନାହିଁ । ଜଳସେଚନର ମଧ୍ୟ ବ୍ୟବସ୍ଥା ହୋଇପାରିନାହିଁ। ଉପକୂଳ ଅଞ୍ଚଳର ଚାଷୀମାନେ ଋଣ କରି ଧାନ ଚାଷ କରିଥିଲେ। ଏବେ ବର୍ଷା ନ ହେଲେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲେ ଋଣ କିପରି ସୁଝିବେ ସେହି ଚିନ୍ତାରେ ଦିନ କାଟୁଛନ୍ତି। ଚାଷ ଉପରୁ ଚାଷୀଙ୍କର ନିରାଶା ଭାବ ସୃଷ୍ଟି ହେବା ସହିତ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପଡିବ ବୋଲି ତାଙ୍କ ମଧ୍ୟରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଉପକୂଳ ଅଞ୍ଚଳରେ ଥିବା ଶହ ଶହ ଏକର ଚାଷ ଜମିରେ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରରେ ଉଚ୍ଚ ଜୁଆର ମାଡ଼ ଯୋଗୁଁ ଚାଷ ଜମିରେ ଲୁଣି ମାଡି ଆସିବା ଫଳରେ ଚାଷ ନଷ୍ଟ ହେଉଛି। ଯାହା ଫଳରେ ଚାଷୀଙ୍କ ଋଣ ଭାର ସହି ନ ପାରି ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ସରକାର ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଅମୁଲ୍ୟ ଗିରି, ସୁବାସ ଧଳ, ଦେବକୁମାର ପାତ୍ର, ହାରିପଦ ଡଗରା, ମନ ଡଗରା, ବର୍ଷାଟି ମାଝୀ, ଟୁନା ମଙ୍ଗଳ, ରମେଶ ମହାନ୍ତି, ଲକ୍ଷ୍ମୀକାନ୍ତ ପାଳ, କାର୍ତ୍ତିକ ମଣ୍ଡଳ, ରମେଶ ପଟ୍ଟାୟତ, ଅଭିମନ୍ୟୁ ବେହେରା, ନବ ବେହେରା, ବିଜୟ ବେହେରା, ପୁଲିନ ମଲ୍ଲିକ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

**ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଚାଷୀ ଚିନ୍ତାରେ**

## ଦଦରା କୁଡ଼ିଆ ମରାମତି କଲେ ସ୍ୱେଚ୍ଛାସେବୀ

ଜଳେଶ୍ୱର,୧୩।୯ (ସମିସ) : କାଗଜ କଲମରେ ବିକାଶର ଡିଣ୍ଡିମ ବାଜୁଥିବା ବେଳେ ବହୁ ଗରିବ ପରିବାର ସହର ତଳିରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ୭ ନଂ ୱାର୍ଡର ଶାସନବାର୍ଡସ୍ଥିତ ସୁବର୍ଣ୍ଣରେଖା ନଦୀକୂଳ ବାସୀ ବାବୁ ଜାନ୍ ସାହା(୮୧)ଙ୍କ ପରିବାର ଅବସ୍ଥା ଶୋଚନୀୟ ହୋଇପଡିଛି। ନିଜର ଜାଗା ଖଣ୍ଡେ ନଥିବାରୁ ସୁବର୍ଣ୍ଣ ରେଖା ନଦୀ ବନ୍ଧ ତଳେ ଦୀର୍ଘ ୬୫ ବର୍ଷ ଧରି ବିପଦ ସଙ୍କୁଳ ଅବସ୍ଥାରେ ବସବାସ କରିଆସୁଛନ୍ତି। ଝାଟିମାଟି ଭଙ୍ଗା କୁଡିଆ ମରାମତି ନହୋଇ ପ୍ରତିକୂଳ ପରିବେଶରେ ଦୟନୀୟ ଅବସ୍ଥାରେ ୧୧ ଜଣିଆ ପରିବାର ଦୁର୍ବିସହ ଜୀବନ ବିତାଉଛନ୍ତି। ଦୀନ ଦୁଃଖୀଙ୍କ ସାହାରା ପାଲଟିଥିବା ଭୋଲା ଭଣ୍ଡାରୀ ଅନ୍ନ ଦାତା ପରିବାର ସୂଚନା ପାଇ ୩ଟି ଜରିପାଲ ଦ୍ୱାରା ବାସହୀନଙ୍କ ଘର ମରାମତି କରିଛନ୍ତି। ସଂଗଠନର ଉପଦେଷ୍ଟା କହ୍ନେୟା ଲାଲ ଜାଜୁ, କର୍ମକର୍ତ୍ତା ହରି ଶଙ୍କର ପଣ୍ଡା, କୁନି ସମାଜସେବୀ ଲିପୁନ୍ ପଣ୍ଡାଙ୍କ ପ୍ରୟାସରେ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବାବୁ ଜାନ୍ ଚାଚା ଗାଁ ଗଣ୍ଡାରେ ଟିଣ ବାକ୍ସ ଧରି ଚୁଳ



ବଦଳରେ ଚଣା, ବାଣ୍ଟି ପିଲା ମାନଙ୍କ ଠାରେ ବେଶ୍ ପରିଚତ ଥିଲେ। ସେ ଏବେ ଜରାଗ୍ରସ୍ତ ହୋଇ ଦୁଃଖ କଷ୍ଟ ରେ ଥିବା ବେଳେ ଘରବାଡ଼ି ପଟ୍ଟା ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପରିବାର ଶୋଚନୀୟ ଥିବା ବେଳେ ବର୍ଦ୍ଧିତ ଭତ୍ତା ସହାୟତା ଓ ଘରଡ଼ିହ ପଟ୍ଟା ପ୍ରଦାନ ଲାଗି ପ୍ରଶାସନକୁ ସମାଜସେବୀ ହରିଶଙ୍କର ପଣ୍ଡା ନିବେଦନ କରିଛନ୍ତି।

## ବାଘାଯତୀନ ସ୍ମୃତି ପରିଷଦର ତିନିଦିନିଆ ସାଇକଲ ଯାତ୍ରା ଉଦ୍‌ଯାପିତ



କାଳିପଦା, ୧୩।୯ (ସମିସ): ବାଘାଯତୀନ ସ୍ମୃତି ପରିଷଦର ତିନି ଦିନିଆ ସାଇକଲ ଯାତ୍ରା ଗତ ଶୁକ୍ରବାର ପରିସମାପ୍ତି ଘଟିଛି। ତିନିଦିନିଆ ଯାତ୍ରାରେ ସହଯୋଗ କରିଥିଲେ ସୁବର୍ଣ୍ଣରେଖା ନଦୀବନ୍ଧ ସୁରକ୍ଷା ସମିତି ଓ ଯୁବ ବିକାଶ ସମିତି। ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ସାଇକଲ ଯାତ୍ରା ଆରମ୍ଭ ହୋଇଥିଲା। ମାନପୁରରୁ ଚୌମୁଖ ପର୍ଯ୍ୟନ୍ତ ସୁବର୍ଣ୍ଣରେଖାରେ ସ୍ଥାୟୀ ଆଡି ବନ୍ଧ ଦାବିରେ ଏହି ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ଦାବିଗୁଡିକ ହେଉଛି ସୁବର୍ଣ୍ଣରେଖା ନଦୀରେ ମାନପୁରଠାରୁ କଙ୍କଡାପାଳ ପର୍ଯ୍ୟନ୍ତ ସ୍ଥାୟୀ ଆଡିବନ୍ଧ ସହିତ ଜଳ ନିଷ୍କାସନ ପାଇଁ ସଠିକ ପଦକ୍ଷେପ ଗ୍ରହଣ ଓ ନଦୀ ଗର୍ଭ ସାହିତ ମୁହାଁଣ ପର୍ଯ୍ୟନ୍ତ ଜମି ଯାଇଥିବା ବାଲି, ମାଟି ଆଦିର ଖନନ କରି ବନ୍ୟା ପାଣି ନିଷ୍କାସନ ପାଇଁ ବିଜ୍ଞାନ ସମ୍ମତ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପାଇଁ ବିଧିବଦ୍ଧ ଯୋଜନା କରାଯାଉ। ସାଇକେଲ ଯାତ୍ରା ଦେଭୋଗ, ମାନପୁର, ବଢାପାଳ, ଗୁନାପୁର, ବିଷ୍ଣୁପୁର, କୁହ୍ଲାଚଡ଼, ତାଳପଦା, କଚୁଆ ପୋଲ, କାଠ ଶଗଡା, ଜଗାଇ, ଆମ୍ବୁଚୁଆ, ଡଗରା ଗୁମୁଟି ଛକ, ହାଜିରା ଛକ, କଙ୍କଡ଼ପାଳ ମୁହାଁଣ, ଚୌମୁଖ ଆଦି ଗ୍ରାମ ଅତିକ୍ରମ କରିଥିଲା। ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ସମ୍ପାଦକ ମନ୍ମଥ କୁମାର ପାତ୍ର, ବସନ୍ତ କୁମାର ବାରିକ, କ୍ଷିତୀଶ ଚନ୍ଦ୍ର ଜେନା, ସୁଦାମ ଚରଣ ଦାସ, ଯୁବ ବିକାଶର ଅଧ୍ୟକ୍ଷ ଗୋବିନ୍ଦ ଦଳାଇ, ମନୋରଞ୍ଜନ ବେହେରା, ମନ୍ମଥ ନାୟକ, ମନ୍ମଥ ଦାସ, ହରେନ୍ଦ୍ର ପରିଡା, ସୁବୋଧ ସାହୁ, ଆଇନ ଜୀବୀ ଅର୍ଦ୍ଧେନ୍ଦୁ ବାରିକ, ଜିତେନ୍ଦ୍ର କୁମାର ପାତ୍ର, ବିଶ୍ୱ ରଞ୍ଜନ ସେଠୀ, ଗଙ୍ଗାଧର ମହାନ୍ତି, ସରୋଜ କୁମାର କର, ସଞ୍ଜୟ କୁମାର ପରିଡା, ଅକ୍ଷୟ କୁମାର ନାୟକ, ସଞ୍ଜୟ କୁମାର ଦାସ, ରବୀନ୍ଦ୍ର ନାଥ କର, ଜୟନ୍ତ କୁମାର ଜେନା ପ୍ରମୁଖ ସାମିଲ ହୋଇ ଥିଲେ। ତିନିଦିନିଆ ଏହି ଯାତ୍ରାରେ ସଚେତନତା ସଭା ସହିତ ପଥ ପ୍ରାନ୍ତ ସଭା ମଧ୍ୟ ଅନୁଷ୍ଠିତ ହୋଇ ଥିଲା। ଉଦ୍‌ଯାପନୀ ସଭାରେ ଶିକ୍ଷାବିତ ତଥା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ଯୋଗଦେଇ ଅଭିଯାତ୍ରୀ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା





ନୀଳଗିରି, ୧୩।୯ (ସମିସ): ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ରବିବାର ଠାରୁ ଆରମ୍ଭ ହେଉଛି ଷୋଡ଼ଶ ଦିନାଶକ ପୂଜା। ମୂଳାଷ୍ଟମୀ ତିଥିରେ ରାଜପ୍ରାସାଦରୁ ଅର୍ପଣ ଗୁଆ ଆସିବା ସହିତ ପାର୍ବଣ ଘଟକୁ ଉତ୍ତୋଳନ କରି ଠାକୁରାଣୀଙ୍କୁ ସହସ୍ରା କୁମ୍ଭାଭିଷେକ ଜଳଲାଗି କରାଯାଇ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେଉଛି। ଏହି ଶାରଦୀୟ ପାର୍ବଣ ପୂଜା ୧୬ ଦିନ ତଥା ଆସନ୍ତା ମଙ୍ଗଳବାର ମହାନବମୀ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସୁସଜ୍ଜିତ ହେଇ ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେବେ। ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ଗନ୍ଧା, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ରା କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଉଅଛି। ନୀଳଗିରି ରାଜବଂଶର ଇଷ୍ଟଦେବୀ ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କୁହାଯାଏ, ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କୁ ସ୍ଥାପନା କରିଥିଲେ। ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା'ଙ୍କ ମନ୍ଦିର ଭାଙ୍ଗି ଦେଇଥିଲେ। ଏହି ସମୟରେ ମା'ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲେ । ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତିରେ ମଧ୍ୟ ସ୍ୱତନ୍ତ୍ର ପୂଜା ହୋଇଥାଏ। ପୂଜକ ବିଜୟ କୁମାର ପଣ୍ଡାଙ୍କ କହିଛନ୍ତି, ଆମ ପୂର୍ବପୁରୁଷ ମାନେ ମା'ଙ୍କ ପୂଜା କରୁଥିଲେ, ଏବେ ମୁଖ୍ୟ ପୂଜକ ଭାବେ ଶ୍ରୀ ପଣ୍ଡା ପ୍ରତିଦିନ ଚଣ୍ଡୀ ପାଠ କରିବା ସହ ପୂଜା ପରିଚାଳନା କରୁଛନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେପ୍ଟେମ୍ବର ୨୮ ରେ ମହାସପ୍ତମୀ ପୂଜା ଓ ୨୯ ରେ ମହାଅଷ୍ଟମୀ ପୂଜା ସହ ୩୦ରେ ମହାନବମୀ ପୂଜା ଦିନ ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରାଇଥାନ୍ତି। ଅକ୍ଟୋବର ୧ରେ ବିଶ୍ରାମ ୨ ତାରିଖ ଦଶହରାରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବା ପରେ ପୂଜକ ଘଟକୁ ସୁସଜ୍ଜିତ କରି ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ପୂଜକ ମା'ଙ୍କ ସର୍ଦ୍ଦାର ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି।

## ଜଳେଶ୍ୱରରେ ଡିଜେ ଶବ୍ଦ ପ୍ରଦୂଷଣ ବନ୍ଦ ହେବ କେବେ

ଜଳେଶ୍ୱର, ୧୩। ୯ (ସମିସ): ଜଳେଶ୍ୱର ଅଞ୍ଚଳରେ ଡିଜେ ସାଉଣ୍ଡ ପ୍ରଦୂଷଣ ବନ୍ଦ ହେବ କେବେ। ବାଲେଶ୍ୱର ସହରରେ ଡିଜେ ସାଉଣ୍ଡ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଆଇନ ବ୍ୟବସ୍ଥା କରାଯାଉଥିବାବେଳେ ଜଳେଶ୍ୱର ସେଥିରୁ ବାଦ ପଡିଛି। ଫଳରେ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପ ଦାବୀ କରିଛନ୍ତି। ବର୍ଷସାରା ବିଭିନ୍ନ ପୂଜା ପାର୍ବଣ ତଥା ବିବାହ ଭୋଜି ଲାଗିରହିଛି। କିନ୍ତୁ ଡିଜେର ସାଉଣ୍ଡ ବିନା ପାଳନ ହେଉନାହିଁ। ଆଧୁନିକ ଯୁଗର ଯୁବକ ଯୁବତୀ ମାନଙ୍କ ପାଇଁ ଏହା ଅତ୍ୟାବଶ୍ୟକ ହୋଇ ଉଠିଥିବା ବେଳେ ବାର୍ଦ୍ଧକ୍ୟ ଓ ହୃଦ୍‌ରୋଗୀ ଓ ଶିଶୁମାନଙ୍କ ପାଇଁ ଏହା କାଳ ହୋଇ ଛିଡାହେଉଛି। ବହୁ ଘଟଣା ଘଟୁଥିଲେ ମଧ୍ୟ ଆଜିର ଯୁବ ପିଢିଙ୍କ ପାଇଁ ତାହା ଏକ ଦୁର୍ଘଟଣା ବ୍ୟତିତ କିଛି ନୁହେଁ। ଦେଶର ଉଚ୍ଚ ନ୍ୟାୟାଳୟ ଏହାର ପ୍ରତିବନ୍ଧକ ପାଇଁ ବହୁବାର ନିୟମ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ଦୁର୍ବଳତା ତଥା ସମ୍ପର୍କର ବନ୍ଧନ ଯୋଗୁଁ ନିୟମ ଲାଗୁ ହେବାରେ ବିଫଳ ହେଉଥିବାର ଦେଖିବାକୁ ମିଳୁଛି। ଡିଜେ ପ୍ରଦୂର୍ଷଣ ମାନବ ସମାଜ ପାଇଁ ଘାତକ ସାଜିଥିବା ବେଳେ ବାଲେଶ୍ୱର ସଦରରେ ଏହା ଲାଗୁ ହୋଇପାରୁଥିବା ବେଳେ ଆଂଚଳିକ ସହର ତଥା ଗ୍ରାମାଞ୍ଚଳରେ ଲାଗୁ ନହେବାର ଯର୍ଥାଥତା ଉପରେ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ତେଣୁ ତୁରନ୍ତ ଏହି ଶବ୍ଦ ପ୍ରଦୂଷଣକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଜଳେଶ୍ୱର ବାସୀ ଓ ବରିଷ୍ଠ ନାଗରୀକ ମାନେ ଦାବୀ କରିଛନ୍ତି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ନୀଳଗିରି, ୧୩।୯ (ସମିସ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଆପାତକାଳୀନ ଦିବସ ପାଳିତ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ନୀଳଗିରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶାରଦ ଭାବରେ ଡ. ଶୁଭ୍ରାଂଶୁ ଶେଖର ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ଆପାତକାଳୀନ ଚିକିତ୍ସା ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟଅତିଥି ଭାବରେ ଆପାତକାଳୀନ ଚିକିତ୍ସା ତାଲିମପ୍ରାପ୍ତ ଅଧ୍ୟାପିକା ସୁଷମା ଭୋଳ, ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ମମତା ପ୍ରିୟଦର୍ଶିନୀ ସାହୁ, ମୌସୁମୀ ଭୋଳ, ପବିତ୍ରା ବେହୁରିଆ ଯୋଗଦେଇ ବହୁତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍‌ର କାଉନସେଲର ଡ. ପ୍ରଦୀପ୍ତ ମିଶ୍ର ପରିଚାଳନା କରିବାସହ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

**● ଅଭିଯୋଗ ପରେ ମିଳିଲାନି ନ୍ୟାୟ**

## ଥାନା ଆଗରେ ମହିଳାଙ୍କ ଆତ୍ମାହୂତି ଚେତାବନୀ

ବାଲିଆପାଳ, ୧୩।୯ (ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମବାସୀଙ୍କ ଦ୍ୱାରା ସୁକାନ୍ତି ଦାସଙ୍କ ବାଡ଼ିରୁ ସେପ୍ଟେମ୍ବର ୯ ତାରିଖରେ ଗଛ କାଟିବା ଓ ବାଡ଼ ଭାଙ୍ଗିବା , ପୁଣି ୧୧ ତାରିଖ ଦିନ ତାଙ୍କୁ ଜୋରଜବରଦସ୍ତ ଘରେ ତାଲା ପକାଇ ଦେଇ ତାଙ୍କ ରୋଷେଇ ଘରକୁ ଜେସିବି ଲଗାଇ ଭାଙ୍ଗିଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଦୁଇ ଥର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି ପୁଲିସ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଶ୍ରୀମତୀ ଦାସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନ୍ୟାୟ ନ ମିଳିବାରୁ ବାଲିଆପାଳ ଥାନା ସମ୍ମୁଖରେ ଆତ୍ମାହୁତି ଦେବାକୁ ବାଧ୍ୟ ହେବେ ବୋଲି ଶନିବାର ପୂର୍ବାହ୍ନରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି।



## ଯୋଗାଣ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର ବ୍ଲକ, ୧୩।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଆଜକୁ ଦୀର୍ଘ ଦିନ ଧରି ଖାଦ୍ୟ ସୁରକ୍ଷା ବିଭାଗରେ ଶୃଙ୍ଖଳିତ ଭାବେ ସାଧାରଣ ଲୋକଙ୍କର ବିଭନ୍ନ କାର୍ଯ୍ୟ ସୁଚାରୁ ରୂପେ ହୋଇ ଆସୁଅଛି କିନ୍ତୁ ଗତ କାଲି କେତେକ ବିଶୃଙ୍ଖଳିତ ବ୍ୟକ୍ତି ବିଶେଷ ମାନେ ସାଧାରଣ ଲୋକଙ୍କ କାର୍ଯ୍ୟ ଚାଲିଥିବା ସମୟରେ ଯୋଜନା ବଦ୍ଧ ଭାବେ କାର୍ଯ୍ୟାଳୟକୁ ଆସି ଯୋଗାଣ ଅଧିକାରିଣୀ ଏବଂ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅଶୋଭନୀୟ ଆଚରଣ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏହି ଘଟଣା ସମୟ ଭିଡିଓ ଭାଇରାଲ ହୋଇଛି। ବିଭିନ୍ନ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ମାନେ ଦେଖି ଆଜି ଅପରାହ୍ନରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ସରପଞ୍ଚ ସଂଘ ପକ୍ଷରୁ ଉକ୍ତ ବିଶୃଙ୍ଖଳିତ ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ବନ୍ଧରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି।

## କମର୍ଦ୍ଦା ଥାନା ଆଗରେ ବିଜେଡି ଓ କଂଗ୍ରେସର ଧାରଣା

ଭୋଗରାଇ, ୧୩।୯ (ସମିସ) : ଭୋଗରାଇ ବ୍ଲକ କମର୍ଦ୍ଦା ଥାନାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଥାନା ସମ୍ମୁଖରେ ଆଜି ବିଜେଡି ଓ କଂଗ୍ରେସର ନେତା ଓ କର୍ମୀ ଧାରଣାରେ ବସିଥିବା ଜଣାପଡ଼ିଛି। କମର୍ଦ୍ଦା ଥାନା ଟି ପଶ୍ଚିମବଙ୍ଗ ସିମାନ୍ତ ବର୍ତ୍ତି ଥାନା ହେଇଥିବା ବେଳେ ଦୀର୍ଘଦିନ ଧରି ଆଇଆଇସି ନାହାନ୍ତି। ଏସ୍‌ଆଇ ମହିମହି ହେମ୍ରମ ବର୍ତ୍ତମାନ ଆଇଆଇସି ଦାୟିତ୍ୱ ଚଳାଉଛନ୍ତି। ମାତ୍ର ବେଶ କିଛିଦିନ ଧରି ଏହି ଥାନା ଅଞ୍ଚଳରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି। ଶାସକ ଦଳର ସ୍ଥାନୀୟ ନେତାଙ୍କ ଚାପରେ ପୁଲିସ କାର୍ଯ୍ୟ କରୁଥିବା ଓ ନିର୍ଦୋଷ ଲୋକଙ୍କୁ ରାତି ଅଧିଆ ଉଠାଇ ଆଣି ମାନସିକ ଓ ଶାରିରୀକ ଚାପ ଦେଉଥିବା ଅଭିଯୋଗ ହେଇଛି। କମର୍ଦ୍ଦା ଥାନା ଅନ୍ତର୍ଗତ ପୁରୁଷୋତ୍ତମ ପୁର ଗ୍ରାମର ରାଜକିଶୋର ପାତ୍ର ଓ ତାଙ୍କର ସହଯୋଗୀଙ୍କୁ ଏକ ନଳକୂପ ଖନନ ସ୍ଥାନ ଚିହ୍ନଟକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଯାଇଥିଲା। ଏ ନେଇ ଗୋଟିଏ ଗୋଷ୍ଠୀ ଅଭିଯୋଗ କରିଥିବା ବେଳେ ଅନ୍ୟ ଗୋଷ୍ଠୀର ଆଉ ଦୁଇ ଜଣ ମଧ୍ୟ ଅଭିଯୋଗ ଦେବାକୁ ଆସିଥିଲେ। ମାତ୍ର କମର୍ଦ୍ଦା ପୁଲିସ ସେମାନଙ୍କୁ ରାତି ସାରା ଥାନାରେ ଅଟକ ରଖିଥିଲେ। ବିନା ତଦନ୍ତରେ କିଭଳି ଦୁଇଜଣଙ୍କୁ ରାତି ସାରା ଅଟକ ରଖିଲା କମର୍ଦ୍ଦା ପୁଲିସ ଏ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଥାନା ଆଗରେ ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଦତ୍ତ, କଂଗ୍ରେସ ନେତା ସତ୍ୟଶିବ ଦାସ, ୩୩ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା ସହିତ ଶହଶହ ବିଜେଡି ଓ କଂଗ୍ରେସ କର୍ମୀ ନେତା ମାନେ ଧାରଣାରେ ବସିଥିଲେ। ବହୁ ସମୟ ବିଜେଡି ଓ କଂଗ୍ରେସ ନେତା ଓ କର୍ମୀମାନଙ୍କ ବିରୋଧ ପରେ ପୁଲିସ ଅଟକ ଥିବା ଦୁଇ ଜଣଙ୍କୁ ଛାଡି ଥିଲା। ଯଥା ଶିଘ୍ର କମର୍ଦ୍ଦା ଥାନା ଆଇଆଇସି ଦାୟିତ୍ୱରେ ଥିବା ଏସଆଇ ମହିମହି ହେମ୍ରମକୁ ବଦଳି କରିବା ସହିତ ଥାନାରେ ନୂତନ ଆଇ ଆଇସି ନିଯୁକ୍ତି କରିବା ପାଇଁ ଉଭୟ ବିଜେଡି ଓ କଂଗ୍ରେସର ନେତା କର୍ମୀମାନେ ଦାବି କରିଛନ୍ତି।




## ରାସନ ସାମଗ୍ରୀ ବଣ୍ଟନ

ଜଳେଶ୍ୱର,୧୩।୯ (ସମିସ): ଜଳେଶ୍ୱର ବ୍ଲକଅଧିନ ବର୍ତ୍ତନା ପଞ୍ଚାୟତ ଶୋଳଶୋଣ୍ଡା ଗ୍ରାମରେ ଭୁବନେଶ୍ୱରସ୍ଥିତ ରବିନ୍ ହୁଡ ଆର୍ମି ସଂଗଠନ ପକ୍ଷରୁ ଜନଜାତି ଶ୍ରେଣୀର ଆର୍ଥିକ ଅନଗ୍ରସର ଲୋକଙ୍କୁ ରାସନ୍ ସାମଗ୍ରୀ ପ୍ରଦାନ କରାଯାଇଛି। କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ମାର୍ଗଦର୍ଶନରେ ଶନିବାର ଅପରାହ୍ନରେ ପ୍ରାକ୍ତନ ସରପଞ୍ଚ ପଦ୍ମ ଲୋଚନ ବେହେରା ଆସିଥିବା ସହାୟତା ସାମଗ୍ରୀକୁ ବିତରଣ କରିଥିଲେ। ପ୍ରାୟ ଏକ ଶହ ପରିବାର ପିଛା ୫ କେଜି ଚାଉଳ, ଏକ କେଜି ଡାଲି ଓ ଲୁଗାପଟା ଇତ୍ୟାଦି ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମରେ ଗୋପାଳ ଚନ୍ଦ୍ର ବେହେରା, ତ୍ରିଲୋଚନ ସେଠୀ, ମନୋଜ ଟୁଡୁ, ବାମଦେବ ପ୍ରଧାନ, ବିଶ୍ୱନାଥ ବେହେରା, ଶ୍ରୀକାନ୍ତ ପ୍ରଧାନ, ଦିଲ୍ଲୀପ ଜେନା ପ୍ରମୁଖ ସହଯୋଗ କରିଥିଲେ।

**କରତକଳ ବନ୍ଦ ଯୋଗୁ ବଢ଼ୁଛି ଅସନ୍ତୋଷ**

## ଓଡ଼ିଶାରୁ କାଠ ନେଇ ବଙ୍ଗ ମାଫିଆ ମାଲେମାଲ

ବାଲିଆପାଳ, ୧୩।୯ (ସମିସ)

୧୯୪୭ ମସିହାରେ ସରକାର ଲୋକମାନଙ୍କର ଅତ୍ୟାବଶ୍ୟକ ସାମଗ୍ରୀ ଭାବେ କାଠର ବ୍ୟବହାର ପାଇଁ ଜିଲ୍ଲାରେ ହାତ ଗଣତି ମାତ୍ର କେତୋଟି କରତ କଳ ବସାଇବାକୁ ଅନୁମତି ଦେଇଥିଲେ। ସେତେବେଳେ ଏହା ସୀମିତ ପରିବେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ଅକ୍ତିଆର କରିଥିଲେ। ତାହା ଏବେ ମଧ୍ୟ ବଳବତ୍ତର ରହିଛି। ଉକ୍ତ କରତକଳ ଗୁଡିକ ଉତ୍ତର ବାଲେଶ୍ୱରର ବସ୍ତା ରୁ ୩୦ କିଲୋମିଟର ବାଲିଆପାଳରୁ ୫୦ -୬୦ କିଲୋମିଟର, ଜଳେଶ୍ୱରରୁ ୫୦-୬୫ କିଲୋମିଟର, ଭୋଗରାଇରୁ ୮୦କିଲୋମିଟର ଦୂରତାରେ ରହିଛି। ତେଣୁ ଜଣେ ସାଧାରଣ ଲୋକ ଘରଟିଏ ତିଆରି କରିବାକୁ ଆବଶ୍ୟକୀୟ କାଠ କିମ୍ବା ଘରର ଆସବାବପତ୍ର ତିଆରି କରିବା ପାଇଁ ଏତେ ଦୂର ଯିବା ସମ୍ଭବପର ନୁହେଁ। ଏଭଳି ସମସ୍ୟାକୁ ନଜର କରି ବିଗତ ଦିନ ମାନଙ୍କରେ କିଛି ନେତୃତ୍ୱମଣ୍ଡଳୀ ବନ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରି କିଛି ଅସ୍ଥାୟୀ କରତକଳ ବସାଇଥିଲେ। ଯାହାକୁ ନେଇ ଲୋକେ ନିଜର ଅତ୍ୟାବଶ୍ୟକ ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଦୀର୍ଘଦିନ ଧରି ପ୍ରଶାସନ ପ୍ରଶାସକଙ୍କ ମଧୁଚନ୍ଦ୍ରିକାରେ ସବୁ ଠିକ ଠାକ ଚାଲିଥିଲା। ଏସବୁ ବନ୍ଦ ଯୋଗୁ ପଶ୍ଚିମବଙ୍ଗର କାଠ ମାଫିଆ ମାନେ ଓଡିଶାରୁ କାଠ ନେଇ ମାଲେମାଲ ହେଉଛନ୍ତି। ଆମେ ସ୍ୱଇଚ୍ଛାରେ କାଠ ଗଣ୍ଡି ସବୁ ଦେଇ ଦେଉଛୁ ଏବଂ ତାଙ୍କଠାରୁ ଖଟ ପଲଙ୍କ, ଟେବୁଲ ଚେୟାର ଏବଂ ଘରୋଇ ଉପକରଣ ଚଢା ଦରରେ କିଣିବାକୁ ବାଧ ହେଉଛୁ। ଯଦି ନୂଆ ସରକାର ନୂଆ ନିୟମ କରି ଲୋକମାନଙ୍କ ମନରେ ଏକ ଜାଗରଣ ସୃଷ୍ଟି କରିପାରିଛନ୍ତି ତେବେ ରାଜ୍ୟର ବନବିଭାଗରେ ପଚାଶ ବର୍ଷ ତଳର ନିୟମକୁ ଭାଙ୍ଗି ନୂତନ ନିୟମ ଲାଗୁ କରିବା ସହିତ ପ୍ରତି ବ୍ଲକରେ ଅନ୍ୟୁନ ଦୁଇଟି ଲେଖାଏଁ କରତ କଳ ବସାଇ ପାରିଲେ ରାଜସ୍ୱ ବୃଦ୍ଧି ସହିତ ପଶ୍ଚିମବଙ୍ଗର ଚୋରା କାଠ ବେପାରୀଙ୍କୁ ଦମନ କରାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

# ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ ସମାରୋହ ଉଦ୍‌ଯାପିତ




ବାଲେଶ୍ୱର,୧୩।୯ (ସମିସ): ଜୀବନକୁ ବଞ୍ଚାଇବାର ବାର୍ତ୍ତା ନେଇ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ ସମାରୋହ ଉଦଯାପିତ ହୋଇଯାଇଛି। ସମାପନୀ ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜୀବନର ସମ୍ଭାବ୍ୟ ସମାଧାନ ସହ ଅଗ୍ରସର ହୋଇ ସଫଳତାର ସ୍ୱାଦ ସହ ପରିଚୟପ୍ରାପ୍ତି କରିଥିବାର ଉଦାହରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପବିତ୍ରମୋହନ ନାୟକଙ୍କ ସମେତ ବ୍ୟବହାରିକ ମନୋବିଜ୍ଞାନ ବିଭାଗର ସଂଯୋଜକ ଡ. ରାଜଶ୍ରୀ ଦତ୍ତ ଓ ବିଭାଗ ଅଧ୍ୟାପକ-ଅଧ୍ୟାପିକା ଶଶାଙ୍କ ଶେଖର ଗଡନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ 'ମୁଁ ବି ବଞ୍ଚିବାକୁ ଚାହେଁ' ନାଟକ ବିଭିନ୍ନ ଗ୍ରାମାଞ୍ଚଳର ଦର୍ଶକମାନଙ୍କ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ଶିକ୍ଷାପ୍ରଦ ହୋଇଥିଲା। ଚରିତ୍ରମାନଙ୍କର ସଂବେଦନଶୀଳ ଅଭିନୟ ଦର୍ଶକମାନଙ୍କ ମନରେ ଗଭୀର ପ୍ରଭାବ ପକାଇବା ସହ ସର୍ବପ୍ରଥମେ ଜୀବନକୁ ବାଛିବା ସନ୍ଦେଶକୁ ଜୀବନ୍ତ କରିଥିଲା। ୧୧ ସେପ୍ଟେମ୍ବରରେ ସଚେତନତା ପଦଯାତ୍ରା କ୍ୟାମ୍ପସ୍‌ରୁ ନିକଟସ୍ଥ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କରାଯାଇଥିଲା। ସେଥିରେ 'ଜୀବନକୁ ବଞ୍ଚାନ୍ତୁ', 'ନିଜ କଥା କହନ୍ତୁ, ଅନ୍ୟ ମାନଙ୍କୁ ଶୁଣନ୍ତୁ, "ସମ୍ବେଦନଶୀଳ ହେବା ସହ ସହଯୋଗ କରନ୍ତୁ' ପରି ସ୍ଲୋଗାନରେ ଛାତ୍ରଛାତ୍ରୀ ଗ୍ରାମବାସୀମାନଙ୍କୁ ସଚେତନ କରିଥିଲେ। ପଦଯାତ୍ରାରେ ସମସ୍ତଙ୍କ ଉତ୍ସାହୀ ଅଂଶଗ୍ରହଣ ଏକ ସାମୁହିକ ସହଯୋଗାତ୍ମକ ଆଭିମୁଖ୍ୟକୁ ସାଧାରଣ ଲୋକଙ୍କ ପହଞ୍ଚାଇଥିଲା। ୯ ସେପ୍ଟେମ୍ବରର ସୃଜନଶୀଳ ପ୍ରତିଯୋଗିତା (ନିବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ)ରେ ଛାତ୍ରଛାତ୍ରୀଙ୍କ ସାହସୀ ଚିନ୍ତା-ଧାରା, ସାମାଜିକ ସନ୍ଦେଶ ଓ ଚିତ୍ରକଳାଗୁଡ଼ିକ ବିଶିଷ୍ଟ ଅତିଥି ଓ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ସମାପନୀ ଉତ୍ସବରେ ସଚେତନତାମୂଳକ ପ୍ରତିଜ୍ଞା ଗ୍ରହଣ କରାଗଲା ଓ ସପ୍ତାହ ଭରି ସକ୍ରିୟ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ଅବ୍ୟବସ୍ଥା ମଧ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ

# ବିଭିନ୍ନ ୱାର୍ଡରେ ପାଣି ସଙ୍କଟ; ହୋହଲ୍ଲା

ବାଲେଶ୍ୱର,୧୩।୯ (ସମିସ)







ବହୁ ଆନ୍ଦୋଳନ ପରେ ବାଲେଶ୍ୱର ଜିଲ୍ଲାରେ ଗଢ଼ିଉଠିଥିଲା ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ। ଲକ୍ଷ୍ୟ ଥିଲା ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା। ଦୀର୍ଘବର୍ଷ ଜିଲ୍ଲା ମୁଖ୍ୟାଳୟରେ ଏହି ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଚାଲୁଥିବା ବେଳେ ରେମୁଣାକୁ ସମ୍ପୂର୍ଣ୍ଣ ଭାବେ ଏହା ଉଠିଯାଇଛି। ସେଠାରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଉଛି ଏହି ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ। ହେଲେ ଏବେ ଏହି ହସପିଟାଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। କେତେବେଳେ ଲିଫ୍ଟ ଅଚଳ ତ ଆଉ କେତେବେଳେ ସିକ୍ୟୁରିଟି ଗାର୍ଡମାନେ ରୋଗୀମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ହେଲେ ଆଜି ଭିନ୍ନ ଏକ ଘଟଣା ଦେଖିବାକୁ ମିଳିଛି ସେଠାରେ।

ଶୁକ୍ରବାର ରାତି ୩ଟାରୁ ହସପିଟାଲର ବିଭିନ୍ନ ୱାର୍ଡରେ ପାଣି ନ ପାଇ ରୋଗୀମାନେ ହନ୍ତସନ୍ତ ହେଉଥିବା ବେଳେ ବାଧ ହୋଇ ବାହାରୁ ପାଣି ଆଣି ନିଜ କାର୍ଯ୍ୟ କରୁଛନ୍ତି। ଫଳରେ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରୁ ସେମାନେ ହସପିଟାଲର ପଞ୍ଜୀକରଣ କେନ୍ଦ୍ର ସମ୍ମୁଖରେ ହୋହାଲ୍ଲା କରିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ଥିବା ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଜିଲ୍ଲାପାଇଁ ବହୁ ଗୁରୁତ୍ୱ ବହନ କରେ। ଏହି ହସପିଟାଲକୁ ଜିଲ୍ଲା ବ୍ୟତିତ ପଡ଼ୋଶୀ ରାଜ୍ୟର ରୋଗୀମାନେ ଚିକିତ୍ସା ପାଇଁ ମଧ୍ୟ ନିର୍ଭର କରନ୍ତି। ହେଲେ ଆଜି ଏଠାରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ହସପିଟାଲରେ ଶୁକ୍ରବାର ରାତି ୩ଟା ଠାରୁ ବିଭିନ୍ନ ୱାର୍ଡରେ ହଠାତ ପାଣି ବନ୍ଦ ହୋଇଯାଇଥିଲା। ରୋଗୀମାନେ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଫଳରେ ସେମାନେ ସେମାନଙ୍କର ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟ କରିପାରି ନଥିଲେ। ଏପରିକି ସେମାନେ ସକାଳେ ଶୌଚପାଇଁ ମେଡିକାଲ ବାହାରକୁ ଯିବାକୁ ମଧ ପଡିଥିଲା। ଫଳରେ ବାଧହୋଇ ସେମାନେ ମେଡିକାଲରୁ ବାହାରି ଦୀର୍ଘ ଏକ କିଲୋମିଟର ରାସ୍ତା ଯାଇ ବାଲତିରେ ପାଣି ନେଇ ମେଡିକାଲକୁ ଆସୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଦୀର୍ଘସମୟ ଧରି ପାଣି ନ ଆସିବା ଫଳରେ ସେମାନେ ମେଡିକାଲ କର୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଫଳରେ ସେମାନେ ମେଡିକାଲର ପଞ୍ଜୀକରଣ କେନ୍ଦ୍ର ନିକଟରେ ରୋଗୀଙ୍କ ସମ୍ପର୍କୀୟମାନେ ଏକାଠି ହୋଇ ହୋହାଲ୍ଲା କରିଥିଲେ। ଏ ନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ ସତ୍ୟନାରାୟଣ ପଣ୍ଡା କହିଛନ୍ତି ଯେ, ସେଠାରେ ପାଣିର ଅସୁବିଧା ହୋଇଛି। ହେଲେ କ'ଣ କାରଣ ପାଇଁ ହୋଇଛି ତାହା ସଠିକ ଭାବେ ଜାଣି ନାହାନ୍ତି। ହେଲେ ରାତି ୨ଟାରୁ ପାଣି ନଥିବା ବେଳେ ଭୋର ୫ଟା ସମୟରେ ସେମାନେ ଟ୍ୟାପରେ ପାଣି ଖୋଜିବାରୁ ପାଣିନଥିବା ଜାଣିବାକୁ ପାଇଥିଲେ। ଏପରିକି ସମ୍ପୂର୍ଣ୍ଣ ବିଲଡିଂରେ ପାଣିନଥିବା କହିଛନ୍ତି। ଏପରିକି ହସପିଟାଲ ସାରା କୌଣସି ବିଭାଗରେ ପାଣି ନଥିବା କହିଛନ୍ତି। ଏପରିକି ସେମାନେ ସିକ୍ୟୁରିଟିଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ନ ଥିଲା। ଏପରିକି ବିଭାଗର କୌଣସି କର୍ମଚାରୀ ନଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେମାନେ ବାଧ ହୋଇ ରୋଗୀଙ୍କୁ ପାଣି କିଣିକି ଆଣି ଦେଇଛନ୍ତି ବୋଲି କହିଛନ୍ତି।

ଅନ୍ୟପଟେ ଆଜି ମେଡିକାଲ ଲିଫ୍ଟରେ ଯାଉଥିବା ବେଳେ କିଛି ରୋଗୀ ପାଖାପାଖି ୨୦ରୁ୨୫ମିନିଟ ତା ମଧ୍ୟରେ ଫଶିଯାଇଥିଲେ। ମେଡିକାଲରେ ବହୁ ଲିଫ୍ଟ ରହିଥିବା ବେଳେ ମାତ୍ର ୩ଟି ଲିଫ୍ଟ ଚାଲୁଥିବା ବେଳେ ଅନ୍ୟାନ୍ୟ ଲିଫ୍ଟ ଗୁଡିକ ସଠିକ ଭାବେ କାର୍ଯ୍ୟକରୁନଥିବା ଜଣାଯାଇଛି। ଏ ନେଇ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଡିନ ଡା. ଜନିନ୍ଦ୍ର ବେହେରା କହିଛନ୍ତି ଯେ, ମେଡିକାଲକୁ ଆସୁଥିବା ପାଣିର ଚାବି କେମିତି ବନ୍ଦ ହୋଇଯାଇଥିଲା। ରାତି ହୋଇଥିବାରୁ ତାହା ଜଣାପଡିନଥିଲା। ତେବେ ସକାଳେ ଦୀର୍ଘ ସମୟ ପରେ ଅର୍ଥାତ ୯ଟାରୁ ୯ଟା ୩୦ମଧ୍ୟରେ ପାଣି ଆସିଥିଲା। ଅନ୍ୟପଟେ ମେଡିକାଲରେ ତିନୋଟି ଲିଫ୍ଟ କାର୍ଯ୍ୟକ୍ଷମ ହେଉଥିବା ବେଳେ ବାକି ଲିଫ୍ଟ ଗୁଡିକ ମେଡିକାଲ କଲେଜକୁ ହସ୍ତାନ୍ତର ହୋଇନାହିଁ। ତେବେ ଯଦି ଲିଫ୍ଟରେ ଫସିବା ଭଳି ଯଦି କୌଣସି ଘଟଣା ଘଟିଥାଏ ତେବେ ତୁରନ୍ତ ଏହାର ସମାଧାନ କରାଯିବା ସହ ସମସ୍ତ ଲିଫ୍ଟ ଗୁଡିକୁ କାର୍ଯ୍ୟ କରୁଥିବା ସଂସ୍ଥାକୁ ହସ୍ତାନ୍ତର ପାଇଁ କୁହାଯିବ ବୋଲି କହିଛନ୍ତି।

# ସୋଲପଟା ହାଇସ୍କୁଲରେ ପ୍ରତିଭା ସମ୍ମାନ ସମାରୋହ




ବାଲେଶ୍ୱର,୧୩।୯ (ସମିସ): ସଦର ବ୍ଲକ ଅନ୍ତର୍ଗତ କୁରାଡିହା ପଞ୍ଚାୟତ ସ୍ଥିତ ସୋଲପଟା ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ପରିଷଦ ଦ୍ୱାରା ପ୍ରତିଭା ସମ୍ମାନ ସମାରୋହ ପାଳିତ ହୋଇଯାଇଛି। ପିଲାମାନଙ୍କର ଏହି ସଭାରେ ପୁରାତନ ଛାତ୍ର ପରିଷଦର ସଭାପତି ଅରୁଣ କୁମାର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କୋଷାଧ୍ୟକ୍ଷ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ସାହୁ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ପାତ୍ର, ଶିକ୍ଷାବିତ ସର୍ବେଶ୍ୱର ସେଠୀ, ସଦର ବିଧାୟକ ପ୍ରତିନିଧି ମହେଶ୍ୱର ନାୟକ, ପରିଚାଳନା ସମିତିର ସଭାପତି ପ୍ରତାପ ଚନ୍ଦ୍ର ବାରିକ ଏବଂ ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ରହି କୃତି ବିଦ୍ୟାର୍ଥୀଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା ବର୍ଷ ୨୦୨୪-୨୫ ବୋର୍ଡର୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଦୁଇ ଛାତ୍ରୀ ସୁନୟନା ଦାସ ଏବଂ ବିଷ୍ଣୁପ୍ରିୟା ଦାସଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଗତ ଶିକ୍ଷା ବର୍ଷରେ ଅଷ୍ଟମ ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଦେବଶ୍ରୀ ପାତ୍ର, କୃଷ୍ଣ ସାନ୍ତରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନବମ ଶ୍ରେଣୀରୁ ପ୍ରିୟଙ୍କା ନାୟକ, ଅଭିପ୍ସା ପ୍ରଧାନ, ଅଙ୍କିତା ବେହେରାଙ୍କୁ ମଧ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବିଶେଷ ଭାବରେ ବିଦ୍ୟାଳୟର ଫାଉଣ୍ଡର ମେମ୍ବର ତଥା ପ୍ରଥମ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପାଣିଙ୍କ ଶିକ୍ଷକତାରୁ ଅବସର ନେବା ପରିପ୍ରେକ୍ଷୀରେ ପଦ ପୂଜନ କରିବା ସହ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପରିଷଦର ସଦସ୍ୟ ତଥା ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ପରିଷଦର ସମ୍ପାଦକ ତଥା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ସନ୍ତୋଷ ନାୟକ, ରାଜ କିଶୋର ରାଉତ, ରାଧାଗୋବିନ୍ଦ ମାଝୀ, ରବିନ୍ଦ୍ର ମାଇତି, ଆଲ୍ପନା ବେରା, ଅମ୍ବିକା ବେରା, ସୁଧନା ଜାନା ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଂଗଠନିକ ବୈଠକ

ବାଲେଶ୍ୱର,୧୩।୯ (ସମିସ): ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିବା ଅବସରରେ ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ପେନସନର୍ସ ବିଶ୍ରାମାଗାର ଓ ପାଠାଗାର ପରିସର ଦେଖିବା ସହ କର୍ମକର୍ତ୍ତା ଏବଂ ସଭ୍ୟସଭ୍ୟାଙ୍କ ସହ ଆଲୋଚନା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସଭାପତି ଇଂ ବନମାଳୀ ନାୟକ ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ସୁଦର୍ଶନ ଦାସ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ସହିତ ଚିକିତ୍ସା ଭତ୍ତା ଓ ଚିକିତ୍ସା କ୍ଷେତ୍ରରେ ସୁବିଧା ସୁଯୋଗ ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ବିଧାୟକଙ୍କ ସହିତ ଆଲୋଚନାରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ସାହୁ, ଉପାଧ୍ୟକ୍ଷା ବାସନ୍ତୀ ପାତ୍ର, ସଙ୍ଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଅର୍ଥ ସମ୍ପାଦକ ଯୁଧୀଷ୍ଠିର ନନ୍ଦ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ପୂର୍ବତନ ସମ୍ପାଦକ ବସନ୍ତ ନାୟକ ଅଂଶଗ୍ରହଣ କରିଥିଲେ। ବସ୍ତା ଶାଖାର ସଭାପତି ଶିଶିର କୁମାର ରଥ, ସମ୍ପାଦକ କୁମୁଦ ରଞ୍ଜନ ଗିରି, ଉତର ରେମୁଣା ସଭାପତି ଯୋଗେନ୍ଦ୍ର ନାଥ ସିଂ ଉପସ୍ଥିତ ଥିଲେ।

# ଏଲ୍‌ଆଇସି କର୍ମଚାରୀଙ୍କ ଆତ୍ମହତ୍ୟା

ବାଲେଶ୍ୱର, ୧୩।୯ (ସମିସ): ସଦର ଥାନା ଅର୍ନ୍ତଗତ ମେଘଡମ୍ବୁରପୁର ଅଞ୍ଚଳରେ ଜଣେ ଏଲଆଇସି କର୍ମଚାରୀ ନିଜ ଘରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ିନଥିବା ବେଳେ ସଦର ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଛି। ମୃତ ଏଲଆଇସି କର୍ମଚାରୀ ଜଣଙ୍କ ହେଉଛନ୍ତି ପରିକ୍ଷୀ ପଂଚାୟତ ହଣାଗଡ଼ ଗ୍ରାମର ରାଜକିଶୋର ସିଂ। ଅନ୍ୟପଟେ ପୁଲିସ ମୃତ ରାଜକିଶୋରଙ୍କ ପତ୍ନୀ ଓ ପୁଅଙ୍କ ଉପସ୍ଥିତିରେ ମୃତ ଦେହକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାଜକିଶୋର ଏଲଆଇସିର ଡିଇଓ ଭାବେ କାର୍ଯ୍ୟ କରୁଥିଲେ। ସେ ବାଲେଶ୍ୱର ସଦର ଥାନା ଅର୍ନ୍ତଗତ ମେଘଡମ୍ବୁରପର ଅଞ୍ଚଳରେ ଘର କରି ସେଠାରେ ରହୁଥିଲେ। ହେଲେ ଦୀର୍ଘଦିନ ହେବ ତାଙ୍କର ଶରୀର ଅସୁସ୍ଥ ରହୁଥିଲା। ଏପରିକି ବିଭିନ୍ନ ସମୟରେ ମାନସିକ ଚାପରେ ମଧ୍ୟରେ ରହୁଥିଲେ। ହେଲେ ହଠାତ ମେଘଡମ୍ବୁରପୁର ଅଞ୍ଚଳର ନିଜସ୍ୱ ଘରେ ଛାତରେ ବାହାରିଥିବା ଏକ ହୁକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଆଜି ସକାଳେ ରାଜକିଶୋର ପତ୍ନୀ ଏବଂ ପୁଅ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ତୁରନ୍ତ ସଦର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସ୍ମାରକପତ୍ର



ବାଲେଶ୍ୱର,୧୩।୯ (ସମିସ): ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ଜିଲ୍ଲାପାଳଙ୍କୁ ଭେଟି ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଦୁଇବର୍ଷ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲ୍ଲାପାଳ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ପାଖାପାଖି ୯୦ ଜଣ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟକରି ଆସୁଛନ୍ତି। କିନ୍ତୁ କୌଣସି କାରଣ ନ ଥାଇ କିଛି କର୍ମଚାରୀଙ୍କୁ ଛଟେଇ କରାଯାଇଛି ଏବଂ ବିଗତ ୭ ମାସରୁ ଉାସର ସମୟ କୌଣସି ଆଉଟସୋର୍ସିଂ କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ। ତେଣୁ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ବକେୟା ଦରମା ପୈଠ କରିବା ସହ ଛୋଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବାପାଇଁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି। ୮-୧୦ ହଜାର ଟଙ୍କା ଦରମାରେ କର୍ମଚାରୀଙ୍କ ପରିବାର ଚଳେ। ଯଦି ଯଥାଶିଘ୍ର କର୍ମଚାରୀଙ୍କ ବକେୟା ଦରମା ଦିଆନଯାଏ ତେବେ ଆଗାମୀ ଦିନରେ ଏହି ଆଉଟସୋର୍ସିଂ କର୍ମଚାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନରେ ବସିବେ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସନ୍ତୋଷ ବଗାଲ, ମାନସ ପଣ୍ଡା, ସାବିତ୍ରୀ ନାଥ, ଜୟନ୍ତ ସାହୁ, ସନ୍ତୋଷ ମହନ୍ତ, ରଂଜିତ ଗିରି, ବିଳାସିନୀ ଦାସ, ମମତା ସାହୁଙ୍କ ସହ ସମସ୍ତ ତହସିଲର ଆଉଟସୋର୍ସିଂ କର୍ମଚାରୀ ଯୋଗଦାନ କରିଥିଲେ।

# ଜିଲ୍ଲା ଜଜ୍ କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ବାଲେଶ୍ୱର,୧୩।୯ (ସମିସ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର, ତାଲୁକ ଆଇନସେବା ସମିତି ସୋର, ଜଳେଶ୍ୱର, ନୀଳଗିରି, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱରଙ୍କ ସହିତ ଅନ୍ୟାନ୍ୟ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ମୋଟ ୮୭୦୭ ଟି (ଦେୱାନୀ-୫୪୨, ମୋଟରଯାନ ଦୁର୍ଘଟଣା ଜନିତ ମାମଲା-୭୬, ବୈବାହିକ ବିବାଦ ମକଦ୍ଦମା-୨୬, କ୍ରିମିନାଲ କମ୍ପାଉଣ୍ଡେବଲ-୦୫, ପ୍ରାକ୍ ମକଦ୍ଦମା ଜନିତ ମାମଲା-୪୪୪, ଚେକ୍ ବାଉନ୍ସ-୧୪୫, ଅନ୍ୟାନ୍ୟ ଫୌଜଦାରୀ ମାମଲା-୪୨୨, ରାଜସ୍ୱ-୭୦୦୭, ଶ୍ରମ ବିବାଦ-୧୪, ଖାଉଟି-୦୬, ମନିରିକଭରି-୨୦) ମାମଲା ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୬ କୋଟି ୯୭ ଲକ୍ଷ ୨୦ ହଜାର ଟଙ୍କା (ଟ. ୬,୯୭,୨୦,୦୦୦), ଚେକ୍ ବାଉନ୍ସ ମାମଲା ବାବଦକୁ ୨ କୋଟି ୧୦ ଲକ୍ଷ ୫୯ ହଜାର ୧୦୭ ଟଙ୍କା (୨,୧୦,୫୯,୧୦୭ଟ.) ଏବଂ ବ୍ୟାଙ୍କ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୪୨ ଲକ୍ଷ ୮୯ ହଜାର ୬୫ ଟଙ୍କା (୪୨,୮୯,୦୬୫ ଟ.) ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସୀତିକଣ୍ଠ ପ୍ରଧାନ ପରିଚାଳନା କରିଥିଲେ।

# ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ଆନ୍ଦୋଳନ ଡାକରା

ବାଲେଶ୍ୱର,୧୩।୯ (ସମିସ)



ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା ଶିକ୍ଷକ ସଂଘ ଆଗାମୀ ୨୨ ସେପ୍ଟେମ୍ବର ହେବାକୁ ଥିବା ଆନ୍ଦୋଳନରେ ଜିଲ୍ଲାର ସମସ୍ତ ବ୍ଲକରୁ ସଂଘର ଶତାଧିକ ସକ୍ରିୟ ସଦସ୍ୟମାନେ ଯୋଗଦାନ କରିବାକୁ ପୂର୍ଣ୍ଣ ପ୍ରତିଶୃତି ଦେଇଥିଲେ। ସରକାରୀ ହାଇସ୍କୁଲ ଏନ୍ ପି ଏସ୍ ଶିକ୍ଷକ ମାନେ ସମୂହେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

ଏଥିରେ ଜିଲ୍ଲା ସଂଘ ସଭାପତି ଡ଼ଃ ସନ୍ଦୀପ କୁମାର ଖଟୁଆ, ସାଧାରଣ ସମ୍ପାଦକ ଉମାକାନ୍ତ ବେହେରା, ଜିଲ୍ଲା ମୁଖ୍ୟ ସଚେତକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଶାଶ୍ୱତ ମହାପାତ୍ର, ଜିଲ୍ଲା ଆବାହକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଉପଦେଷ୍ଟା ହରେନ୍ଦ୍ର ମହାନ୍ତ, ଜିଲ୍ଲା ଉପସଭାପତି ସଂଜୀବ କୁମାର ପରିଡା, କୈଳାସ ଚନ୍ଦ୍ର ମାଝୀ, ଉମାଶଙ୍କର ସିଂ, ସଂଜୀବ କୁମାର ଜେନା, ବିପଦ ଭଂଜନ ପଣ୍ଡା, ଅତନୁ କୁମାର ମହାଳିକ, ସୌଭାଗ୍ୟ ରଞ୍ଜନ ଦେ, ଶକ୍ତିଧର ପଣ୍ଡା, ସଂଯୁକ୍ତା ବେହେରା, ଅଞ୍ଜଳୀ ମହାପାତ୍ର, ଚିନ୍ମୟୀ ପାତ୍ର, ଭାଗ୍ୟଶ୍ରୀ ଜେନା, ପ୍ରତିଭା ରାଣୀ ଦାଶ, ପଲ୍ଲବୀ ବେହେରା, ଭାରତୀ ଆଶ, ଆରତୀ ଦାସ, ଅଭିମନ୍ୟୁ ବାଗ, ପ୍ରଶାନ୍ତ ଦାସ, କମଳ ଲୋଚନ ବିଶ୍ୱାଳ, ଗୌତମ ଚରଣ ବାରିକ, ରିତାଞ୍ଜଳୀ ଦାଶ, ସୌମ୍ୟପ୍ରଭା ସେଣ ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୨୦୦୪ ରୁ ୨୦୧୪ ମଧ୍ୟରେ ଠିକା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିବା ଏବଂ ୨୦୨୨ ରିପିଲ୍ ରୁଲ୍ ଦ୍ୱାରା ଉପେକ୍ଷିତ ହୋଇଥିବା ଶିକ୍ଷକମାନେ ଓଡିଶା ସରକାରଙ୍କ ଆର୍ଥିକ ଦୂରବସ୍ଥା ସମୟରେ ମାତ୍ର ୨୫୦୦ଟଙ୍କା ଓ ୧୫୦୦ ଟଙ୍କା ମାସିକ ଦରମାରେ ଶିକ୍ଷାଦାନ କରିଥିଲେ। ସରକାର ୨୦୦୩ ମସିହାରେ ଓ ୨୦୦୫ ମସିହାରେ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ସେତେବେଳେ ଆର୍ଥିକ ସଙ୍କଟ ତଥା ସରକାରୀ ହାଇସ୍କୁଲ ଗୁଡ଼ିକରେ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଠିକା ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ସେହି ଆର୍ଥିକ ଦୂରବସ୍ଥା ସମୟରେ ଏହି ଶିକ୍ଷକମାନେ ଭୁଶୁଡି ଯାଉଥିବା ମାଧ୍ୟମିକ ଶିକ୍ଷାର ଉନ୍ନତି ଆଣିଥିଲେ। ଠିକା ନିଯୁକ୍ତି ଦେଇ ତତ୍କାଳୀନ ସରକାର ରାଜସ୍ୱ ଭରଣା କଲେ ଓ ଧୀରେଧୀରେ ରାଜ୍ୟର ଆର୍ଥିକ ସ୍ଥିତିରେ ସୁଧାର ଆସିଲା। ଆର୍ଥିକ ସ୍ଥିତିରେ ସୁଧାର ଆସିବା ପରେ ସରକାର ୨୦୨୨ ମସିହା ଅକ୍ଟୋବର ମାସରେ ଠିକା ନିଯୁକ୍ତି ଉଚ୍ଛେଦ ନିୟମ - ୨୦୨୨ ଆଣିଲେ ଏବଂ ଚଞ୍ଚକତା କରି କେବଳ ୦୪.୦୪.୨୦୧୬ ପର ଠାରୁ ଠିକା ଭିତ୍ତିରେ ନିଯୁକ୍ତି ହୋଇଥିବା ସରକାରୀ ହାଇସ୍କୁଲ ର ଶିକ୍ଷକଙ୍କ ଠିକା ଅବଧି କୁ ନିୟମିତ ଚାକିରି ରେ ଯୋଗ କରି ୬ଟି ନୋଶନାଲ ଇଂକ୍ରିମେଣ୍ଟ ଦେଇ ପ୍ରଥମ ଠିକା ନିଯୁକ୍ତି ଦିନ ଠାରୁ ନିୟମିତ କର୍ମଚାରୀର ମାନ୍ୟତା ଦେଲେ। ସେହିପରି ୨୦୨୦, ୨୦୨୧ ଓ ଅଗଷ୍ଟ ୨୦୨୨ ରେ ନିଯୁକ୍ତ ଠିକା ଶିକ୍ଷକମାନେ ମଧ୍ୟ ସେମାନେ ଠିକା ଚାକିରିରେ ଯୋଗ ଦେଇଥିବା ଦିନ ଠାରୁ ନିୟମିତ ଶିକ୍ଷକର ମାନ୍ୟତା ପାଇଲେ। ପରେ ୨୦୨୩ ମସିହାରେ ସରକାର ଏକ ଏସ୍.ଓ.ପି. ଆଣି ୨୦୧୦ ମସିହା ଠାରୁ ୨୦୧୪ ମସିହା ମଧ୍ୟରେ ଠିକା ଭିତ୍ତିରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କୁ ସମାନ କରିଦେଇ ପିଛିଲା ଭାବେ ଏହି ସମସ୍ତଙ୍କୁ ୦୪.୦୪.୧୬ ରୁ ନିୟମିତ ଶିକ୍ଷକ ଭାବରେ ଗଣନା କରିଲେ। ଏହାଦ୍ୱାରା ୨୦୧୦ ରୁ ୨୦୧୬ ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କ ଦରମା ସମାନ କରାଇ ଦିଆଗଲା। ୨୦୧୦ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ମାତ୍ର ୪ ମାସ, ୨୦୧୧ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ମାତ୍ର ୧ ବର୍ଷ ଏବଂ ୨୦୧୩ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ଛଅ ବର୍ଷର ଠିକା ଚାକିରି କାଳରୁ ମାତ୍ର ୩ ବର୍ଷର ଠିକା ଚାକିରିକୁ ମୂଳ ନିୟମିତ ଚାକିରି କାଳରେ ଗଣନା କରାଗଲା। ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ସମାଧାନ ପନ୍ଥା ବାହାର ନକରି କେବଳ ଆଶ୍ୱାସନା ଦେଇଚାଲିଛନ୍ତି। ବରିଷ୍ଠ ଶିକ୍ଷକମାନଙ୍କ ପାଇଁ ସରକାରଙ୍କ ଦରଦ ନାହିଁ। ତେଣୁ ଆଗାମୀ ୨୧ ତାରିଖ ମଧ୍ୟରେ ଯୁକ୍ତିଯୁକ୍ତ ଦାବି ଉପରେ ସରକାର ଶୀଘ୍ର ସମାଧାନ ନ କଲେ ୨୨ ତାରିଖଠାରୁ ରାଜ୍ୟ ସଂଘର ଡାକରାରେ ସାମିଲ ହୋଇ ରାଜଧାନୀର ରାଜରାସ୍ତାରେ ଦୁର୍ବାର ଆନ୍ଦୋଳନ କରିବାକୁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଡିଇଓଙ୍କୁ ଦାବିପତ୍ର

# ଇନଷ୍ଟିଚ୍ୟୁଟ ଅଫ ହସ୍‌ପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ କଲେଜରେ ଫ୍ରେସର ଫିଏଷ୍ଟା




ବାଲେଶ୍ୱର,୧୩।୯ (ସମିସ): ନିଜକୁ ସବୁକ୍ଷେତ୍ରରେ ଏକ ନମ୍ବର କରି ରଖିବାକୁ ସବୁବେଳେ ଚେଷ୍ଟା କରିବା ଉଚିତ ବୋଲି ରେମୁଣାସ୍ଥିତ ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ହସପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ (ବିଆଇଏଚଏମଟି)ରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ "ଫ୍ରେସର ଫିଏଷ୍ଟା-୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ "ଓଡ଼ିଶା ଖବର'ର ସମ୍ପାଦକ ଅମୀୟ ରଞ୍ଜନ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତାଭାବେ ରେଡିଆଣ୍ଟ ସ୍କୁଲ ଅଫ ଇଂଲିସ ଆଣ୍ଡ ଆଇଟି, ନର୍ଥ ଓଡ଼ିଶା ଜୋର୍ଣ୍ଣାଲ ମିଡିଆ କୋଡ଼ିନେଟର ସତ୍ୟଜିତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ 'ଛାତ୍ର ଜୀବନରେ ଆବ ବିଶ୍ୱାସ ହେଉଛି ସବୁଠାରୁ ବଡ଼। ଅନ୍ୟତମ ଅତିଥିଭାବେ ସାମ୍ବାଦିକ ସୁରେଶ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିରେ ଆତିଥ୍ୟୟତାର ମହତ୍ତ୍ୱ ଏବଂ ଆତିଥ୍ୟୟତାର ଶିକ୍ଷା ସମ୍ପର୍କରେ ବୁଝାଇଥିଲେ। ଦକ୍ଷତା ବିକାଶର ମୁଖ୍ୟ ସୁଶାନ୍ତ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ନେହା ଜେନା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ, ସୁଶ୍ରୀସଙ୍ଗୀତା ନାୟକ ଏବଂ ରାଜସ୍ମିତା ଖିଲାର ସାଗତ ନୃତ୍ୟ ପରିବେଷଣ କରିଥିଲେ। କୃତୀବାସ ପାତ୍ର, ସସ୍ମିତା ଦାସ, ସତ୍ୟବ୍ରତ ଦେ, ସରିତା ବିନ୍ଧାଣୀ ଓ ସୁକମଲ ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com



# ନୀଳମଣି



ମହାଶ୍ୱେତା ସାହୁ

ଏଇ ଆକାଶ ବି ତୁମର ନୁହେଁ! ଯେଉଁଠି ଜହ୍ନ, ତାରା, ଆକାଶରେ ଆସନ୍ତି ଓ ଯାଆନ୍ତି। ସୂର୍ଯ୍ୟ ମଧ୍ୟ ନୁହେଁ, ତୁମ ନୁହେଁ! କାରଣ ମୁଁ ସମୟର ଦାସ ନୁହେଁ, ମୁଁ ସମୟକୁ ଦାସ କରେ। ମୁଁ... ରାବଣ!! ମୋର ଦଶଟା ମୁଣ୍ଡ...ହା...ହା...ହା... ମୁଁ ରାବଣ!!

- "ମୋ ପାଇଁ କିନ୍ତୁ ତୁମେ ନୀଳମଣି!! ଅଜବ ମଣିଷ ତୁମେ। ଅସମାହିତ ପ୍ରଶ୍ନ ପରି ତୁମେ। ଅଡୁଆ ସୂତାଖିଅ ପରି ତୁମେ ଯେତେ ତୁମକୁ ଖୋଲିବ ସେତେ ଗୁଡ଼େଇ ହୋଇ ଯାଉଥିବ। ତୁମକୁ ବୁଝିବା ଭାରି କଷ୍ଟ" କହିଥିଲା ମାନିନୀ ବିମୂଢ଼ ହୋଇ।

କଥାକଥାକେ ତମକୁ କଷ୍ଟ ହୋଇଯାଏ। ଅଭିମାନର ଅସରନ୍ତି ଗନ୍ତାଘର ଯେପରି ତୁମେ। ପ୍ରତି କଥାରେ ଅଭିମାନ। ପ୍ରତିକଥାରେ ଅହଂକାର।

- "ଅହଂକାରୀ କେବଳ ଅହଂକାରୀ ହୁଏ। ପ୍ରେମ କରିପାରେନା। ପ୍ରେମିକ ତୁମେ ହୋଇ ପାରିବନି। ତୁମ ପାଖରେ କେହି ରହିପାରିବେନି। ପ୍ରକୃତ କଥା ତୁମ ପାଖରେ କେହି ରହିବେ ନାହିଁ।" କହିଲା ଅଭିମାନ କରି ମାନିନୀ।

- "କିନ୍ତୁ, ଏଇ ଅହଂକାରୀ ପ୍ରେମହୀନ ମଣିଷକୁ ତ' ତୁମେ ପ୍ରେମ କର !" କହିଥିଲା ଆକାଶ ଦାସ। ତା'ର ଦୁଇ ହାତକୁ ମେଲେଇ କହିଥିଲା- "ଜାଣିରଖ, ତଥାପି ଏଇ ଲୋକଟାର ଏଇ ଅହଂକାର ହିଁ ତା'ର ଗହଣା। ଅହଂକାର ବିନା ତା'ର ଅସ୍ତିତ୍ୱ ନାହିଁ। ଏଇ ଅହଂକାର ପାଇଁ ହିଁ ସେ ସଭିଙ୍କ ପ୍ରିୟ। କାରଣ ଯେବେ ଅଭାବଗ୍ରାସେ, ସେବେ ଏଇ ଅହଂକାରୀ କେବଳ ଏହି ଅହଂକାର ସହ; ଅଭାବ ସହ ଯୁଦ୍ଧ କରେ। ଆଉ ବିଜୟ ମଧ୍ୟ ପାଏ।"

ନିଜ କଥା କହି କହି ଥକି ପଡ଼େନା ଆକାଶ ଦାସ। ନିଜ ମୁହଁରେ ନିଜର ପାପପୁଣ୍ୟକୁ ବଖାଣେ। ବିନ୍ଦାସ ଭାବରେ ଜୀଇଁବାକୁ ସାଥୀ ଖୋଜେ।

କାହାର ଇଚ୍ଛାକୁ ଜାଣିବାର ପ୍ରୟାସ କରେନା, ପ୍ରଶ୍ନ ବିନା ସାଥୀ ବାଛେ। ଭାବେ କେବଳ ସମ୍ପର୍କ ପାଇଁ ନାରୀ ଓ ପୁରୁଷ ଲୋଡ଼ା। ବାକିସବୁ ଅଯୋଗ୍ୟ ବ୍ୟାପାର। ନିଜକୁ ସେ ଶ୍ରେଷ୍ଠ ଭାବେ। ଶ୍ରେଷ୍ଠ ମଧ୍ୟ କହେ। ତେଣୁ ସେ ଶ୍ରେଷ୍ଠା ଖୋଜେ।

କହେ ମୋଠୁ ଶ୍ରେଷ୍ଠ ପ୍ରେମିକ ଏ ଦୁନିଆରେ ପାଇବ ନାହିଁ। ଯେ ନିର୍ଭେଜାଲ ଭଲ ପାଇପାରେ। ସବୁ ଅତୀତର ଇତିହାସକୁ ପଛକରି ତୁମକୁ ସତୀ ପରି ପୂଜା କରିପାରେ। ଯେ ପ୍ରେମକୁ ଶ୍ରେଷ୍ଠ ତପସ୍ୟା ଭାବେ। ଯେ ପ୍ରେମିକାକୁ ପୂଜା କରିପାରେ। ଦେହରେ ନୁହେଁ ଆତ୍ମାରୁ ଖୋଜେ। ତାସହ ଖେଳିବ, ବୁଲିବ, ହସିବ, ଡେଇଁବ, ଖାଇବ....। କିନ୍ତୁ ତାକୁ ନଷ୍ଟ କରିବ ନାହିଁ। ପ୍ରେମିକା ତା'ର ଦେବୀଟିଏ!

- ମୁଁ ବୁଝୁଛି ମୁଁ ପ୍ରେମ କରିବା ଶିଖି ନାହିଁ। ପ୍ରେମିକ ପାଖରେ ଯେଉଁ ଶବ୍ଦରେ ଯାଦୁଥିବା କଥା, ସେ ଯାଦୁ କରିପାରୁନି। ସତ କହିଦିଏ...ମତେ କ'ଣ ହୁଏ କେଜାଣି ମୁଁ ସତ କହିଦିଏ!! ସେପାଇଁ ମୋର ପ୍ରେମିକା କିଏ ରହେନି ବେଶୀଦିନ!! କଣ୍ଠରେ ହତାଶ ଥିଲା, ଦୁଃଖ ଥିଲା।

- ଏତେ ବି ସତ କୁହନା, ଯେକେହି ସତକୁ ସହ୍ୟ କରିପାରିବେ ନାହିଁ। - ବିବସ ହୋଇ କହିଥିଲା ମାନିନୀ।

ହଁ ଜାଣୁଛି ମୁଁ ଅସଭ୍ୟ, ମୋ ଶବ୍ଦରେ ବାଡ଼ବତା ନାହିଁ, କିନ୍ତୁ ମୁଁ ଏତେ ଖରାପ ମଧ୍ୟ ନୁହେଁ। ମୁଁ ପ୍ରେମ ଖୋଜୁଛି। ପ୍ରେମିକା ଖୋଜୁଛି, ଯେ ରହିବ ମୋ ସହ ଜୀବନର ଶେଷଯାଏ। ମୁଁ ବଦଳି ଯିବାକୁ ଚେଷ୍ଟା କରିବି। ତୁମେ ଜାଣି ରଖ।

କିନ୍ତୁ ସ୍ଥିର କିଛି ମଧ୍ୟ ନୁହେଁ। ଏ ଜୀବନ କିମ୍ବା ସମ୍ପର୍କ ମଧ୍ୟ ଚିରସ୍ଥାୟୀ ନୁହେଁ। ଖୁବ୍ ଅନ୍ତରଙ୍ଗ ଆପଣାର ବୋଧ ହଉଥିବା ସବୁଠାରୁ ପ୍ରିୟ ମଣିଷଟା ଦିନେ ସେତେ ପ୍ରିୟ ରହେ ନାହିଁ। ସମୟ ସହ ବଦଳିଯାଏ ସବୁ। ଏଇ ବଦଳିବା କିଛି ଭୁଲ୍ ନୁହେଁ – ଏହା ହିଁ ସତ୍ୟ !! ଏହାକୁ ଗ୍ରହଣ କରିବା ଉଚିତ।

- ହା...ହା...ହା... ଯାହା ବଦଳିଯାଏ ତା' କି ପ୍ରେମ। ଯାହା ଛାତିରେ ନ ରହେ ସେ କି ପ୍ରେମ, ଯାହା ତୁମକୁ ଚିରକାଳ ଆବଦ୍ଧ କରେ ବଦଳିଯିବାର ରାସ୍ତା ଦେଖାଏ ସେ କି ସମ୍ପର୍କ... ?? ଉଚ୍ଚ ହାସ୍ୟ କରି କହିଲା ଆକାଶ।

ମାନଚିତ୍ରର ଅନେକ କଥା ବଦଳିଯିବ, ମାତ୍ର ପ୍ରତ୍ୟେକ ଦିନ ନୂଆ ହୋଇ ସମ୍ପର୍କରେ ନୂତନତା ଆଣୁଥିବ।

ଜାଣୁ ଆକସ୍ମିକ ଦୁଃଘଟଣା ବା ଘଟଣାରୁ ତିଆରି ହୁଏ ସମ୍ପର୍କ। ଯେବେ ଅଡୁଆସୂତା ଖିଅ ହୋଇଯାଏ, ସେତେ ନିବିଡ଼ ହୋଇଯାଏ। ଆଉ ସେଥିରୁ ମୁକୁଳି ନ ପାରିବା ହିଁ ସମ୍ପର୍କର ମାଧୁର୍ଯ୍ୟ ଥାଏ!!

ଜୀବନ ଜୀଇଁ ପାରିଲେ ଖୁବ୍ ସୁନ୍ଦର। ନ ପାରିଲେ ଜୀବନ ଗୋଟେ ବୋଝ। ଦ୍ୱାପର ହେଉ କି ତ୍ରେତୟା ଅବା କଳି ସବୁକାଳେ ରାବଣର ମୃତ୍ୟୁ ସୁନିଶ୍ଚିତ!!- ଏତେ ସବୁ କଥା କହୁଥିବା ଲୋକ ଆଖିରେ ଲୁହ ଥିଲା। ସେ ଲୁହ କିନ୍ତୁ ଏକାନ୍ତ ନିଜସ୍ୱ, ଏକାନ୍ତ ଅନ୍ତରଙ୍ଗ।

ଦୁଃଖୀ ହୋଇ କହୁଥିଲା ଆକାଶ ଦାସ। ଲୁହ ଛଳ ଛଳ ଆଖିରେ କହିଲା – "ଜାଣ ତୁମେ ଏମିତି ପ୍ରେମାସ୍ପଦ, ତୁମକୁ ବୁଝାଇ ପାରୁନି କି ବୁଝି ମଧ୍ୟ ପାରୁନି। ଏମିତି ଜାଗାରେ ଅଛ ଯେଉଁଠି ମୁଁ ତୁମକୁ ପାର କରିପାରୁନି କି ପାଇ ମଧ୍ୟ ପାରୁନି। ତୁମକୁ ଅତିକ୍ରମ କରିଯିବାର କ୍ଷମତା ଯେମିତି ମୋ ପାଖରେ ନାହିଁ।"

ତୁମେ ଏମିତି ତର୍ପଣ ଯାହା ବିନା ପୂଜା ଅର୍ଘ୍ୟ। ତୁମେ ଏମିତି ଯେଉଁଠି ପ୍ରେମ ଓ ଘୃଣା ଏକାକାର। ଧର୍ମ ଓ ପ୍ରେମ ମଧ୍ୟରେ ଫରକ କିଛି ନାହିଁ। ଧର୍ମ ଓ ପ୍ରେମରେ ଶୁଦ୍ଧ ଭାବନା ଲୋଡ଼ା, ସୁଦ୍ଧ ମନୀଷା ଲୋଡ଼ା ଯାହା ତୋ ପାଖରେ ନାହିଁ। ତୁମେ ଗୋଟେ ପଥର।

ମାନିନୀ ନିରବ ହୋଇ ଯାଇଥିଲା – "ଅହଂକାରୀ ତୁମେ, କଦାପି ବଦଳିବ ନାହିଁ" ବୋଲି ବାହୁଡ଼ି ଗଲା।

ତୋ ପାଖରେ ମୁଣ୍ଡବାଡ଼େଇ ରକ୍ତାକ୍ତ ହେବା ଛଡ଼ା ଭିନ୍ନ କିଛି ପ୍ରାପ୍ତି ନାହିଁ। ସତକୁ ମୁଁ ରକ୍ତାକ୍ତ, କ୍ଷତାକ୍ତ, ଯନ୍ତ୍ରଣାରେ ଛଟପଟ ହଉଥିବା ରାବଣ ଯେ ଜାଣେ ସୀତାକୁ କଦାପି ପାଇବ ନାହିଁ। ସୀତା ହିଁ ତା'ର ମୃତ୍ୟୁର କାରଣ ସବୁ ସତ୍ତ୍ୱେ ସେ ସୀତାକୁ ପ୍ରେମ କରିବା ଛାଡ଼ିଲା ନାହିଁ!!

ଗୋଟେ ନିଷ୍ଫଳ ପ୍ରାର୍ଥନା ସହ ଆକାଶ ଦାସ ବସିଥିଲା ମନ୍ଦିର ବେଢ଼ାରେ। ଯେଉଁଠି ଚମ୍ପାଫୁଲର ମହକ, କୋଇଲିର କୁହୁତାନ ସତ୍ତ୍ୱେ ଗୋଟେ ନିର୍ଜନକୁଞ୍ଜର ହାହାକାର ଶୁଭୁଥିଲା ପବନରେ। ପବନର ବାସ୍ନାରେ ମଧ୍ୟ ଗୋଟେ ଅସହାୟ ଆବେଗ ବନେଇ ଦେଇଥିଲା ସ୍ରୋତର ଢେଉ ପରି ଆକାଶ ଦାସର ଛାତିରେ।


ପ୍ରିୟତମା ମାନିନୀ ଯେବେ ପ୍ରତିଶ୍ରୁତି ପରିହାର କରି ଅନ୍ୟ କାହାର ଜୀବନସାଥୀ ପାଲଟି ସାରିଥିଲା। ତଥାପି ଆକାଶ ଦାସ ଗୋଲାପି କାଗଜର ଡଙ୍ଗା କରି ତା' ଦେହରେ ନୀଳ ରଙ୍ଗର ସାହିରେ ମାନି... ଲେଖି ପାଣିରେ ଭସାଇ ଦେଉଥିଲା....!!

ଅଧ୍ୟାପିକା ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର -୦୨, ରାଉରକେଲା-୨
ସୁନ୍ଦରଗଡ଼-୭୬୯୦୦୬

## ପୁସ୍ତକ ପରିଚୟ

### ବହ୍ନିକା

**ଶୁଭଶ୍ରୀ ଶୁଭସ୍ମିତା ମିଶ୍ର**




ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଦେବୀ ତୁ ଦର୍ପଣରେ ମୋତେ ଦିଶୁଥାଉ ମୋର ଛାଇ ପରି/ ମୁଁ ତୋତେ ବାରମ୍ବାର ଆଉ ବାରମ୍ବାର ଗୋଟାଏ/ କେବେ ମୋ ଜେଜେମା'ର କବର ତଳୁ ତ/କେବେ ମୋ ବୋଉର ରକ୍ତଝରା ଜରାୟୁରୁ,/ ତୁ ପାହି ଆସୁଥାଉ ଦେବୀ/ ସୂର୍ଯ୍ୟାସ୍ତର ଲୋହିତ ଲାଲିମାରେ/ ତୋର ମୁହଁ ଦିଶେ ଧରିତ୍ରୀ ପରି,/ ତୋ ମୁହଁ ଦିଶେ ଧର୍ଷିତା ନାରୀ ପରି!" (ଦେବୀସୂକ୍ତ) ଏଭଳି ଦେବୀ ଓ ନାରୀର ନାନା ରୂପ ପ୍ରତିଫଳିତ ହୋଇଛି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ବହ୍ନିକା' କବିତା ପୁସ୍ତକରେ। କେବେ ନାରୀର କୋମଳ ରୂପକୁ ପୁଣି କେବେ ନାରୀର ମହିଷାମର୍ଦ୍ଦିନୀ ରୂପକୁ ଆଙ୍କିବାରେ କବି ବେଶ୍ ସିଦ୍ଧହସ୍ତ। 'ଦେବୀମୁହଁ', 'ଅଗ୍ନି ଓ ଅସ୍ତ୍ର', 'ଦେବୀ ଓ ରକ୍ତବୀର୍ଯ୍ୟ', 'ଦେବୀ ଓ ପ୍ରେମିକ', 'ରୂପଜୀବୀ', 'ଈଶ୍ୱରବୋଧ', 'ଅଭାଗ୍ୟଲିପି', 'ନିଆଁରଙ୍ଗ', 'ଯୁଦ୍ଧୋତ୍ତର ଜଣେ ସ୍ତ୍ରୀଲୋକର ଡାକ', 'ଈଶ୍ୱରଙ୍କ ମୃତ୍ୟୁରେ', 'ଆସନ୍ତା ଦୁର୍ଗାପୂଜା', 'ଜାତିଭେଦ', 'ଲିଲିଥ୍' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ନାରୀ ଆଖିର ଲୁହ, ହୃଦୟର ବେଦନା ଏହି ପୁସ୍ତକର ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି ଜୀବନ୍ତ ଭାବେ। ସାମାଜିକ ଅବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧର ଅବକ୍ଷୟ, ରୁଢ଼ିବାଦୀ ଚିନ୍ତାଧାରା, ନାରୀ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି ଅନେକ କବିତାରେ। 'ବହ୍ନିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

### ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

**ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ**



ଏଥେନା ବୁକ୍ସ
ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୨୫୦ ଟଙ୍କା

ସମଗ୍ର ବିଶ୍ୱ ସାହିତ୍ୟରେ ଏକ କାଳଜୟୀ ଉପନ୍ୟାସ ହେଉଛି ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'। ଏହି ଲୋକପ୍ରିୟ ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁସୃଜନ କରିଛନ୍ତି ପ୍ରଦୀପ୍ତ ଶ୍ରୀଚନ୍ଦନ। ବୌଦ୍ଧ ଯୁଗର ସମୟ ଓ ସମାଜ ଭିତ୍ତିଭୂମି ଉପରେ ଏହି ଉପନ୍ୟାସଟି ଆଧାରିତ। ଉପନ୍ୟାସର ମୁଖ୍ୟ ଚରିତ୍ର 'ସିଦ୍ଧାର୍ଥ'ଙ୍କ ଆତ୍ମଲିପିର ଏକ ସୃଜନାତ୍ମକ ପରିପ୍ରକାଶ ଏହି ଉପନ୍ୟାସ। ବୌଦ୍ଧ ଧର୍ମ ଓ ଦର୍ଶନର ପ୍ରତିଫଳନ 'ସିଦ୍ଧାର୍ଥ' ଉପନ୍ୟାସରେ ପାଠକମାନେ ଅନୁଭବ କରିପାରିବେ। ତତ୍କାଳୀନ ଜୀବନଧାରା, ସାମାଜିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ଅବବୋଧ, ସତ୍ୟ ଓ ଶାନ୍ତିର ସନ୍ଧାନ, ଶାଶ୍ୱତ ମାନବୀୟ ପ୍ରେମର ବର୍ଣ୍ଣନା 'ସିଦ୍ଧାର୍ଥ' ଉପନ୍ୟାସକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଣ ନୁହେଁ ଜୀବନ ହିଁ ଲୋଡ଼ା- ଏହି ଦର୍ଶନ ପ୍ରତିଫଳିତ ହୋଇଛି ଉପନ୍ୟାସରେ। ସିଦ୍ଧାର୍ଥଙ୍କ ଜୀବନ, ଜିଜ୍ଞାସା, ଦର୍ଶନକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସୁଖପାଠ୍ୟ କରିବା ପାଇଁ 'ବ୍ରାହ୍ମଣ ପୁତ୍ର,'ଶ୍ରମଣମାନଙ୍କ ସହିତ', 'ଗୌତମ', 'ଜାଗୃତି', 'କମଳା', 'ଜନସମାଜରେ', 'ସଂସାର', 'ନଦୀ ତଟରେ', 'ନୌବାହକ', 'ପୁତ୍ର' ଆଦି କେତୋଟି ଭାଗରେ ବିଭକ୍ତ କରାଯାଇଛି। ସିଦ୍ଧାର୍ଥଙ୍କ ଜନ୍ମ, ଜୀବନ ଓ ପୁନର୍ଜନ୍ମକୁ କେନ୍ଦ୍ର କରି ଏକ ମହିମ୍ନ ଉପଲବ୍ଧି ଓ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ହେଉଛି 'ସିଦ୍ଧାର୍ଥ' ଉପନ୍ୟାସ। 'ସିଦ୍ଧାର୍ଥ' ଉପନ୍ୟାସଟି ପାଠକଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଏ।

# ସୁଇସାଇଡ୍ ନୋଟ୍



ବିରଜା ବଳ

ନା, ମୁଁ ଚୋରି କରିନି ମା'।

ପେଟରେ ଭୋକର କଳାବାଦଲ
ଖେଳି ବୁଲୁଥିବା ବେଳେ
ଦୋକାନରୁ ପବନରେ ଉଡ଼ି ଆସିଥିବା
ପାଞ୍ଚଟଙ୍କିଆ ତିନି ପ୍ୟାକେଟ୍ ଚିପ୍ସ
ଗୋଟେଇ ଆଣିଥିଲି ମା'।
ଏତିକି ମୋ'ର ଅପରାଧ।

ମୁଁ ଚୋର, ମତେ କାନଧରି ଉଠ୍ ବସ୍ କରାଯାଏ ଓ
ଆଣ୍ଠେଇ ଦିଆଯାଏ ମଝି ରାସ୍ତାରେ
ତାଚ୍ଛଲ୍ୟଭରା ହସରେ
ମୋ' ଗାଲରେ ବସୁଥାଏ
ଗୋଟିଏ ପରେ ଗୋଟିଏ ଚାପୁଡ଼ା
ଦିନ ମଝିର ଖରାର ତେଜରେ ମୋ' ବିକଳ ଅଭିମାନ
ମରିଯାଉଥାଏ ମା'।

ତୁମେ ଶିଖେଇଥିବା, ପ୍ରେମ, ଭଲପାଇବା ଓ
ମୋ'ର କୁନି କୁନି କଳ୍ପନା ନିରୀହ ଦୀର୍ଘଶ୍ୱାସରୁ ବାହାରି
କୁଆଡ଼େ ମିଳେଇ ଯାଉଥାଏ ମା'

ତୁମେ ଶିଖେଇଥିବା
ମଣିଷ ଓ ଭୂମିର କେତେ ଯେ କଥା
ମଣିଷ ଓ ଆକାଶର କେତେ ଯେ କଥା
ତୁମର ଗେହ୍ଲାପଣ ଓ ମୋ'ର ଚପଳପଣର
କେତେ ଯେ କଥା !!!
ମୋ'ର ଚୋରପଣକୁ ତମେ କ'ଣ ବିଶ୍ୱାସ କରିବ ମା'?

ତମଠୁ ଶିଖିଚି ଭୋକରେ ରହିବାର କଳା
ମୋ' ପାଟିରେ ଦୁଇଗୁଣ୍ଡା ଭାତ ଗୁଞ୍ଜିଦେଇ
ତମେ କେମିତି ଶୋଇପଡ଼ ଗଭୀର ନିଦ୍ରାରେ
ତୁମ ପେଟ ଉପରେ ମଥାରଖି
ଭୋକକୁ ମୁଁ ଶୁଣିପାରେ ତୁମ ପେଟର କଳକଳରେ।

ମୁଁ ବୁଝିଯାଇଛି ଭୋକର ସ୍ୱାଦ ପରି
ଚୋରି ଜିନିଷର ସ୍ୱାଦ ନଥାଏ ମା'।


କାହିଁକି କେଜାଣି ଏ ସୁନ୍ଦର ପୃଥିବୀ ମୋ'ର
କ୍ଷଣକେ ନରକ ବୋଲି ପ୍ରତେ ହେଲା
ମଣିଷର ମାନବିକତା ମୋ' ପାଠ ବହିର
ଡାଇନୋସର ପରି ବିଲୁପ୍ତ ହୋଇଯାଉଥିଲା
ଜୀବନର ଆହତ ଫର୍ଦ୍ଦସବୁ ଫଡ଼ଫଡ଼ ହୋଇ
ଚିରିଗଲା ବେଳେ
ଜନ୍ମନେଲା ଏକ ସିଦ୍ଧାନ୍ତ
ମୋ' ଆଗରେ ପୁଣ୍ୟତୋୟା ଗଙ୍ଗାର
ଢେଉଢେଉକା ନୀଳ ଜଳରାଶି, ଉତ୍ତାଳ ତରଙ୍ଗ
ଛିଡ଼ିଗଲା ମୋ'ର ସବୁ ଆଶା,
ଆକାଂକ୍ଷାର ରଙ୍ଗିନ ଜାଲ ମା'।

ନା, ମୁଁ ଚୋରି କରିନି ମା'
ନା, ମୁଁ ଚୋରି କରିନି ମା'

ଏ ପତ୍ର ପଢ଼ିସାରିଲା ପରେ
ତୁମ କୋଳ ଉପରେ ମତେ ଅନୁଭବ କରିବ ମା'
ଗୋଟେ ମଲା କୁନି ପୃଥିବୀକୁ
ଥରୁଟିଏ ଆଲିଙ୍ଗନ କରିବ ମା'
ମୋ' ନିରପରାଧ ଛାଇଟିକୁ କ୍ଷମା କରିଦବ ମା'।

(କବିତାର ବସ୍ତୁ ଆହରଣ : ପ୍ରିୟ ଅନୁସୃଜକ ପ୍ରଦୀପ କୁମାର ରାୟଙ୍କ ଫେସ୍‌ବୁକ ଆଲେଖରୁ। ପଶ୍ଚିମବଙ୍ଗର ପାଁଶକୁଡ଼ାର ତେର ବର୍ଷର ବାଳକ କୃଷ୍ଣେନ୍ଦୁର କରୁଣ ଆତ୍ମହତ୍ୟାର କାହାଣୀ)

ଚିତ୍ରକଳ୍ପ
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର -୧୪
ମୋ : ୭୭ ୯୦୦୦୩୪୪୨



# ବାପା



ଅୟସ୍‌କାନ୍ତ

କି ହେବ ବାପା ହେ
ତମ ବନ୍ଦ ବାକ୍ସ ଭିତରର
ଆଣ୍ଠୁ ନ ନୁଚା ଖଦୀ
ଗୋଲ ଚଷମା
ଅଣ୍ଟା ବନ୍ଧା ଘଡ଼ି
ତମ ନୂଆନୂଆ ସତ୍ୟାଗ୍ରହରେ
ଆଗ୍ରହ ଥିଲେବି,
ଆଉ ଚାଲିପାରେ ନାହିଁ
ଏବେତ
ମୁଁ ଚାଲେନା
ତମେ ଚାଲନା
ତବେ ଚାଲେ
କା' ଛାଇ
କା' ଛାଇ
କା' ଛାଇ!
ତୁଚ୍ଛାଟାରେ ସିନା ସାବରମତୀରେ
ବଂଶୀ ବାହୁନଇ
ମୁଁ ଚାଲେନା
ତମେ ଚାଲନା
ଚାଲେ ଛାଇ
ଚାଲେ ଛାଇ
ଚାଲେ ଛାଇ!

ଗ୍ରାମ୍ୟ ନିର୍ମାଣ ଉପବିଭାଜନ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

# କବିତାରେ ଉତ୍ତର ଆଧୁନିକତା



ଡକ୍ଟର ଚନ୍ଦ୍ରକଳା ନାୟକ

ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆଧାରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ।

ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାକ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ୍ୟ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧତା, କ୍ଲିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ୍ୟ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି। କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ। ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା। କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଅଧୁନିକ କବିତା ବଖାଣିଥାଏ।

ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧ୍ୟାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି। ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ। ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ - ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ। ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧ୍ୟାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେ ନାହିଁ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ମହିଳାଙ୍କୁ ହତ୍ୟା – ଏହିଭଳି ନିଷ୍ପେଷିତ ଓ ନିପୀଡ଼ିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଚ୍ଛ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ପଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ। କିନ୍ତୁ ଏହାର ଆଙ୍ଗିକ ଶୌଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ। ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ। ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ। ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ି ତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ। କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ। ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ। କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି। ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି। ଭାଷା ଓ ଭାବର ସରଳତା, ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଲଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ।

ଅଧ୍ୟାପିକା
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୪୩୭ ୯୫୭ ୬୧୭

ଛାତ୍ରଙ୍କ ଆଖିରେ ସହପାଠୀ ଫେଭି-କୁଇକ୍ ଲଗାଇବା ଘଟଣା

## ପ୍ରଧାନ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୧୩।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ୮ ଜଣ ତୃତୀୟ ଓ ଚତୁର୍ଥଶ୍ରେଣୀ ଛାତ୍ରଙ୍କ ଆଖିରେ ସହପାଠୀ ଫେଭିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଜିଲ୍ଲାପାଳ ବେଦଭୂଷଣ ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି । କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ସେବାଶ୍ରମରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ସେମାନଙ୍କର କିଛି ସହପାଠୀ ଫେଭିକୁଇକ୍ ଲଗାଇ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳାରୁ ଏଭଳି ଘଟିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ବ୍ୟକ୍ତିଗତ କାର୍ଯ୍ୟରେ ଆଶାକର୍ମୀଙ୍କୁ ନିୟୋଜିତ କରୁଛନ୍ତି ଏଏନ୍‌ଏମ୍

■ କାମ ନ କଲେ ଚାକିରିରୁ ବିଦା ଧମକ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ

ମୋହନା, ୧୩।୯ (ସମିସ): ସୁରକ୍ଷିତ ମାତୃତ୍ୱ ଲାଭ କରିବାରେ ସହଯୋଗ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି । ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ଏଏନ୍‌ଏମ୍ ନିଯୁକ୍ତ କରିବା ସହ ତାଙ୍କ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । କିନ୍ତୁ ଉପାନ୍ତ ଅଞ୍ଚଳରେ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସହ ଏଏନ୍‌ଏମ୍ ନିଜ ସରକାରୀ ଗୃହର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକର ବୁଡୁଲି ସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ । ସେଠାରେ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ବିଶ୍ୱରଞ୍ଜନୀ ପାଣି ସେକ୍ଟରର ବିଭିନ୍ନ ଅଞ୍ଚଳରେ



କାର୍ଯ୍ୟରତ ଆଶାକର୍ମୀଙ୍କୁ ଉପକେନ୍ଦ୍ରର ସଫେଇ, ବଗିଚା କାମ, ଘାସବଛା ଆଦି କାର୍ଯ୍ୟରେ ଲଗାଉଥିବା ଆଶାକର୍ମୀମାନେ ଅଭିଯୋଗ କରୁଛନ୍ତି । ଯଦି କେହି କାର୍ଯ୍ୟ କରିବାକୁ ଅମଙ୍ଗ ହୁଏ, ତାକୁ ଉପର ଅଧିକାରୀଙ୍କୁ କହି ଚାକିରିରୁ ବାହାର କରିବାର ଧମକ ମଧ୍ୟ ଦେଉଛନ୍ତି ଏଏନ୍‌ଏମ୍ । ଏନେଇ ଗ୍ରାମବାସୀ, ଜନପ୍ରତିନିଧି ଅବଗତ ହେବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଏନ୍‌ଏମ୍‌ଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଲିଖିତ ଭାବେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି । ଏଭଳି ଦବଙ୍ଗ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଏଏନ୍‌ଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ।

ଏନେଇ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ୍ ଅଲ୍ଲୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଏଏନ୍‌ଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ତୃତୀୟ ଶ୍ରେଣୀ ଛାତ୍ରକୁ ବାକ୍ସରେ ପୂରାଇଦେଲେ ସହପାଠୀ

ଅଚେତ ଅବସ୍ଥାରେ ଉଦ୍ଧାର

ବଣାଇଁ, ୧୩।୯ (ସମିସ): ଜଣେ ଛାତ୍ରକୁ ଦୀର୍ଘ ୪ ଘଣ୍ଟା ଧରି ବାକ୍ସରେ ବନ୍ଦ କରିଦେଇଥିଲା ଅନ୍ୟ ଜଣେ ଛାତ୍ର । ଏହା ଜଣାପଡ଼ିବା ପରେ ମୁମୂର୍ଷୁ ଅବସ୍ଥାରେ ଉକ୍ତ ଛାତ୍ରକୁ ଉଦ୍ଧାର କରାଯାଇଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗୁରୁଣ୍ଡିଆ ବ୍ଲକ୍ ଅଧୀନ ଜର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ସୂଚନାନୁସାରେ, ଶୁକ୍ରବାର ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଫଳରେ ତୃତୀୟ ଶ୍ରେଣୀର ସ୍ୱସ୍ତିକ କିସାନ ନାମକ ଜଣେ ଛାତ୍ରକୁ ଅନ୍ୟଜଣେ ଛାତ୍ର ବାକ୍ସରେ ବନ୍ଦ କରିଦେଇଥିଲା । ଛାତ୍ରଜଣଙ୍କ କ୍ଲାସ୍‌କୁ ନ ଆସିବା ଦେଖି ଶିକ୍ଷକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଫଳରେ ପ୍ରଧାନ ଶିକ୍ଷକ ଛାତ୍ରଙ୍କ ପିତାମାତାଙ୍କୁ ଖବର ଦେଇଥିଲେ । ବାପା-ମାଆ ସ୍କୁଲରେ ପହଞ୍ଚିବା ପରେ ଛାତ୍ରର ବାକ୍ସକୁ ଖୋଲିବାରୁ ବାକ୍ସ ଭିତରେ ଛାତ୍ରଜଣକ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ । ଉଦ୍ଧାର କରିବା ପରେ ବାପା-ମାଆ ଛାତ୍ରଙ୍କୁ ଘରକୁ ନେଇ ଯାଇଥିଲେ । ଏନେଇ ପ୍ରଧାନଶିକ୍ଷକ ଗଙ୍ଗାଧର ସେଠଙ୍କ ପଚାରିବାରୁ ଛାତ୍ରଜଣଙ୍କ ବଡ଼ଛାତ୍ରଙ୍କ ମାଡ଼ ଭୟରେ ନିଜ ବାକ୍ସରେ ପଶି ଲୁଚି ରହିଥିବା କହିଥିଲେ ।

ଏମ୍‌ସର ନିଆରା ପ୍ରୟାସ

## ଆତ୍ମହତ୍ୟା ରୋକିବ 'ନେଭର୍ ଆଲୋନ୍' ଆପ୍

ମାନସିକ ସ୍ୱାସ୍ଥ୍ୟକୁ ବଳ ଯୋଗାଇବ

ଭୁବନେଶ୍ୱର, ୧୩।୯ (ସମିସ): ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉନ୍ନତି ଓ ଆତ୍ମହତ୍ୟା ରୋକିବା ଲାଗି ଏମ୍ସ ଭୁବନେଶ୍ୱର ଏକ ନୂତନ ପଦକ୍ଷେପ ନେଇଛି । କୃତ୍ରିମ ବୁଦ୍ଧିମତା (ଏଆଇ) ଭିତ୍ତିକ 'ନେଭର ଆଲୋନ୍' ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ଲାଟଫର୍ମ ପ୍ରୟୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଯୁବକଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଳଙ୍କ ଦୂର କରିବା ଓ ୨୪ ଘଣ୍ଟିଆ ସହାୟତା ଯୋଗାଇବ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି । ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଏମ୍ସ ଦିଲ୍ଲୀରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା 'ନେଭର ଏଲୋନ୍' ଆପ୍‌କୁ ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକାରୀ କରାଯିବ । ଅତ୍ୟନ୍ତ ସୁରକ୍ଷିତ ଓ ୱେବ୍-ଆଧାରିତ ଇଣ୍ଟରଫେସ ଆଧାରିତ ଏହି ପ୍ଲାଟଫର୍ମ, ଯାହା ହ୍ୱାଟସଆପ୍ ମାଧ୍ୟମରେ ୨୪ ଘଣ୍ଟା ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବ । ଏହି ଆପ୍ ମନସ୍ତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ କରାଯିବ । ଏହି ଆପ୍ ମାଧ୍ୟମରେ ଛାତ୍ରମାନେ ଭର୍ଚୁଆଲ ଓ ଅଫଲାଇନ୍, ଉଭୟ ପ୍ରକାରେ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଶେଷଜ୍ଞଙ୍କ ସହ ପରାମର୍ଶ ପାଇପାରିବେ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଅଶୁତୋଷ ବିଶ୍ୱାସ କହିଛନ୍ତି ।

୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୩୦୬୬୯୫ ମାମଲାର ଫଇସଲା

୨୬୫କୋଟି ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ

କଟକ, ୧୩।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକ ସ୍ତରରେ ଆଜି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩,୦୬,୬୯୫ଟି ମାମଲା ଫଇସଲା ହୋଇଛି ଓ ମୋଟ ୨୬୫କୋଟି ୨୬ଲକ୍ଷ ୯୫ହଜାର ୭୩୯ ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି । ସମାଧାନ ହୋଇଥିବା ମାମଲା ଗୁଡିକ ମଧ୍ୟରେ ପ୍ରାକ ମକଦ୍ଦମା ସ୍ତରୀୟ ୭୬୪୪ଟି ମାମଲା ଓ ବିଚାରାଧିନ କୋର୍ଟ ମାମଲା ୨୨୯୩୭ଟି ଓ ୨,୭୬,୦୯୩ଟି ରାଜସ୍ୱ ମାମଲା ଏହିପରି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଛି । ଫଇସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୭୦ଟି ଫୌ÷÷ଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୨୨୦୦ଟି, ଟଙ୍କା ଅସୁଲି ମାମଲା ୬୮୨ଟି ଓ ୧୩୦୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇପାରିଛି । ସେହିଭଳି ୬୬୦ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୩୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ, ୩୯ଟି ଶ୍ରମ ଓ ନିଯୋଜନ ସଂପର୍କିତ ୨୭୬୦୯୩ଟି ରାଜସ୍ୱ ମାମଲା, ଅନ୍ୟାନ୍ୟ ଫୌ÷ଜଦାରୀ ମାମଲା ୧୫,୩୭୯ଟି, ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୩୨ଟି, ୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି, ଡିଆରଟି ମାମଲା ୮ଟି, ଶିକ୍ଷା ଟ୍ରିବୁନାଲ ମାମଲା ୮ଟି, ଶ୍ରମ ଅଦାଲତ ମାମଲା ୨ଟି, ଶିଳ୍ପ ଟ୍ରିବୁନାଲ ମାମଲା ୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ଥାନରୁ ୧୫ରେ...

ଏହାପରେ ଜୁନ ୨୯ରେ ଅର୍ଥାତ ୯ ଦିନ ପୂର୍ବରୁ ପୂରା ଦେଶକୁ ମୌସୁମୀ ପରିବ୍ୟାପ୍ତ ହୋଇଥିଲା । ସାଧରଣତଃ ଏହା ଜୁଲାଇ ୮ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ କଭର କରିଥାଏ । ଏଥର ସାରା ଦେଶରେ ଏପର୍ଯ୍ୟନ୍ତ ୮୩୫.୨ ମିମି ବର୍ଷା ହୋଇଛି । ସ୍ୱାଭାବିକ ଠାରୁ ଏହା ୭ ପ୍ରତିଶତ ଅଧିକ ।

ଇତିମଧ୍ୟରେ ହିମାଚଳ ପ୍ରଦେଶର ବିଳାଶପୁରର ନାମହୋଲରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା । ଫଳରେ ଆବର୍ଜନା ତଳେ ୧୦ଟି ଗାଡି ଦବି ଯାଇଛି । ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସେହିପରି ମଣ୍ଡି ଜିଲ୍ଲାର ଧର୍ମପୁରରେ ସପଡ଼ି ରୋହ ଗାଁରେ ଶନିବାର ସକାଳେ ଭୂସ୍ଖଳନ ହେବାରୁ ଅନେକ ଘର ପାଣି ମଧ୍ୟରେ ରହିଛି । ହିମାଚଳରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ଏପର୍ଯ୍ୟନ୍ତ ମୋଟ ୩୮୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ରାଜ୍ୟରେ ଏଥର ସମାନ୍ୟଠାରୁ ଅଧିକ ୪୩ ପ୍ରତିଶତ ବର୍ଷା ହୋଇଛି । ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହାରାହାରି ୬୭୮.୪ ମିମି ବର୍ଷା ହୋଇଥାଏ । କିନ୍ତୁ ଏଥର ମୌସୁମୀ ଋତୁରେ ୯୬୭.୨ ମିମି ବର୍ଷା ହୋଇଛି । ଉତ୍ତରପ୍ରଦେଶର ଉନ୍ନାଓରେ ଗଙ୍ଗା ନଦୀର ଜଳସ୍ତର ବିପଦ ସଂକେତର ୨୩ ସେମି ଉଚ୍ଚରେ ରହିଛି । ଫଳରେ ୮୦ଟି ଗାଁ ବନ୍ୟା ଘେରରେ ରହିଛି । ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସହାର ହୋଇଛନ୍ତି । ହିମାଚଳରେ ଏପର୍ଯ୍ୟନ୍ତ ସାମାନ୍ୟଠାରୁ ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି ।

### ଭାରତ-ପାକ୍...

କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ଅପମାନସୂଚକ ଶବ୍ଦ ବ୍ୟବହାର କରୁଛନ୍ତି । ଏଭଳି ସ୍ଥିତିରେ ସେମାନଙ୍କ ସହିତ ଖେଳାଯିବା ଉଚିତ ନୁହେଁ । ପହଲଗାମ ଆକ୍ରମଣର ଶିକାର ପରିବାର ମଧ୍ୟ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି । ସେମାନେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଯେଉଁ ୨୬ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ପ୍ରତି ବିସିସିଆଇର ଟିକିଏ ହେଲେ ସମବେଦନା ନାହିଁ ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ନଖେଳିବାକୁ ଭାରତ ନିଷ୍ପତ୍ତି ନେଇଛି । କିନ୍ତୁ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ ନୁହେଁ, କାରଣ ଭାରତୀୟ ଟିମ୍‌କୁ ଏହା କ୍ଷତି ପହଞ୍ଚାଇବ ।

ଦେଶ ଭିତରେ ଏହି ମ୍ୟାଚ୍‌କୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବିସିସିଆଇ ମୁହଁ ଖୋଲୁ ନାହିଁ । ତେବେ ଯାହା ଖବର ମିଳିଛି ଯେ ଏହାର ଅଧିକାରୀ ଆସନ୍ତାକାଲିର ମ୍ୟାଚ୍‌ରେ ଉପସ୍ଥିତ ରହିବେ ନାହିଁ । କେବଳ ଜଣେ ଅଧିକାରୀ ଉପସ୍ଥିତ ରହିବେ ।

### ନୂଆପଡ଼ାରେ ହେବ...

ଜାରି ସୂଚନା ଅନୁସାରେ ସେପ୍ଟେମ୍ବର ୧୪ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ବା ପରିବର୍ତ୍ତନ ସହ ୧୫ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ସେହିଦିନଠାରୁ ସେପ୍ଟେମ୍ବର ୨୯ତାରିଖ ପର୍ଯ୍ୟନ୍ତ ଏହା ଉପରେ ଦାବି ଓ ଆପତ୍ତି ଦାଖଲ ଆହ୍ୱାନ, ଅକ୍ଟୋବର ୭ସୁଦ୍ଧା ଦାବି ଓ ଆପତ୍ତିର ସମାଧାନ ଏବଂ ଅକ୍ଟୋବର ୯ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିର୍ବାଚନ ଅଧିକାରୀ କାର୍ଯ୍ୟସୂଚୀ ଜାରି କରିଛନ୍ତି । ଏହାପରେ ମତଦାନ ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି ।

### ମେଲୋଡି ଗାର୍ଲଙ୍କୁ...

ସନ୍ଦେହ କରିନଥିଲେ । ପୂର୍ବ ଯୋଜନା ମୁତାବକ, ଚନ୍ଦନ ଓ ପ୍ରସନ୍ନ ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ରୁମ ଭିତରେ ଜଣଙ୍କ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ ।

ଅପରାହ୍ଣରେ ଯୁବତୀଙ୍କ ଚେତା ଫେରିବା ବେଳକୁ ରୁମକୁ ବାହାର ପଟରୁ ତାଲା ପଡ଼ିଥିଲା । କବାଟ ବାଡ଼େଇବା ପରେ କେୟାରଟେକର୍ ରାଜେଶ ତାଲା ଖୋଲି ରୁମକୁ ଆସିଥିଲା । ରାଜେଶ ମଧ୍ୟ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ଯୁବତୀଙ୍କୁ କହିଥିଲା । ତା' କଥା ଶୁଣି ଯୁବତୀଜଣଙ୍କ କାନ୍ଦିବାରୁ ଚନ୍ଦନ ଓ ପ୍ରସନ୍ନ ରୁମରେ ପହଞ୍ଚିଥିଲେ । ପରେ ଏକ କାର୍ ଭଡ଼ା କରି ଯୁବତୀଙ୍କୁ ପଠାଇ ଦେଇଥିଲେ । କାର୍ ଚାଳକଜଣଙ୍କ ପୀଡ଼ିତାଙ୍କୁ ରସୁଲଗଡ଼ ଛକରେ ଛାଡ଼ି ପଳାଇଥିଲା । ସେହି ସମୟରେ ପୀଡ଼ିତାଙ୍କ ସାଙ୍ଗ ଫୋନ୍ କରିବାରୁ ସେ କାନ୍ଦି କାନ୍ଦି ସବୁ କଥା କହିଥିଲେ । ପୀଡ଼ିତାଙ୍କ ସାଙ୍ଗ ତାଙ୍କୁ ରସୁଲଗଡ଼ ଛକରୁ ଉଦ୍ଧାର କରି ଘରକୁ ନେଇଥିଲେ । ଏହାର ପରଦିନ ପୀଡ଼ିତାଙ୍କ ବଡ଼ ଭଉଣୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା । ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ, ପ୍ରସନ୍ନ ଓ କେୟାରଟେକର୍ ରାଜେଶକୁ ଗିରଫ କରି କୋର୍ଟଚାଲାଣ କରିଛି ।

### ଭୁଶୁଡ଼ିଲା ମାର୍କେଟ୍...

ପଡ଼ିଥିଲା । ଫଳରେ କମ୍ପ୍ଲେକ୍ସର ଉପର ମହଲା ମଧ୍ୟ ଧରାଶାୟୀ ହୋଇଥିଲା । ସୌଭାଗ୍ୟବଶତଃ ଷ୍ଟଲ୍ ଭିତରେ କାମ କରୁଥିବା ଶ୍ରମିକମାନେ ଦୌଡ଼ି ବାହାରକୁ ଚାଲି ଆସିଥିଲେ । କିନ୍ତୁ ବେକେରୀ ସମ୍ମୁଖରେ ପାନ ଦୋକାନ କରି ପରିବାର ଚଳାଉଥିବା ବେକେରୀ ମାଲିକଙ୍କ ଭାଇ ଲୋକନାଥ ପାତ୍ର ଛାତ ତଳେ ଚାପି ହୋଇ ରହି ଯାଇଥିଲେ । ଖବର ପ୍ରଚାର ହେବା ମାତ୍ରେ ୬ଟି ଜେସିବି ମେସିନ୍ ସହ ଓଡ୍ରାଫ ଟିମ୍ କୋରାପୁଟ, ଜୟପୁର, ସେମିଳିଗୁଡା ଏବଂ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗ କର୍ମଚାରୀ ତଲାସୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଅନ୍ୟ ଅଧିକାରୀ ସେଠାରେ ପହଞ୍ଚିଥିଲେ । କଟର୍ ଦ୍ୱାରା ଛାତ କାଟି ଚାପି ହୋଇ ରହିଥିବା ଲୋକନାଥ ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । କମ୍ପ୍ଲେକ୍ସ ପ୍ରାୟ ୪୦ବର୍ଷ ପୁରୁଣା ଓ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ବିପଦସଂକୁଳ ବୋଲି ଘୋଷଣା କରିଛି । କୌଣସି ବ୍ୟବସାୟୀ ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ନ ଖୋଲିବା ଏବଂ ଜନସାଧାରଣ ସେଠାକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।


**ODISHA HYDRO POWER CORPORATION LTD.,**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
CAD-1739

No. HHEP/Tech-WK-104, Vol-IV/6161 Date : 10.09.2025

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com.

Sd/-
OIPR-04007/11/0072/2526 C&P Head, HHEP, Burla



**VEHICLE FOR SALE**
MARUTI TOUR S, Model - 2023, Registration No-OD-34-R-0993, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

**VEHICLE FOR SALE**
ITL SONALIKA SOLISYAN DI 42 TRACTOR WITH TRAILER, Model - 2022, Registration No-OD-09-X-3898, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**
By virtue of an Affidavit sworn before Executive Magistrate, Basudevpur, dated 24 April 2025.I, Sukanta Kishor Mohanty, age- 40 years, S/o- Gagan Mohanty, Address-Village- Mallikadeipur, P.O./ P.S. - Naikanidihi, Dist.: Bhadrak, Odisha, declare that I have changed my name from Sukanta Kishor Mohanty, to Sudarshan Mohanty, S/o- Gagan Mohanty. Henceforth, I shall be know as Sudarshan Mohanty, S/o- Gagan Mohanty for all purposes.
Sudarshan Mohanty

**AFFIDAVIT**
By virtue of an affidavit sworn before Executive Magistrate Angul dated 26/08/2025, I **Shraddha Tulsiyan,** Address: Old Daily Market, Laxmi Bazar, Angul, Pin-759122, Odisha, declare that I have changed my name from **Shraddha Kansal** to **Shraddha Tulsiyan.** Henceforth, I shall be known as **SHRADDHA TULSIYAN** (new name) for all purposes.
**Shraddha Tulsiyan**

**AFFIDAVIT**
By virtue of an affidavit No. 5403 sworn before the Executive Magistrate, Champua on dated-08/09/2025. I **Alekh Kumar Sahoo**, Permanent resident of Vill- Dhaladihi, Po/Ps-Champua, Dist- Keonjhar, Odisha, Pin- 758041 declare that I have changed my minor daughter's name from **Sangita Sahoo** (old name) To **Aradhya Sahoo** (new name). Henceforth she shall be known as **ARADHYA SAHOO,** D/o- Alekh Kumar Sahoo for all future purposes.
**Sd/- Alekh Kumar Sahoo**

**DOCUMENT LOST**
I, **Maheswar Panda,** S/o Dinabandhu Panda, resident of GN-4, Ganesh Nagar, Gandamunda, PS- Khandagiri, Bhubaneswar, Dist- Khorda, Odisha do hereby declare that, Original Sale Deed bearing No. 230, 1152, 130 & 1722 & ROR vide Khata No. 453/128, 1133/2436 & Land Passbook No. 07054178/35 has been lost somewhere in Jagamara Bazar while I travelling from Ganesh Nagar To Royal Garden, Aiginia on 08/09/2025. If any person finds the same, may please contact to my address or nearest police station & if anyone will misutilize it I will not be responsible for it.
**Maheswar Panda**

**AFFIDAVIT**
By virtue of affidavit C.F. No. 2461, dtd. 18.08.2025 in the court of the Executive Magistrate, Sambalpur, I, Balkeshi Yadab, aged about 45 years have changed my name and address from Sawariya Devi, W/o- Bindeshwari Ray, resident of At- Shilauri, Po-Marhowrah, Dist.- Saran (Bihar) to Balkeshi Yadab, aged about 45 years, W/o- Bindheswari Yadab, resident of At- Dindayal Nagar (Dhipapada), Po/Ps-Burla, Dist.- Sambalpur (Vide my Aadhaar Card No. 698622954248) for all purposes.
**Sd/- Balkeshi Yadab**

**AFFIDAVIT**
By virtue of an affidavit sworn before the Executive Magistrate, Jajpur Road no 3474 dated 07/02/2025 I Amulya Kumar Nayak declare that My wife surname is wrongly printed as Swagatika Nayak in my daughter's birth certificate issued by CHC Korei (700) in place of Swagatika Jena. Hence she will be known as **Swagatika Jena alias Nayak** for all purposes.
**Sd/- AMULYA KUMAR NAYAK**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, Affidavit No.111, on dated, 12.09.2025, I Triloknath Mohapatra, resident of Plot No.1385/9, Sastri Nagar, Unit-4, Ps- Kharvel Nagar, Bhubaneswar, Dist-Khordha, Odisha, PIN-751001, declare that I have changed my name from Trilok Mohapatra to Triloknath Mohapatra. Henceforth, He shall be known as **TRILOKNATH MOHAPATRA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate,Cuttack , vide No.7920 dated 11.09.2025, I, Sajida Khatun, M/o Arsalan Raja Khan, Resident of At/Po-Rasulpur, PS-Tirtol, Dist-Jagatsinghpur, PIN-754104, Odisha declare that I have changed my Son's name from Aramlan Raja Khan to Arsalan Raja Khan. Henceforth, He will be known as **ARSALAN RAJA KHAN** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Debe Kabasi**, aged about 27 years, W/o.: Irma Kabasi, D/o.: Laka Madkami resident of Village: Fulaguda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1601/2025, Dated: 12.09.2025 that I have changed my name from Debe Madkami to **Debe Kabasi**. Henceforth I shall be known as **Debe Kabasi**, for all future purposes.

**NOTICE**
By virtue of an affidavit sworn before the Notary Public, Cuttack, dated 22.08.2025 I, Swami Anupamanand Saraswati, S/o- Subash Pradhan permanent resident of At-Tholanda, P.O.- Alladi, PS-Jagannath Prasad, Dist-Ganjam, Odisha, Pin- 761120 have changed my name and surname from Bikram Pradhan to Swami Anupamanand Saraswati. Henceforth, I shall be known as **Swami Anupamanand Saraswati** for all purposes.
**Swami Anupamanand Saraswati**

**AFFIDAVIT**
By virtue of an affidavit CF No.-47, dtd.25.07.2025 in the court of the Executive Magistrate, Bhubaneswar, I, Raja Das, S/o-Babu Das, resident of Plot No. 1190, Raghunath nagar, Satya Nagar, Dumduma, Po-Dumduma, Ps- Khandagiri, Bhubaneswar, Dist.- Khordha, Odisha, Pin-751019 have changed my name from Sek Raja to Raja Das. Hencefroth I shall be known as Raja Das for all purposes.
**Sd/- Raja Das**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 08.09.2025, I Bharat Hial, S/o- Madhu Hial, Vill.-Kamata, Po.- Kamata, Ps.-Tentulikhunti, Dist.-Nabarangpur, Odisha, Pin-764049, declare that, I have changed my minor Daughter 's name from **SECOND BABY OF LYDIA HIAL** to **ABIGAIL HIAL**. Henceforth she shall be known as **Abigail Hial** for all purposes.
Sd/- **Bharat Hial**

**NOTICE**
By virtue of an affidavit sworn before the Notary Public, Cuttack, dated 02.09.2025 I, Basanti Sahoo, W/o – Avimanyu Moharana, D/o. Late Panchanan Sahoo, resident of At–Ramagarh, P.O.- Kotasahi, P.S-Tangi, Dist- Cuttack, Odisha, Pin-754022 have changed my name from Basanti Moharana to Basanti Sahoo. Henceforth, I shall be known as Basanti Sahoo for all purposes.
**Basanti Sahoo**

**AFFIDAVIT**
By virtue of an affidavit CF No.-34, dtd.04.09.2025 in the court of the Executive Magistrate, Bhubaneswar, I, Dipa Sethi, W/o-Santosh Kumar Sethi, resident of Plot No. 122, Balanaga, Maa Narayani Mandir, Sainsasan, Po-Dakhinaradasa, Dist.- Puri, Odisha, Pin-752114 have changed my name from Dwipa Sethy to Dipa Sethi. Hencefroth I shall be known as Dipa Sethi for all purposes.
**Sd/- Dipa Sethi**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide No. 776 dt. 10.09.2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol Pump back side, Chamuriaguda, Nabarangpur, Dist.- Nabarangpur, Odisha- 764059 state that I intend to rectify the names in the school admission records and enter our names as **PUPPALA SOHAN KUMAR**, S/O- **PUPPALA SRINIVAS** (Father) and **PUPPALA KALPANA** (Mother) in place of P. SOHAN KUMAR, S/o- P. SRINIVAS (father) and P. KALPANA (mother) in respective columns to avoid future litigations.
Sd/- Puppala Srinivas

**AFFIDAVIT**
I, Smt. Padmini Kumari Mishra, W/o- Sri Debendra Mishra, resident of Gadia Street, Nabarangpur, Dist.- Nabarangpur state vide affidavit no. 1000 dtd.13.09.2025 that, my actual and correct name is **Padmini Kumari Mishra** but in my daughter **Eva Mishra**'s admission in PM Kendriya Vidyalaya, Nabarangpur my name has been entered as Padmini Mishra. Hence **Padmini Kumari Mishra** and **Padmini Mishra** is one and same same person. Henceforth, I shall be known as **Padmini Kumari Mishra** for all official purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 03.09.2025, I Chandralal Durga, S/o- Late Sobha Harijan, Vill.-Tota Street, Nabarangpur, Po.-Nabarangpur, Ps.- Nabarangpur, Dist- Nabarangpur, Odisha, Pin - 764059, declare that, I have changed my minor Daughter's name from **RITWISHALAL HARIJAN** to **RITWISHALAL DURGA**. Henceforth she shall be known as **Ritwishalal Durga** for all purposes.
Sd/- **Chandralal Durga**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 01.09.2025, I REBATI HARIJAN, W/o- Sahul Bagh, Vill- Bhatisalguda, Nabarangpur, Po.-Nabarangpur, P/s.-Nabarangpur, Dist-Nabarangpur, Odisha, Pin - 764059 declare that, I have changed my name from **SAMA HARIJAN** to **REBATI HARIJAN**. Henceforth I shall be known as **REBATI HARIJAN** for all purposes.
Sd/- **REBATI HARIJAN**

**AFFIDAVIT**
I, Raja Ramesh, S/o- R. P. Raja resident of Vill.- Balda, Po.- Balda, Ps.- Padwa Dist.- Koraput, Odisha state vide affidavit no.777 dtd.05.9.2025 that, I have changed my son's name from **Raja Yagesh** to **R. Yogesh** and his Date of Birth is **18/03/2009**. Henceforth he will be known as **R. Yogesh** for all future purposes.

**AFFIDAVIT**
By virtue of an affidavit vide no.-.3455, dated 10/09/2025 sworn before Executive Magistrate, Banpur declare that, I, Sangram Keshari Palai, S/o-Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Odisha, Pin-752030 declare that, I **Sangram Keshari Palai** and **Sangram Keshri Palai** is one and same person. But I want to keep my name as **Sangram Keshari Palai** as per adhar for all purposes.
Sangram Keshari Palai

**AFFIDAVIT**
By virtue of an affidavit sworn before The Executive Magistrate Banpur, Dist.- Khordha vide no-3404, Dated- 6/9/2025, I Gangadhar Nayak, aged about 57yrs., S/O- Kaibalya Nayak, At- Balipadar, Po./Ps.-Banpur, Dist.- Khordha, Pin-752031, Odisha, declare that I have changed my minor Daughter's name from **Debasmita Debabarni Nayak** to **Debasmita Nayak**, which is mentioned in Certificate. Henceforth, he shall be known as **Debasmita Nayak** for all purpose.
Debasmita Nayak

**AFFIDAVIT**
By virtue of an affidavit No 12/33 dated 11/09/2025 before the Notary Public, Puri, I, Dasarathi Satapathy, S/o- Late Ramachandra Satapathy, At/Po-Bhagabanpur, PS-Brahmagiri, Puri - 752011 declare that now onwards I shall be known as **DASHARATHI SATAPATHY** for all future purpose.

**AFFIDAVIT**
I, Smt. Urmila Behera, W/o- Sri Tapan Kumar Behera, resident of Vill./Po.- Mirganguda, Ps.- Nabarangpur, Dist.- Nabarangpur vide affidavit no. 997 dtd.12.9.2025 state that my actual and correct name is **URMILA BEHERA**. At the time of my daughter Sudhansubala Behera's admission in PM Kendriya Vidyalaya, Nabarangpur my name has been entered as Urmilla Behera. Hence **Urmila Behera** and **Urmilla Behera** is one and same person. Henceforth I shall be known as **Urmila Behera** for all official purposes.

ସକାଳ
THE SAKALA



ଭୋଗରାଇ ପଞ୍ଚାୟତ ସମିତିର ସପ୍ତମ ବୈଠକ

# ହେକ୍ଟର ପିଛା ୮୫୦୦ ପାଇବେ ବନ୍ୟା କ୍ଷତିଗ୍ରସ୍ତ ଚାଷୀ



ଭୋଗରାଇ, ୧୩।୯ (ସମିସ)

ଭୋଗରାଇ ବ୍ଲକ ପରିସରରେ ଥିବା ସଭାଗୃହରେ ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ପ୍ରତାପ ବେହେରା, ପ୍ରମଥ କୁମାର ବେହେରା, ଡାକ୍ତର କମଳାକାନ୍ତ ଜେନା, ଉପସ୍ଥିତ ଥିଲେ। ନାଚିନ୍ଦା ବିଦ୍ୟାଳୟର ଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ଶ୍ରେଣୀ ଶିକ୍ଷୟିତ୍ରୀ ମଧ୍ୟରେ ଲାଗିରହିଥିବା କଳହ ପାଇଁ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ବ୍ୟାଘାତ ଘଟିଥିବା ଏବଂ ୧୮ ବର୍ଷ ପର୍ଯ୍ୟନ୍ତ ଗୋଟିଏ ବିଦ୍ୟାଳୟରେ ରହିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ପାଇଁ ଗୃହରେ ଆଲୋଚନା କରାଯାଇଥିଲା।

କୃଷି ବିଭାଗର ଅଧିକାରୀ ରଘୁନାଥ ଦାସଙ୍କୁ ବନ୍ୟାର କ୍ଷତିଗ୍ରସ୍ତ ଚାଷୀଙ୍କ ବାବଦରେ ପଚାରିବାରୁ ସେ କହିଥିଲେ, ସୁବର୍ଣ୍ଣରେଖାର ଷଷ୍ଠ ବନ୍ୟାରେ ୧୭ଟି ପଞ୍ଚାୟତ ଓ ୯୧ଟି ଗ୍ରାମର ୪୩୬୧ ହେକ୍ଟର ଜମିର ଚାଷ ଯାହା ୩୩ ଶତକଡା ଉତକଡ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ତେଣୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷତିପୂରଣ ଚାଷୀମାନେ ପାଇବେ ବୋଲି ସୂଚନା ଦେଇଥିଲେ। ତା ଛଡ଼ା ଖଡ଼ି ଓ ଇକିଡ ସ୍ଥାନ ଗୁଗୁଲ ସର୍ଭେରେ ସ୍ଥାନ ପାଇନଥିବାରୁ ତା'ର ଆର୍ଥିକ ସହାୟତା ଚାଷୀ ପାଇବେ ନାହିଁ ବୋଲି କହିଥିଲେ। ଡିଜିଟାଲ ପେମେଣ୍ଟରେ ୯୬ ଶତକଡା କ୍ରପ ସବସିଡି ଥିଲା ବେଳେ ତହସିଲ କାର୍ଯ୍ୟାଳୟ ର ମନମୁଖୀ କାର୍ଯ୍ୟ ପାଇଁ ଗତବର୍ଷ ୧୨ ଶହ ଲୋକଙ୍କ ପେମେଣ୍ଟ ଅଟକିବା ଏବଂ ତହସିଲରୁ ଦଲାଲ୍ ମୁକ୍ତ କରିବା ଆଦି ଗୃହରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା କହିଥିଲେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗୃହରେ ଲିଖିତ ଲିପିବଦ୍ଧ କରାଯିବାର ନିଷ୍ପତ୍ତି ନିଆଗଲା। ସରପଂଚ ମମତା ସାହୁ ପଚାରିଥିଲେ ଭୋଗରାଇ ୫୦ ଟି ପଞ୍ଚାୟତର ମାତ୍ର ୫ ଜଣ କୃଷି କର୍ମଚାରୀ ରହିଥିବା ଏବଂ ସେମାନଙ୍କ ଭାଗରେ ୧୦ ଟି ପଞ୍ଚାୟତ ରହିଛି ତେଣୁ ସେମାନେ ସଠିକ ଭାବେ କାର୍ଯ୍ୟ କରିପାରୁ ନାହାନ୍ତି। ସେଥିପାଇଁ ଖାଲି ଥିବା କୃଷି କର୍ମଚାରୀ ପଦବୀ ପୂରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଭୋଗରାଇ ୪ଟି ସରକାରୀ ଲାଇସେନ୍ସ ପ୍ରାପ୍ତ ସାର ବିକ୍ରୀ କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ ଚନ୍ଦେନେଶ୍ୱର ଫାର୍ଟିଲାଇଜର ସଂସ୍ଥା କିଛିଦିନ ପୂର୍ବରୁ ନିଆଁ ଲାଗିଯିବାରୁ ତାହା ବନ୍ଦ ଅଛି। ତେଣୁ ଭୋଗରାଇବାସୀ ସାର ପାଉନାହାନ୍ତି ବୋଲି ସଦସ୍ୟ ସଦସ୍ୟା ସରପଂଚ ସମସ୍ତେ ଅଭିଯୋଗ କରିଥିଲେ। ଭୋଗରାଇକୁ କେତେ ପରିମାଣରେ ସାର ଆସୁଛି ତାହା କୃଷି ବିଭାଗ ଜାଣିନାହାନ୍ତି ବୋଲି ଅଭିଯୋଗ ହୋଇଥିଲା। ସାର ସବୁ ଚୋରାରେ ପଶ୍ଚିମବଙ୍ଗ ଚାଲାଣ ହେଉଛି ବୋଲି ସଭାଗୃହରେ ଉପସ୍ଥିତ ସଭ୍ୟ ସଭ୍ୟା ମାନେ କହିଥିଲେ। ଡାକ୍ତର କମଳାକାନ୍ତ ଜେନାଙ୍କୁ ସରପଂଚ ସୁମନ୍ତ ବେହେରା ଆୟୁଷ୍ମାନ କାର୍ଡ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇଥିବା ୨ ଲକ୍ଷ୫୦ ହଜାର ଟଙ୍କାର ହିସାବ ମାଗିବାରୁ ତାହା ଏପର୍ଯ୍ୟନ୍ତ ହିସାବ ହୋଇନାହିଁ ବୋଲି କହିଥିଲେ। ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନବ ନିର୍ମିତ ସମ୍ପ୍ରସାରିତ ଗୃହ ଏପର୍ଯ୍ୟନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ଙ୍କୁ ହସ୍ତାନ୍ତର ହୋଇନାହିଁ। ଏହି ଗୃହ ନିର୍ମାଣରେ କେତେ ଖର୍ଚ୍ଚ ହୋଇଛି ତାର ପ୍ରଶ୍ନ ରେ ଡାକ୍ତର ଜେନା ଜାଣି ନ ଥିବା ଉତ୍ତର ଦେଇଥିଲେ। ସାମାଜିକ ବିଭାଗର ଅଧିକାରୀ ଗୌରାଙ୍ଗ ସାମଲ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ଲୋକଙ୍କ ଭତ୍ତା ପ୍ରଦାନ ରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନା ନ କରିବା ଆଦି ଅଭିଯୋଗ ହୋଇଥିଲା। ସେହିପରି ଜଳସମ୍ପଦ, ଡ୍ରେନେଜ, ପାନୀୟଜଳ ଯୋଗାଣ ଇତ୍ୟାଦି ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ମୀନାରାଣୀ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

● ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା

## ହସ୍ପିଟାଲ ରୋଡରେ ବିପଦସଙ୍କୁଳ ଟ୍ରାନ୍ସଫର୍ମର




ବିଦ୍ୟୁତ୍ ଆଘାତରେ ଛେଳି ମୃତ

ବସ୍ତା ବ୍ଲକ, ୧୩।୯ (ସମିସ): ବସ୍ତା ବିଦ୍ୟୁତ୍ ବିଭାଗ ଟିପିଏନ୍ଓଡିଏଲ କମ୍ପାନୀର ଦାୟିତ୍ୱ ହୀନତା ଯୋଗୁଁ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମରରୁ କରେଣ୍ଟ ଲାଗି ଗୋଟିଏ ଛେଳିର ମୃତ୍ୟୁ ହୋଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଛେଳି ଜାଗାରେ ମଣିଷ ହୋଇ ଥାନ୍ତା ତାହାଲେ ଜୀବନ ହାନି ହୋଇଥିଲେ କିଏ ଦାୟୀ ହୋଇ ଥାନ୍ତା ତାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗର ଏଭଳି ଦାୟିତ୍ୱ ହୀନତା ଓ ମରାମତି ଦାୟିତ୍ୱ ତୁଲାଇଥିବା କମ୍ପାନୀର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶ ଯେ ଶନିବାର ଅପରାହ୍ନରେ ବସ୍ତା ବଜାର ଠାରୁ ହସ୍ପିଟାଲକୁ ଯାଉଥିବା ବ୍ୟସ୍ତବହୁଳ ରାସ୍ତାର ସବ - ରେଜିଷ୍ଟ୍ରାର କାର୍ଯ୍ୟାଳୟ ଆଗରେ ରାସ୍ତା ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଏକ ଟ୍ରାନ୍ସଫର୍ମର ରହିଛି। ଏହି ଖୁଣ୍ଟ ଚାର୍ଜ ହୋଇ ଯାଇଥିବାରୁ ଖୁଣ୍ଟରୁ କରେଣ୍ଟ ଲାଗି ସ୍ଥାନୀୟ ଗ୍ରାମର କେଶୁରୀ ବାରିକଙ୍କ ଛେଳି ଘଟଣା ସ୍ଥଳରେ ମରି ପଡ଼ି ଥିବା ଦେଖି ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏଥି ସହିତ କ୍ଷତି ପୂରଣ ଦାବି କରିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗର ଏସଡିଓ ଘଟଣା ସ୍ଥଳରେ ପହଞ୍ଚି କ୍ଷତି ପୂରଣ ଦେବାର ପ୍ରତିଶ୍ରୁତି ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ର ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଛେଳି ଚୋରି, ଦୁଇ ଅଟକ

ସିମୁଳିଆ, ୧୩।୯ (ସମିସ): ବାଇକ୍‌ରେ ଛେଳି ଚୋରି ସମୟରେ ସିମୁଳିଆ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଛି। ଜଣେ ଭଦ୍ରକ ଅଞ୍ଚଳର ସେକ. ରାଜୁ ଏବଂ ଅନ୍ୟଜଣେ ପୁରୁଣା ବଜାରର ସେକ୍ ଜଲାଲ। ବାସୁଦେବପୁର ଥାନାରେ ରିପୋର୍ଟ ଥିବାରୁ ଖବର ପାଇ ବାସୁଦେବପୁର ଥାନାର ଏଏସଆଇ ଏମ. କେ ସିଂ ଓ ଏ. ଏକେ. ଖଟୁଆ ସିମୁଳିଆ ଥାନାରେ ପହଞ୍ଚି ତଦାରଖ କରି ଫେରିଯାଇଥିଲେ। ସିମୁଳିଆ ପୁଲିସ ଦୁଇ ଜଣକୁ ଅଟକ ରଖିଛି। ଆସନ୍ତା କାଲି କୋର୍ଟ ଚାଲାଣ ହେବାର ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ନଦୀକୂଳରୁ ବାଲି ଉଠାଣ ରୋକିବାରେ ପ୍ରଶାସନ ବିଫଳ



ଜଳେଶ୍ୱର, ୧୩। ୯ (ସମିସ): ସୁବର୍ଣ୍ଣରେଖା ନଦୀର ବନ୍ୟାପାଣି ଯେତେ କମି କମି ଯାଉଛି ନଦୀକୂଳିଆ ଗ୍ରାମ ଗୁଡିକରେ ଚୋରା ବାଲି ଉଠାଣ ସେତେ ପରିମାଣରେ ବଢିବଢି ଯାଉଛି। କିଛିଦିନ ପୂର୍ବରୁ ବାଲି ମାଫିଆମାନେ ଚୋରା ବାଲି ଉଠାଇବା ପାଇଁ ଶିଖରପୁର ପଂଚାୟତର ସୁଖଦୁଖିଆ ଗ୍ରାମର ନଦୀକୂଳରେ ଭଙ୍ଗା ଇଟା, ପଥର, ବାଲି ପକାଇ ପକ୍କା ରାସ୍ତା ତିଆରି କରିବା ଆରମ୍ଭ କରିଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶିତ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଲି ମାଫିଆ ମାନେ ବାଲି ଉଠାଣ ଆରମ୍ଭ କରିଛନ୍ତି। ସାରା ରାତ୍ରୀ ବାଲି ଉଠୁଥିବା ବେଳେ ମାଇନିଂ ବିଭାଗର କିଛି ଅଧିକାରୀ ଦିନରେ ଯାଇ ବାଲି ଉଠୁଥିବା ସ୍ଥାନର ଫଟୋ ଉତ୍ତୋଳନ କରି ଫେରିଥିବାର ଗ୍ରାମବାସୀ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ମାଇନିଂ ବିଭାଗର କାର୍ଯ୍ୟ ଉପରେ। ପ୍ରତିଦିନ ଜଳେଶ୍ୱର ବ୍ଲକର ଶିଖରପୁର, ମହମ୍ମଦନଗରପାଟଣା, ବିରେଶପୁର, ଗୋପ, ମଥୁରାନାଥ, ମାଳିପାଳ, ପ୍ରହରାଜପୁର, ମାକିଡିଆ, ଅଲମରା ଇତ୍ୟାଦି ବହୁ ନଦୀକୂଳ ଗ୍ରାମ ନିକଟରେ ବାଲି ଉଠାଣ ଆରମ୍ଭ ହୋଇଯାଇଛି। ପ୍ରତିଦିନ ରାତ୍ରୀ ସାରା ଜଳେଶ୍ୱର ଥାନା ଓ ତାର ଆଖ ପାଖରେ ବହୁ ଯୁବକ ଘୁରୁଥିବାର ଦେଖିବାକୁ ମିଳୁଛି। ଏହି ଯୁବକ ମାନେ ପୁଲିସର ଗତିବିଧି ଉପରେ ଲକ୍ଷ୍ୟ ରଖି ବାଲି ଚାଲାଣ କରୁଛନ୍ତି ବୋଲି କେତେକ ପୋଲିସ କର୍ମଚାରୀ ପ୍ରକାଶ କରିଛନ୍ତି। କିନ୍ତୁ ଜଳେଶ୍ୱର ପୋଲିସ ବା ମାଇନିଂ ବିଭାଗ ତରଫରୁ ଏହି ଦିଗପ୍ରତି ଦୃଷ୍ଟି ନ ଦେବା ସେମାନଙ୍କର ସମ୍ପୃକ୍ତିକୁ ପୃଷ୍ଟି କରୁଛି। ରାଜ୍ୟ ସରକାର ମାଇନିଂ ବିଭାଗ ଅଧିନରେ ବିଭିନ୍ନ ବାଲି ସୈରାତ, ମାଟି, ଗୋଡି ଓ ପଥର ଖାଦାନର ସୁରକ୍ଷା ପ୍ରଦାନ କରିବା ଦିନ ଠାରୁ ଜଳେଶ୍ୱର ଅଞ୍ଚଳରେ ଏହି ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବଢିବାରେ ଲାଗିଛି। ମାଫିଆ ମାଲେମାଲ ହେଉଥିବା ବେଳେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଗ୍ରାମ ପାଖ ନଦୀକୂଳରୁ ବାଲି ଉତ୍ତୋଳନ ଦ୍ୱାରା ଗ୍ରାମ ଗୁଡିକ ପ୍ରତି ବିପଦ ଦେଖା ଦେଇଥିବାବେଳେ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ନଦୀକୂଳ ଗ୍ରାମବାସୀ ଦାବି କରିବା ସହିତ ଆଗାମୀ ଦିନରେ ଏକ ବଡ ଜନଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ; ୧.୩୮ ଲକ୍ଷ ଜରିମାନା ଆଦାୟ




ବାଲେଶ୍ୱର,୧୩।୯ (ସମିସ): ଖଡ଼ଗପୁର ଡିଭିଜନ ପକ୍ଷରୁ ଆଜି ବିଭିନ୍ନ ସେକ୍ସନ ଏବଂ ଟ୍ରେନରେ ଟିକଟ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ କେଜିପି-ଜେଜିଏମ, କେଜିପି-ବିଏଲଏସ୍, କେଜିପି-ଏଚ୍ ଡବ୍ଲୁ ଏଚ୍, କେଜିପି-ବିସିକେ-ଏଚ୍ ଏ ୟୁ ଆର୍-ପିକେୟୁ ଏବଂ ଅନ୍ୟାନ୍ୟ ସେକ୍ସନ ସମେତ ଗୁରୁତ୍ୱପୂର୍ଣ୍ଣ ରୁଟଗୁଡ଼ିକରେ ଅନିୟମିତ ଏବଂ ଅନଧିକୃତ ଯାତ୍ରା ଉପରେ ଲକ୍ଷ୍ୟ ରଖାଯାଇଥିଲା। ସେକ୍ସନରେ ଥିବା ଅନ୍ୟାନ୍ୟ ଟ୍ରେନଗୁଡ଼ିକରେ ଉତ୍ସର୍ଗୀକୃତ ସ୍କ୍ୱାଡ୍ ନିୟୋଜିତ କରାଯାଇଥିଲା। ଖଡ଼ଗପୁର ଷ୍ଟେସନ ଏବଂ ବାଲେଶ୍ୱର ଷ୍ଟେସନରେ ମଧ୍ୟ ଯାଞ୍ଚ କରାଯାଇଥିଲା। ଅଭିଯାନ ସମୟରେ, ବିନା ଟିକଟ କିମ୍ବା ଅନିୟମିତ ଟିକଟରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମୋଟ ୨୩୭ ମାମଲା ଚିହ୍ନଟ କରାଯାଇଥିଲା। ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀମାନଙ୍କଠାରୁ ଦଣ୍ଡ ସ୍ୱରୂପ ୧ ଲକ୍ଷ ୩୮ ହଜାର ୧୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖଡ଼ଗପୁର ଡିଭିଜନ ସମସ୍ତ ଯାତ୍ରୀଙ୍କୁ ଉପଯୁକ୍ତ ଏବଂ ବୈଧ ଟିକେଟ୍ ସହିତ ଯାତ୍ରା କରିବାକୁ ଏବଂ ଏକ ଅସୁବିଧାମୁକ୍ତ ଯାତ୍ରା ପରିବେଶ ବଜାୟ ରଖିବାରେ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ରାଜଘାଟ, ୧୩।୯ (ସମିସ): ବସ୍ତା ଥାନା ଅଧୀନ ଚାଷୀପଡ଼ା ଗ୍ରାମରେ ଶନିବାର ସାପ କାମୁଡ଼ାରେ ଜୈନିକ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ଅଭିମନ୍ୟୁ ଦତ୍ତ(୭୦)। ଆଜି ଅପରାହ୍ନରେ ଅଭିମନ୍ୟୁ ଫସଲ ଦେଖିବାକୁ ବିଲକୁ ଯାଇଥିବା ସମୟରେ ବିଷଧର ସାପଟିଏ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ହସ୍ପିଟାଲକୁ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବ ହେତୁ ବ୍ୟବଚ୍ଛେଦ ପ୍ରକ୍ରିୟା ସମ୍ଭବ ହୋଇପାରି ନଥିବା ଯୋଗୁ ତାହାକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ବେଳେ ଆସନ୍ତା କାଲି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

ଟାୱାରରୁ ଚୋରି ଘଟଣା

## ମହିଳା ସମେତ ୨ ଗିରଫ



ମୋରଡ଼ା, ୧୩।୯ (ସମିସ): ମୋରଡ଼ା ଥାନା ଅନ୍ତର୍ଗତ ପୁଟୁକିଶୋଳ କେନାଲ ନିକଟରେ ଥିବା ଜିଓ ମୋବାଇଲ ଟାୱାରରୁ ଅଗଷ୍ଟ ୨୩ ତାରିଖରେ ବିଭିନ୍ନ ମୂଲ୍ୟବାନ ଚୋରି ହୋଇଥିବା ନେଇ ଥାନା ରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ବାରିପଦା ସଦର ଥାନା ଅନ୍ତର୍ଗତ ବାଉତିଶୋଳ ଗାଁରେ ଚଢ଼ଉ କରି ଟାୱାର ଚୋରିର ମାଷ୍ଟର ମାଇଣ୍ଡ ତପୁ ଦାସ ସହ ଦୁଇ ସହଯୋଗୀ ପରିସ୍ମା ପ୍ରଧାନ ଓ ମନୋଜ ଦାସକୁ ମଧ୍ୟ ଗିରଫ କରିଛି। ତପୁ ପୂର୍ବରୁ ଭୁବନେଶ୍ୱରର ସୁ ସଂଯୋଗ ସର୍ଭିସ କମ୍ପାନୀରେ ଟିମ ଲିଡ଼ର ଭାବେ କାର୍ଯ୍ୟ କରୁଥିବା ବେଳେ ଟାୱରର ମୂଲ୍ୟବା ଜିନିଷ ଚୋରି କରି କଟକ ଏବଂ ଭୁବନେଶ୍ୱର ବ୍ୟବସାୟୀଙ୍କୁ ବିକ୍ରି କରିଥାଏ। ପରେ ସେମାନଙ୍କ ନିକଟରୁ ୮ଟି ମାଷ୍ଟର ଚାବି, ଟାୱରର ବିଭିନ୍ନ ଚୋରି ସାମଗ୍ରୀ, ଦୁଇଟି ଫୋନ ଏବଂ ସ୍କୁଟିକୁ ଜବତ କରିଛି ପୁଲିସ।

## ଝାଡେ଼ଶ୍ୱର ଡିପ୍ଲୋମା ଇଂଜିନିୟରିଂରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ



ବାଲେଶ୍ୱର,୧୩।୯ (ସମିସ): ରେମୁଣାସ୍ଥିତ ଝାଡେଶ୍ୱର ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପରିସରରେ ଚଳିତବର୍ଷ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗଦମ୍ବା ପଲିମର୍‌ର ସିନିୟର୍ ମ୍ୟାନେଜର ଡ. ସତ୍ୟନାରାୟଣ ଦାଶ, ମୁଖ୍ୟବକ୍ତା ଝାଡେଶ୍ୱର ଇଞ୍ଜିନିୟରିଂ କଲେଜର ଏକାଡେମିକ ଡିନ୍ ଇଂ ଶରତ କୁମାର ମିଶ୍ର ଯୋଗଦେଇ ନବାଗତ ଛାତ୍ରମାନଙ୍କ କ୍ୟାରିୟର ଗଠନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତରା, ସମ୍ପାଦକ ସର୍ବେଶ୍ୱର ସାନ୍ତରା ଓ ଆଡମିନିଷ୍ଟ୍ରେଟିଭ ଅଫିସର ପତିତପାବନ ସାହୁ ଯୋଗଦେଇ ପିଲାମାନଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ ପାଇଁ ପରାମର୍ଶ ଦେଇଥିଲେ। ଏହି ସ୍ୱାଗତ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ବିଭୁପ୍ରସାଦ ମାହାନା, ଏକାଡେମିକ ଡାଇରେକ୍ଟର ତପନ କୁମାର ରଣା, ବରିଷ୍ଠ ଅଧ୍ୟାପକ ବିମଳ କୁମାର ମୈଶାଳ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିଭିଲ ବିଭାଗ ମୁଖ୍ୟ ଇଂ ପ୍ରିତିରଞ୍ଜନ ସେଠୀ, ମେକାନିକାଲ ବିଭାଗ ମୁଖ୍ୟ ଇଂ ପ୍ରିୟମାଧବ ସାହୁ, ଇଟିସି ବିଭାଗର ମୁଖ୍ୟ ବିଶ୍ୱ ରଞ୍ଜନ ନାୟକ, ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଇଂ ଚିନ୍ମୟ କୁମାର ପଣ୍ଡା, ଅଧ୍ୟାପକ ପ୍ରଦୀପ କୁମାର ନାୟକ, ଅଧ୍ୟାପିକା ଗୀତା ଗୋବିନ୍ଦ ସମୟ, ଅଧ୍ୟାପକ ମନୋରଞ୍ଜନ ସେନାପତି ଓ ଅଧ୍ୟାପକ ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ବିଭାଗ ଅଧ୍ୟାପକ ଇଂ ସତ୍ୟଜିତ ରାୟ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇଂ ଦିବ୍ୟଜ୍ୟୋତି ଗଙ୍ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ନିର୍ମାଣକୁ କେନ୍ଦ୍ରକରି ସରପଞ୍ଚଙ୍କୁ ଧମକ

ଜଳେଶ୍ୱର ବ୍ଲକ, ୧୩।୯ (ସମିସ): ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୁହାପଡାଠାରୁ ଓଲମରା ମୁଖ୍ୟ ରାସ୍ତାର ଦୁଧିଆ ଖାଳି କେନାଲ ଛକ ଠାରୁ ଧାନଘେରୀପଶ୍ଚିମ ବଙ୍ଗ ବୋଡର ପର୍ଯ୍ୟନ୍ତ ରାସ୍ତା ମଂଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ରାସ୍ତାଟି ସରକାରୀ ନିୟମ ମୁତାବକ କାର୍ଯ୍ୟ ହେଉଥିବା ବେଳେ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଶୁଖଯୋଡ଼ି ଗ୍ରାମର ଦୁଃଖୀରାମ କିସ୍କୁ ସରପଞ୍ଚ ଗିରିଜା ସାସମଲଙ୍କ ନାମ ଲେଖି ଶ୍ୟାମନଗର ବିକାଶ କି ସୌଗନ୍ଧ ହ୍ୱଟ୍ସଆପ୍ ଗ୍ରୁପରେ ଧମକ ପୂର୍ଣ୍ଣ ବାର୍ତ୍ତା ଦେଇଥିବା ନେଇ ସରପଞ୍ଚ ନିଜ ଜୀବନ ପ୍ରତି ବିପଦ ଆଶଙ୍କା ପ୍ରକାଶ କରି ଆଜି ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ପୁଲିସ କହିଛି।

## ଦିନ ଦ୍ୱିପ୍ରହରରେ ସୁନାହାର ଛିନ୍‌ତାଇ

ବାରିପଦା, ୧୩।୯ (ସମିସ): ବାରିପଦା ସହର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ପୁଣି ଛିନତାଇ ହୋଇଛି। ଏନେଇ ସୁନାମୁହିଁ ଅଞ୍ଚଳର ମୁରଲୀଧର ଜେନା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଷ୍ଟେସନ ବଜାର ଅଞ୍ଚଳର ବିବାହ ମଣ୍ଡପକୁ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ମଣ୍ଡପ ମଧ୍ୟକୁ ପ୍ରବେଶ କରିବା ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ହେବ। ପୁଲିସ ଅଭିଯୋଗ ପାଇ ସିସି ଟିଭି ସହାୟତାରେ ଯାଞ୍ଚ କରୁଛି।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ବାରିପଦା, ୧୩।୯ (ସମିସ): ଛିନତାଇ ହୋଇଯିବ ବୋଲି କହି ଜଣେ ବ୍ୟକ୍ତିଙ୍କୁ ବୋକା ବନାଇ ସୁନା ଅଳଙ୍କାର ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ କାଳୀମନ୍ଦିର ଅଞ୍ଚଳର ପ୍ରଦୀପ କୁମାର ମହାନ୍ତି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ କୌଣସି କାମ ପାଇଁ ଲାଲବଜାର ଯାଇଥିଲେ। ସେଠାରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ସୁନା ଅଳଙ୍କାର ଛିନତାଇ ହେଉଥିବା ଭୟ ଦେଖାଇ ପିନ୍ଧିଥିବା ଅଳଙ୍କାର ଖୋଲି ଦେବାକୁ କହିଥିଲେ। ପରେ ସେ ସୁନା ହାର, ଲକେଟ ଓ ୪ଟି ମୁଦିକୁ ଖୋଲି ଏକ କାଗଜରେ ଗୁଡାଇ ତାଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ସେ ଘରକୁ ଆସି ଦେଖିଲା ବେଳକୁ କାଗଜ ମଧ୍ୟରେ ସୁନା ଅଳଙ୍କାର ବଦଳରେ ଗୋଡି ଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଠକେଇ ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବାଲିଆପାଳ ଲାୟନ୍ସ କ୍ଲବ୍‌ର ଦଶମ ଅଧିଷ୍ଠାନ ଉତ୍ସବ



୨୦୨୫-୨୬ ପାଇଁ ସଭାପତି ହେଲେ ଅମିତ ପଟ୍ଟନାୟକ

ବାଲିଆପାଳ, ୧୩।୯ (ସମିସ)

ବାଲିଆପାଳ ଲାୟନ୍ସ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ବାଲିଆପାଳ ବ୍ଲକ ଛକସ୍ଥିତ ଶୁଭମ ଗେଷ୍ଟହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ବାଲିଆପାଳ ଲାୟନ୍ସ କ୍ଲବର ସଭାପତି ହେଲେ ଲାୟନ ଅମିତ କୁମାର ପଟ୍ଟନାୟକ। ବିଦାୟୀ ସଭାପତି ଲାୟନ ତରୁଣ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରି ଲାୟନ୍ସ କ୍ଲବର ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇନିଷ୍ଟଲେସନ ଅଫିସର ଭାବରେ ଲାୟନ୍ସ କ୍ଲବର ପୂର୍ବତନ ଡ଼ିଜି(ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର) ଲାୟନ ପ୍ରଲୋଭ ଜେନା ଯୋଗଦେଇ ବାଲିଆପାଳ ଲାୟନ୍ସ କ୍ଲବର ୨୦୨୫-୨୬ ବର୍ଷର ନୂତନ କମିଟି ଘୋଷଣା କରିବା ସହିତ ସେମାନଙ୍କ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ନିଷ୍ଠାର ସହିତ ସାମାଜିକ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ। କ୍ଲବର ସଭାପତି ଭାବରେ ଲାୟନ ଅମିତ କୁମାର ପଟ୍ଟନାୟକଙ୍କ ସହିତ ନୂତନ କମିଟିର ନାମ ଘୋଷଣା କରିଥିଲେ। ସେମାନେ ହେଲେ ସମ୍ପାଦକ ଲାୟନ ତାରାକାନ୍ତ ଜେନା, କୋଷାଧ୍ୟକ୍ଷ ଭାବେ ଲାୟନ ମୋହନ ପିଳା, ଉପସଭାପତି ଭାବେ ଲାୟନ ବ୍ୟୋମକେଶ ସାହୁଙ୍କ ସହିତ ଟିମ୍ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ନୂତନ କମିଟି ସଦସ୍ୟଙ୍କ ସହିତ ନୂତନ ସଭାପତିଙ୍କୁ ସମସ୍ତ ଅତିଥି ତଥା ସଦସ୍ୟ ମାନେ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜି ଏସ ଟି କୋଅର୍ଡିନେଟର ଲାୟନ ସମରେଶ ଦିନ୍ଦା, ଆର ସି ଲାୟନ ବନ୍ଦନା ରାୟ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲିଆପାଳ ରୋଟାରୀ କ୍ଲବର ପୂର୍ବତନ ସଭାପତି ସୁବ୍ରତ ମହାପାତ୍ର, ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର ଶର୍ମିଷ୍ଠା ଦାସ, ବସ୍ତା ଲାୟନ୍ସ କ୍ଲବର ସତ୍ୟନାରାୟଣ ଗୁପ୍ତା, ଜଳେଶ୍ୱର ଲାୟନ୍ସ କ୍ଲବର ଗିରିଜା ଶଙ୍କର ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ନୂତନ ମେମ୍ବର ଭାବରେ ଯୋଗଦେଇ ଥିବା ମେମ୍ବର ମାନଙ୍କୁ ଇନିଷ୍ଟଲେସନ ଅଫିସର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଶ୍ରୀ ଜେନା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଲାୟନ୍ସ କ୍ଲବର ପିନ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଲାୟନ ଅଜୟ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଲାୟନ ତାରାକାନ୍ତ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଲାୟନ ଗୋବିନ୍ଦ ପ୍ରସାଦ ଦାସ ଶାନ୍ତି ପାଠ କରିଥିବା ବେଳେ ଲାୟନ ନବୀନ କୁମାର ପାତ୍ର ଲାୟନ୍ସ କ୍ଲବ ନୀତିବାଣୀ ପାଠ କରିଥିଲେ। ଲାୟନ ଭୁବନ ମୋହନ ପିଳା, ଲାୟନ ସଞ୍ଜୟ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲାୟନ ଗୋପାଳ ଚନ୍ଦ୍ର ଜେନା, ଲାୟନ ଜାମିନିକାନ୍ତ ରାଉତ, ପ୍ରଶାନ୍ତ ସାହୁ, ଡ. ଗୟାରାମ ଗଙ୍ଗାଇ, ଲାୟନ ଦାମୋଦର ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲାୟନ ବ୍ୟୋମକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ବେଲସୁନ୍ଦରୀ ଛକରେ ବାଇକ୍-ପଥଚାରୀ ଧକ୍କା

**ରାମଚନ୍ଦ୍ରପୁର,୧୩।୯ (ସମିସ):** ରାମଚନ୍ଦ୍ରପୁର-ଅଳତି ରାସ୍ତାର ବେଲସୁନ୍ଦରୀ ଛକ ନିକଟରେ ଭାରସାମ୍ୟ ହରାଇ ବାଇକରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀ ଅଳତି ଗ୍ରାମର ରାହୁଲ ସାହୁ (୨୫) ଏବଂ ଜଣେ ଫାର୍ମହାଉସ ଶ୍ରମିକ ରାଇତୋଳା ଗ୍ରାମର ମଣ୍ଟୁ ରଣା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସାଇଁକୁଳ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବାଇକ ଆରୋହୀ ରାହୁଲ ନିଜ ଗାଁ ଅଳତିକୁ ଫେରୁଥିବା ସମୟରେ ବେଲସୁନ୍ଦରୀ ରଘୁସାହୁ ବାଙ୍କ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ଦୁର୍ଘଟଣା ଘଟିଥିଲା।

## ନାଳରେ ବୁଡ଼ି ଜଣେ ମୃତ

**କେନ୍ଦୁଝର,୧୩।୯ (ସମିସ):** ସଦର ଥାନା ଖଜୁରୀମୁଣ୍ଡି ଗ୍ରାମର ଧରଣୀଧର ପ୍ରଧାନ(୫୫) ନିକଟସ୍ଥ ଛାମୁଣ୍ଡା ନାଳକୁ ଶୌଚ ହେବାକୁ ଯାଇଥିଲା ବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗତ ଗୁରୁବାର ଅପରାହ୍ଣରୁ ତିନିଦିନ ଧରି ଧରଣୀଧର ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ନପାଇ ଚିନ୍ତିତ ଥିଲେ। ଶନିବାର ଶବ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଧରଣୀଧରଙ୍କ ଶବ ଉଦ୍ଧାର କରିଥିଲେ। ସଦର ଥାନା ଏସ୍ ଆଇ ସ୍ୱରୂପ ରଞ୍ଜନ ନାୟକ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରିବା ସହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରକୁ ଦିଆଯାଇଛି।

## ବଦଳିଲେ ପାଟଣା ଥାନା ଏଏସ୍ଆଇ

**ତୁରୁମୁଙ୍ଗା, ୧୩।୯ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ତେଣ୍ଡରା ଗ୍ରାମରେ ମା' ବିଶେଇପାଟ ଯାତ୍ରା ପାର୍ଟି ପକ୍ଷରୁ ଗତ ସୋମବାର ଯାତ୍ରା ମଞ୍ଚସ୍ଥ ପୂର୍ବରୁ ନିଶା ମହାରଣାଙ୍କ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅପେରାର ଶୃଙ୍ଖଳା ରକ୍ଷା କରିବାକୁ ଯାଇଥିବା ପାଟଣା ଥାନାର ଏଏସଆଇ ସରୋଜ ସେଠୀ ନିଶାଙ୍କ ସହ ବିଭିନ୍ନ ଫଟୋ ଉଠାଇଥିବା ଭିଡିଓ ଓ ଫୋଟ ଶୁକ୍ରବାର ସକାଳୁ ପାଟଣାଞ୍ଚଳରେ ମୋବାଇଲରେ ଭାଇରାଲ୍ ହେବା ପରେ ଶ୍ରୀ ସେଠୀଙ୍କୁ ଏସପି ନିତିନ କୁଶଲ୍‌କର ମୁଖ୍ୟାଳୟକୁ ବଦଳି ଆଦେଶ ଦେଇଛନ୍ତି। ଏନେଇ ଶ୍ରୀ ସେଠୀ କହିଛନ୍ତି, ଏସବୁ ଫଟୋ ବର୍ଷ ତଳର। କେହି ମନ୍ଦ ଉଦ୍ଦେଶ୍ୟ ରଖି ମୋର ସୋସିଆଲ ମିଡିଆରୁ ଇନ୍‌ଷ୍ଟା ଆଇଡିରୁ ନେଇ ଏଡିଟିଙ୍ଗ କରି ଭାଇରାଲ କରିଥିବା କହିଛନ୍ତି।

## ୟୁଏସି ଦ୍ୱାରା ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶିକ୍ଷଣ



**ତେଲକୋଇ, ୧୩।୯ (ସମିସ):** ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବିକାଶ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱଦେଇ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁନିଫାଏଡ ଆକ୍ସନ କାଉନସିଲ (ୟୁଏସି) ଦ୍ୱାରା ଏକ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠାନର ତେଲକୋଇସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ସମନ୍ୱିତ ଶିଶୁ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ଜଗମୋହନପୁର, ଛାମୁଣ୍ଡା, ଦୋବୋଲାପାଲ, ତେଲକୋଇ ଆଦି ୫ଟି ପଞ୍ଚାୟତର ୪୩ ଜଣ ଅଙ୍ଗନବାଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ୟୁଏସି ସଂଗଠନର ସମ୍ପାଦକ ନିମାଇଁ ନାରାୟଣ ଶତପଥୀ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ମାଧ୍ୟମରେ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ସମ୍ପର୍କିତ ଗୁରୁତ୍ୱକୁ ଦର୍ଶାଇଥିଲେ। ଅଭିଜ୍ଞ କ୍ଷେତ୍ରୀୟ ପରିଦର୍ଶିକା ଅମ୍ବିକା ମହାନ୍ତ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୬ଟି ସେବା ମଧ୍ୟରୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱାରୋପ କରିଥିଲେ। ତାଲିମଦାତ୍ରୀ ବାସନ୍ତୀ ନାୟକ, ସଞ୍ଜୁଲତା ସାହୁ, ଧନେଶ୍ୱରୀ ସାହୁ, ସଙ୍ଗୀତା ନାୟକ ଓ ଭୂଲେଶ୍ୱରୀ ସାହୁ ପ୍ରମୁଖ ଶିଶୁଙ୍କ ସାମାଜିକ ବିକାଶ, ସୃଜନଶୀଳତା, ଭାଷାର ବିକାଶ ଓ ପ୍ରାକ୍ ଗଣିତ ଉପରେ ତାଲିମ ଦେଇଥିଲେ। ୟୁଏସିର କ୍ଷେତ୍ରୀୟ ସଂଯୋଜକ ଅଶୋକ ମହାନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର କର୍ମୀବୃନ୍ଦ ଶିବବ୍ରତ ଦାସ, ସୁଜ୍ଞାନ ମିଶ୍ର, ମନୋଜ ପ୍ରଧାନ, ଧିରେନ ମହାନ୍ତ, ସୋମନାଥ ସାହୁ, କୃପାସିନ୍ଧୁ ପେଣ୍ଟେଇ, ସ୍ମିତାରାଣୀ ପହି ଓ ଯଶୋଦା ନାୟକ ସହଯୋଗ କରିଥିଲେ।

## ହିନ୍ଦୀ ଦିବସ ପାଳିତ



**ତେଲକୋଇ, ୧୩।୯ (ସମିସ):** ତେଲକୋଇ ବ୍ଲକ ଓରିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ତିନୋଟି ପ୍ରତିଯୋଗିତା ମଧ୍ୟରୁ ହିନ୍ଦୀ ଭାଷଣରେ ପ୍ରଥମ ଯଶରାଜ ବିଶ୍ୱାଳ, ଦ୍ୱିତୀୟ ପୌରଷ କୁମାର ପାତ୍ର, ତୃତୀୟ କଳ୍ପନା ସିଂ ହୋଇଥିଲେ। ସେହିପରି ହିନ୍ଦୀ ନିବନ୍ଧ ଲିଖନରେ ପ୍ରଥମ ସ୍ୱୟଂଶ୍ରୀ ସତ୍ୟପ୍ରଜ୍ଞା ପ୍ରଧାନ, ଦ୍ୱିତୀୟ ଆରବୀ ପ୍ରଧାନ, ତୃତୀୟ ଉଷାରାଣୀ ପାତ୍ର ଏବଂ ହିନ୍ଦୀ ସୁଲେଖ ପ୍ରତିଯୋଗିତାରେ ପ୍ରଥମ ମଧୁସ୍ମିତା ସାହୁ, ଦ୍ୱିତୀୟ ଉଷାରାଣୀ ପାତ୍ର, ତୃତୀୟ ସ୍ୱୟଂଶ୍ରୀ ସତ୍ୟପ୍ରଜ୍ଞା ପ୍ରଧାନ ହୋଇଥିଲେ। ବିଦ୍ୟାଳୟର ଅଧକ୍ଷ ରଘୁନାଥ ପରିଡ଼ା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଜ୍ୟୋତିଦେବ ସିଂହ, ବିଶ୍ୱଭୂଷଣ ମହାନ୍ତ, ଶିକ୍ଷୟିତ୍ରୀ ରଞ୍ଜନା ଖରିଦା ଓ ନିତୁରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ମୀର ହେଦାତୁଲ୍ଲା ପରିଚାଳନା କରିଥିଲେ।

### ଶୂନ୍ୟ ଦୁର୍ଘଟଣା ଦିବସରେ ଗଡ଼ିଲା ୧୩ଟି ସଚେତନତା ରଥ

# ଦୁର୍ଘଟଣାରୁ ସୁରକ୍ଷା ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୧୩।୯ (ସମିସ)**




'ସମୃଦ୍ଧ ଓଡିଶା, ବିକଶିତ ଓଡ଼ିଶା'ର ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ 'ଜିରୋ ଆକ୍ସିଡେଣ୍ଟ ଡେ' (ଶୂନ ଦୁର୍ଘଟଣା ଦିବସ) ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଏକ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଭାବେ ଗଢିବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ ସେଲ୍ଫି ପଏଣ୍ଟକୁ ଉଦ୍‌ଘାଟନ କରିବା ସହ ସଡକ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ଟି ବ୍ଲକରେ ସଡକ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ। ଏହାସହ ଏକ ଦସ୍ତଖଦ ଅଭିଯାନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ।

ଶ୍ରୀ ମାଝି ବିବୃତ୍ତିରେ କହିଥିଲେ ଯେ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ଏଥିପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ଭୁବନେଶ୍ୱରରେ ଏନେଇ ଏକ ବିଶେଷ ସଫଳତା ପରେ କେନ୍ଦୁଝରରେ ଏହି ଅଭିଯାନକୁ ଆରମ୍ଭ କରାଯାଇଛି। କେନ୍ଦୁଝର ଜିଲ୍ଲା ହେଉଛି ଏକ ଖଣିବହୁଳ ଅଞ୍ଚଳ। ଦିନରାତି ଏଠାରେ ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ଏହାସହ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଆହ୍ୱାନ ରହିଛି।

ଖଣି ଓ ଶିଳ୍ପକ୍ଷେତ୍ର ସହ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର୍, କର୍ମଚାରୀଙ୍କ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲୋ। ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୁଲିସ ଡିଜି. ଯୋଗେଶ ବହାଦୁର ଖୁରାନିଆ, ଏସଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ। ଆଇଆଇଟି ମାଡ୍ରାସ ମାର୍ଗଦର୍ଶନରେ କେନ୍ଦୁଝରରେ ଏଥିନିମନ୍ତେ ୧୪ ଦିନିଆ କାର୍ଯ୍ୟକ୍ରମ ଆୟୋଜନ ହେଉଛି।

## ଆନନ୍ଦପୁର ଡାକ୍ତରଖାନାରେ ବାଉଁଶଗଡ଼ ଛାତ୍ରୀ ହଟହଟା

### ମିଳିଲାନି ପ୍ରାଥମିକ ଚିକିତ୍ସା



**ଆନନ୍ଦପୁର, ୧୩।୯ (ସମିସ):** ମିଳିମିଳାରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ଆସିଥିବା ଛାତ୍ରୀମାନେ ହଟହଟା ହେବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ଼ ଆଶ୍ରମ ବିଦ୍ୟାଳୟର ୬ଜଣ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଦାୟିତ୍ୱରେ ଥିବା ଶିକ୍ଷକ ଡାକ୍ତରଖାନାରେ ଧରି ପହଞ୍ଚିବା ପରେ ଶିଶୁରୋଗ ବିଶେଷଜ୍ଞ ମେଡିକାଲରେ ଥାଇ ମଧ୍ୟ ଆକ୍ରାନ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ମନା କରିଦେଇଥିଲେ। ଏନେଇ ଶିକ୍ଷକ ସୁଧାକର ସାହୁ ଅଭିଯୋଗ କରିଛନ୍ତି। ପରେ ବାଧହୋଇ ଓପିଡିରେ ଲାଗିଥିବା ଲମ୍ବାଲାଇନ୍‌ରେ ଛାତ୍ରୀମାନେ ଛିଡା ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବାଉଁଶଗଡ଼ ସରକାରୀ ଆଶ୍ରମ ସ୍କୁଲର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କଠାରେ କିଛିଦିନ ହେବ ମିଳିମିଳା ରୋଗ ଦେଖାଦେଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ଚିକିତ୍ସାସେବା ଯୋଗାଇବାର ନିୟମ ରହିଛି। ହେଲେ ପିଲାଙ୍କ ଚିକିତ୍ସା କରିବା ତ ଦୂରର କଥା; ମେଡିକାଲ ଶିଶୁ ୱାର୍ଡଠାରେ ଥିବା ବିଶେଷଜ୍ଞ ଡାକ୍ତର ରୋକ୍ ଠୋକ ମନାକରିଦେଇ ଓପିଡିରେ ଦେଖାଇବାକୁ ପରାମର୍ଶ ଦେଇଥିଲେ। ତେବେ, ଏ ସମ୍ପର୍କରେ ଦାୟିତ୍ୱରେ ଥିବା ମେଡିକାଲ ଅଧୀକ୍ଷକ ତଥା ଶିଶୁରୋଗ ବିଶେଷଜ୍ଞ କୃଷ୍ଣଚନ୍ଦ୍ର ଦାଶ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



**କେନ୍ଦୁଝର,୧୩।୯ (ସମିସ):** କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ଅଧକ୍ଷ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ଉପରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରାମଶଙ୍କର ସାହୁ ଓ ସନତ ଦାସ ସୂଚନା ପ୍ରଦାନ କରିଥିଲେ। ରାଇସୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଜ୍ୟୋତିଷ୍ମାନ ପାଢୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରିସ୍ଥିତିରେ ପ୍ରାଥମିକ ଚିକିତ୍ସା ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଟେକ୍‌ନିସିଆନ୍ ସୁମନ୍ତ ଗିରି, ଦିନବନ୍ଧୁ ସାହୁ ବିଭିନ୍ନ ଚିକିତ୍ସା କୌଶଳ ପ୍ରଦର୍ଶନ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ସୁରେଶ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସେହିପରି କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କେନ୍ଦୁଝରର ଯୁବ ରେଡକ୍ରସ ଶାଖା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଅଧିକାରୀ ଡ ମୋନାଲିସା ଦାସ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ ଲଳିତ ରଞ୍ଜନ ସାହୁ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୀପାନ୍ୱିତା ମହାନ୍ତି, ଅନ୍ୟତମ ଅତିଥି ଯୁବ ରେଡକ୍ରସ ସଂଯୋଜକ ପ୍ରଶାନ୍ତ ପରିଡା ବର୍ତ୍ତମାନ ପରିସ୍ଥିତିରେ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏନଏସଏସ ଅଧିକାରୀ ସୁସ୍ମିତା ମଞ୍ଜରୀ ନାଏକ, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁମିତ ହାଁସଦା, ଅଧ୍ୟାପିକା ବନ୍ଦିତା ସ୍ୱାଇଁଙ୍କ ସହ ଛାତ୍ରୀମାନେ ଯୋଗ ଦେଇଥିଲେ।

**ବେଲବାହାଳି:** ଘସିପୁରା ବ୍ଲକ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଯୁବ ରେଡକ୍ରସ ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ଦ୍ୱିତୀୟ ଶନିବାର ପାଳନ ହେଉଥିବା ଏହି ଦିବସର ଚଳିତ ବର୍ଷ ପାଇଁ ଥିମ୍ ଥିଲା 'ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ'। ଏହି ଅବସରରେ ଏକ ଆଲୋଚନାଚକ୍ରକୁ ଉଦଘାଟନ ପୂର୍ବକ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ ମିଶ୍ର ଉପସ୍ଥିତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ଆଶୁ ଚିକିତ୍ସା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରେଡକ୍ରସ କାଉନସେଲର ମହେଶ୍ୱର ପାତ୍ର, ଅଧ୍ୟାପକ ବିଜୟ ସାହୁ, ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ଜେନା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ରାଜଲକ୍ଷ୍ମୀ ରାଉତ, ଶ୍ରୀକାନ୍ତ ସାହୁ, ତୋଫାନ ପୃଷ୍ଟି, ତ୍ରିଲୋଚନ ରାଉତ, ଜ୍ୟୋତିର୍ମୟୀ ମହାରଣା, ନନ୍ଦିନୀ ଓଝା, ମାମୁନି ଦାସ, ଶିବାନୀ ସେଠୀ, ବର୍ଷା ଜେନା, ମହିଳା କାଉନସେଲର ଅଳକା ପାଢ଼ୀ ସହଯୋଗ କରିଥିଲେ।

### ଅନିଶ୍ଚିତତାରେ ଜେଏମ୍‌ଏଫ୍‌ସି କୋର୍ଟ

## ଘୋଷଣାର ଏକ ବର୍ଷ ପୂରିଲା; ମିଳୁନି ଜମି

**ବାଲିବନ୍ଧ, ୧୩।୯ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଏକ ଜେଏମଏଫସି କୋର୍ଟ ସ୍ଥାପନ ନେଇ ଘୋଷଣା କରାଯାଇଛି। ଏକ ବର୍ଷରୁ ଅଧିକ ସମୟ ଅତିବାହିତ ହେବା ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୋର୍ଟ ପାଇଁ ଜମି ଯୋଗାଇଦେବାରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଝୁମ୍ପୁରାଠାରେ ଜେଏମଏଫସି କୋର୍ଟ ହେବା ଅନିଶ୍ଚିତତା ଭିତରେ ରହିଛି। କୋର୍ଟ ନିର୍ମାଣ ହେବା ନେଇ ୩ଏକର ପରିମିତ ସରକାରୀ ଜମି ଆବଶ୍ୟକ ରହିଛି। ଝୁମ୍ପୁରା ମୌଜାରେ ପାଖାପାଖି ୨ଶହ ଏକର ସରକାରୀ ରହିଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ କେଉଁ ପରିସ୍ଥିତିରେ ଏବଂ କାହିଁକି ଜମି ଯୋଗାଇଦେବା ନେଇ ଅହେତୁକ ବିଳମ୍ବ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରେ ଘଟୁଥିବା ବିଭିନ୍ନ ମାମଲା ନେଇ ଚମ୍ପୁଆ ଏବଂ ବଡ଼ବିଲଠାରେ ଥିବା କୋର୍ଟ ଉପରେ ଲୋକେ ନ୍ୟାୟ ପାଇବା ପାଇଁ ନିର୍ଭର କରୁଛନ୍ତି। ଝୁମ୍ପୁରାଠାରୁ ଚମ୍ପୁଆ କୋର୍ଟ ୩୦କିମି ଦୂରତା ଥିବାବେଳେ, ବଡ଼ବିଲ କୋର୍ଟ ୫୦ କିମି ହେବା ଫଳରେ ଲୋକେ ଯିବାଆସିବା ନେଇ ବିଭିନ୍ନ ସମସ୍ୟା ଭୋଗିବା ସହ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏସମସ୍ତ ସମସ୍ୟାକୁ ବିଚାରକୁ ନେଇ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିବା ନେଇ ବ୍ଲକ ମୁଖ୍ୟାଳୟ ଝୁମ୍ପୁରାଠାରେ ଜେଏମଏଫସି ଖୋଲିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁଁ ଜେଏମଏଫସି କୋର୍ଟ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏନେଇ ଝୁମ୍ପୁରା ରାଜସ୍ୱ ନିରୀକ୍ଷକ ସୁଶାନ୍ତ ଦ୍ୱିବେଦୀଙ୍କ ମତ ଲୋଡ଼ିବାରୁ କୌଣସି ସଠିକ ଉତ୍ତର ଦେଇ ପାରି ନଥିଲେ। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ନେଇ ଦାବି ହେଉଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ

## ୨ କୋଟି ୩୧ ଲକ୍ଷ ଟଙ୍କା ପରିଶୋଧ



**ଆନନ୍ଦପୁର, ୧୩।୯ (ସମିସ):** ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଅଧକ୍ଷ ତାଲୁକ ଆଇନ୍ ସେବା ସମିତି ଦେବଦତ୍ତ ଦାସ ମହାପାତ୍ର, ସବ୍‌ଜଜ୍ ଗୌରବ ପୁରୋହିତ, ଏସଡିଜେଏମ ଗୌରୀଶଙ୍କର ପଣ୍ଡା, ଜେମଏଫ୍‌ସି ଯଶସ୍ୱିନୀ ମହାପାତ୍ର ମୋଟ ୪୯୨ଟି ମକଦ୍ଦମାରୁ ୧୫୧ଟିର ଫଇସଲା କରିଥିଲେ। ମୋଟ ୨ କୋଟି ୩୧ ଲକ୍ଷ ୬୦ ହଜାର ଟଙ୍କା ପରିଶୋଧ ହେଇଥିଲା। ସେହିପରି ବ୍ୟାଙ୍କ୍ ଋଣ ଆଦାୟ ନିମିତ୍ତ ଏବଂ ବିଏସଏନଏଲ ଅଫିସର ପ୍ରାକ୍‌ମକଦ୍ଦମାସ୍ତରୀୟ କେସ୍ ମଧ୍ୟରୁ ମୋଟ ୧୨ଟି ସମାଧାନ କରାଯାଇ ୧ ଲକ୍ଷ ୬୫ ହଜାର ୮ ଶହ ଟଙ୍କା ପରିଶୋଧ କରାଯାଇଥିଲା। ଉପଖଣ୍ଡର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ ବିଏସଏନଏଲ ଅଧିକାରୀ ଅଂଶଗ୍ରହଣ କରିଥିଲେ। କୋର୍ଟ କର୍ମଚାରୀ ଏବଂ ତାଲୁକ୍ ଆଇନ ସେବା ସମିତିର କର୍ମଚାରୀ ପରିଚାଳନା କରିଥିଲେ।

## ପଥପ୍ରାନ୍ତ ଭଜନ ସନ୍ଧ୍ୟା

**ରାମଚନ୍ଦ୍ରପୁର, ୧୩।୯ (ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ବଡପଦନା ବଜାରରେ ଓମ ସାଇ, ମାହାଙ୍ଗା, କଟକ ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଏକ ପଥପ୍ରାନ୍ତ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପାଞ୍ଚଜଣ ଦୃଷ୍ଟିହୀନ ପୁରୁଷ ଓ ମହିଳା ନିଜର ସାଉଣ୍ଡ, ବାଦ୍ୟ ଯନ୍ତ୍ର ଧରି ବହୁ ସୁନ୍ଦର ଭାବରେ ଭଜନ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ ଦଳ ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ପଥପ୍ରାନ୍ତରେ ଭଜନ ପରିବେଷଣ କରିବା ସହ ବିବାହ, ବ୍ରତ, ଜନ୍ମଦିନରେ ସ୍ୱଳ୍ପ ଖର୍ଚ୍ଚରେ ନିଜର ଭଜନ ପରିବେଷଣ କରି ବେଶ୍ ପ୍ରଶଂସିତ ହେଉଛନ୍ତି। ଦୃଷ୍ଟିହୀନଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ କିଛି ସମୟ ଧରି ବାନ୍ଧି ରଖିଥିଲା। ପରେ ବଜାର କମିଟି ପକ୍ଷରୁ ଦୃଷ୍ଟିହୀନ କଳାକାରଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।



## ବାଇକ୍ ଉପରେ ଚଢ଼ିଗଲା ଟ୍ରେଲର୍; ଯୁବ ଶିକ୍ଷକ ମୃତ




### ଜିଲ୍ଲା ଓଷ୍ଟାର ଶୋକ



**ରାମଚନ୍ଦ୍ରପୁର/ଆନନ୍ଦପୁର, ୧୩।୯ (ସମିସ):** ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଥାନା ବଡ଼ପଦନା ଛକ ଡ୍ରାଇଭର୍ସନ ନିକଟରେ ଶନିବାର ପୂର୍ବାହ୍ନରେ ବାଇକ ଉପରେ ଏକ ଟ୍ରେଲର୍ ଚଢ଼ିଯିବାରୁ ଘଟଣାସ୍ଥଳରେ ବାଇକ ଆରୋହୀ ଭଦ୍ରକ ଧୂଷୁରୀ ଥାନା ନାନ୍ଦପୁର ଗାଁର ସୁବାସଚନ୍ଦ୍ର ପଣ୍ଡାଙ୍କ ମୃତ୍ୟୁ ଘଟିଛି। ମୃତ ସୁବାସ ପେସାରେ ଜଣେ ଶିକ୍ଷକ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସାନଜାମୁପଶି ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସହ ବ୍ଲକ ଓଷ୍ଟା ସଭାପତି ଦାୟିତ୍ୱରେ ରହିଥିବା ଜଣାପଡ଼ିଛି। କୌଣସି କାର୍ଯ୍ୟରେ ଯାଜପୁର ଆଡ଼କୁ ଯାଉଥିବା ସମୟରେ ଉକ୍ତ ଛକ ନିକଟରେ ଏକ ଟ୍ରେଲର ବାଇକକୁ ଧକ୍କା ଦେଇ ଶିକ୍ଷକଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକ ସଙ୍ଗେସଙ୍ଗେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପଟେ ଦୁର୍ଘଟଣାସ୍ଥଳରୁ ଟ୍ରେଲର ଚାଳକ ଫେରାର୍ ହୋଇ ଯାଉଥିବା ବେଳେ ପୁଲିସ ପହଞ୍ଚି ଟ୍ରେଲରଟିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପୁଲିସ ତଦନ୍ତ ଜାରି ରଖିଛି।

ପାଟଣା ବ୍ଲକ ଓଷ୍ଟାର ସଭାପତି ଶ୍ରୀ ପଣ୍ଡାଙ୍କ ପରଲୋକରେ ଓଷ୍ଟା ପକ୍ଷରୁ ଶୋକ ପ୍ରକାଶ ପାଇଛି। ସେ ଏକ ନୂତନ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଓଷ୍ଟା କେନ୍ଦୁଝର ସଭାପତି ମନ୍ମଥନାଥ ମହାନ୍ତ, ସଂପାଦକ ରଂଜନ ଘଡେଇ, ଉପଦେଷ୍ଟା ଶାନ୍ତନୁ ମିଶ୍ର, ଆନନ୍ଦପୁର ସଭାପତି ବିଜୟ ସୁର, ଆନନ୍ଦପୁର ସଂପାଦକ ପ୍ରଦୀପ ହଜାରୀ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ନିରାକାର ମହାପାତ୍ରଙ୍କ ସହ ଅନ୍ୟାନ୍ୟ ନେତୃମଣ୍ଡଳୀ ଶେଷ ଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତୁରନ୍ତ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

### ହାଇୱା ଧକ୍କାରେ ଜଣେ ମୃତ

## ପ୍ରତିଶ୍ରୁତି ପରେ ଉଠିଲା ୬ ଘଣ୍ଟିଆ ରାସ୍ତାରୋକ



**ତୁରୁମୁଙ୍ଗା, ୧୩।୯ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା କେନ୍ଦେଇପଶି ରାସ୍ତାର ଟାଙ୍ଗରପଡ଼ା ପୋଖରୀ ନିକଟରେ ଶୁକ୍ରବାର ରାତ୍ରି ଏକ ୧୨ଚକିଆ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ୍ ଟାଙ୍ଗରପଡ଼ା ଅନିଲ କୁମାର ସେଠୀ (୪୭)। ଅନିଲ ବିଲରୁ ନିଜ ପୁଅ ସହ ଘରକୁ ଫେରୁଥିବା ବେଳେ ପଛ ପଟୁ ହାଇୱାଟି ଧକ୍କା ଦେଇଥିଲା। ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପାଟଣା ଥାନାଧିକାରୀ ମାନସ ମହାକୁଡ଼ ତଦନ୍ତ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଫେରାର ହୋଇଯାଇଛି। ଶନିବାର ସକାଳୁ କ୍ଷତିପୂରଣ ଦାବି ସହ ଅଙ୍କୁରା କ୍ରସର ଉଚ୍ଛେଦ, ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କ ଗିରଫ, ହାଇୱା ଜବତ ଦାବିରେ ପାଟଣା କେନ୍ଦେଇପୋଷି ରାସ୍ତାର ଟାଙ୍ଗରପଡା ଛକ ଉପରେ ଟାୟାରଜାଳି ଓ କାଠ ଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ବସ ସହ ଯାନବାହନ ଉଭୟପାର୍ଶ୍ୱରେ ଅଟକି ରହିଥିଲା। ପାଟଣା ଥାନାଧିକାରୀ ଶ୍ରୀ ମହାକୁଡ଼, ଏସଆଇ ଲକ୍ଷ୍ମଣ ମାଝି ଲୋକଙ୍କୁ ବୁଝାସୁଝା କରାଇଥିଲେ ବି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ ଜାରି ରଖିଥିଲେ। ଏକ ସେକ୍ସନ ପୁଲିସ ଫୋର୍ସ ସହ ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର ପହଞ୍ଚିବା ପରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରତିଶୃତି ପରେ ୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଗା ଠିକାସଂସ୍ଥା ତରଫରୁ ମ୍ୟାନେଜର ରତିକାନ୍ତ ଡାଙ୍ଗୁଆ ହାଇୱା ମାଲିକ ତୁଷାରକାନ୍ତ ତ୍ରିପାଠୀ ମୃତକଙ୍କ ପରିବିବାକୁ ୮ ଲକ୍ଷ ଟାଙ୍କର କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ନଗଦ ୫୦ ହଜାର ଓ ଚେକ୍‌ରେ ୪ ଲକ୍ଷ ୫୦ହଜାର ଟଙ୍କା ଦେଇଛନ୍ତି।

## ନିହ୍ନୁଆରୁ ୮ ଛେଳି ଚୋରି

ଡୁରୁମୁଙ୍ଗା, ୧୩।୯ (ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ନିହ୍ନୁଆ ଗ୍ରାମର ହୃଷୀକେଶ ସିଂଙ୍କ ଗୁହାଳରୁ ଗତ ରାତି ଲକ୍ଷାଧିକ ଟଙ୍କାର ୮ଟି ଖାସି ଛେଳିକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ଡୁରୁମଙ୍ଗାର ମାଂସ କଟାଳି ଏମଡି ଆଲମ ଏହି ଛେଳିଗୁଡ଼ିକୁ ହୃଷୀକେଶଙ୍କ ଘରେ ରଖିଥିଲେ। ଘର ଲୋକ ଶୋଇଥିବା ସମୟରେ ବାହାର ପଟୁ ଦୁର୍ବୃତ୍ତମାନେ କବାଟର ଶିକୁଳି ଲଗାଇ ଦେଇ ଗୁହାଳ ଘର ଚାବି କାଟି ୮ଟି ଖାସି ଚୋରି କରିନେଇଛନ୍ତି। ଖାସି କଟାଳି ଏମଡି ଆଲାମ ଏନେଇ ଡୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିଷ ଦେଇ ମାରିଦେଲେ ୩୦ କୁକୁଡ଼ା

ବେଲବାହାଲି,୧୩।୯ (ସମିସ): ଘସିପୁରା ଥାନା ରେକୁଟିଆ ଖଳାଟିକର ସାହିର ୪ନଂ ୱାର୍ଡରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଷରେ ଚାଉଳ ମିଶାଇ ୩୦ରୁ ଅଧିକ କୁକୁଡ଼ାକୁ ମାରିଦେଇଥିବା ଅଭିଯୋଗ କରି ଉଭୟ ଦମ୍ପତି ଉକ୍ତ ମୃତ କୁକୁଡାଗୁଡିକୁ ଧରି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ସୁମନ ନାହକ ଓ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁତୁରା ଧୂଳା ନାହକ ସହ ଗତ ୧୦ ତାରିଖରେ ତାଙ୍କର ସାମାନ୍ୟ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ପୁତୁରା ତାର ସାଙ୍ଗଙ୍କୁ ନେଇ ସେହିଦିନ ମାରଣାସ୍ତ୍ର ଧରି ତାଙ୍କୁ ମାରିବାକୁ ଆସିଥିଲା। ସେ ଘରେ ଅନୁପସ୍ଥିତ ଥିବା ସମୟରେ ପତ୍ନୀ ରଞ୍ଜିତାଙ୍କୁ ଗାଳିଦେଇ ପଳାଇଥିଲେ। ଏହାକୁ ନେଇ ଶନିବାର ଭୋର ୪.୩୦ ସମୟରେ ପୁତୁରା ଧୂଳ, ସାଙ୍ଗ ନାଣ୍ଟୁ ନାହକ ଓ ଭିକୁ ଦଳାଇ ସହ ଆସି କୁକୁଡା ଥିବା ସ୍ଥାନ ଆଗରେ ବିଷ ମିଶା ଚାଉଳ ପକାଉଥିବା ରଞ୍ଜିତା ଦେଖିଥିଲେ। ପରେ ସମସ୍ତେ ସେଠାରୁ ସମସ୍ତେ ଦୌଡ଼ି ପଳାଇଥିଲେ। ସକାଳୁ ପ୍ରାୟ ୩୦ଟି ମରିପଡ଼ିଥିବା ଦେଖାଯାଇଥିଲା। ଏନେଇ ଦମ୍ପତି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ବଡ଼ସାହି,୧୩।୯ (ସମିସ): ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା(ବି) ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହିତ ଗାଳିଗୁଲଜ ଓ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମହିଳା ଜଣକ ହେଲେ ନନ୍ଦ ମହାକୁଡ଼ଙ୍କ ସ୍ତ୍ରୀ ବିନତୀ(୩୫)। ସେ ଗାଁ ଭାଗବତ ଟୁଙ୍ଗି ଦାୟିତ୍ୱରେ ଥାଇ ବୁଝାବୁଝି କରନ୍ତି। ସେହି ଗାଁର ପ୍ରଫୁଲ୍ଲ ସିଂ ପ୍ରତିଦିନ ରାତିରେ ଭାଗବତ ପଢିବାକୁ ଆସିଥାନ୍ତି। ଟୁଙ୍ଗୀ ବନ୍ଦ କରି ବିନତୀ ଘରକୁ ଫେରୁଥିବା ବେଳେ ପ୍ରଫୁଲ୍ଲ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରେ। ସେ ଏହାର ପ୍ରତିବାଦ କରିବା ସହିତ ଗାଁରେ ବୈଠକ ଡକାଇବାରୁ ପ୍ରଫୁଲ୍ଲଙ୍କ ପୁତୁରା କାର୍ତ୍ତିକ ସିଂ ଓ ଟିକିବାବୁ ସିଂ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଭିନ୍ନ ପ୍ରକାର ଧମକ ଦେଇଥିବାର ଅଭିଯୋଗରୁ ଜଣାଯାଇଛି।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ବିବାଦ

ରାମଚନ୍ଦ୍ରପୁର,୧୩।୯ (ସମିସ): ଘସିପୁରା ବ୍ଲକ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗରଦା ଗ୍ରାମରେ ଏକ କୋଠାଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଛି। ଏହା ରାଜ୍ୟ ସରକାରଙ୍କ ''ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟ ପାଇଁ ସୂଚନାଫଳକ ଲାଗି ସାରିଥିବା ବେଳେ ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଥିବା ଜଣାପଡ଼ିଛି। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ନିର୍ମାଣ ହେଉଥିବା ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଆଜି ଘଷିପୁରା ବିଡିଓ ବିନିତା ବିଜୟିନୀ କାର୍ଯ୍ୟସ୍ଥଳକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। କାର୍ଯ୍ୟାଦେଶ ହୋଇଥିବା ସ୍ଥାନରେ କାର୍ଯ୍ୟଟି ହେଉ ନଥିବାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି। ଖୁବଶୀଘ୍ର ଏହାର ସମାଧାନ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ଘସିପୁରା ବିଡିଓ।

## ୟୁରିଆ ସାର ଅଭାବ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ବହଳଦା, ୧୩।୯ (ସମିସ): ବର୍ତ୍ତମାନ ଖରିଫ ଧାନ ଫସଲରେ ୟୁରିଆ ସାରର ବହୁଳ ମାତ୍ରାରେ ଆବଶ୍ୟକତା ଥିବାବେଳେ କୃତ୍ରିମ ଅଭାବ ଏବଂ କଳାବଜାରୀ ହେଉଥିବା ନେଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଛି। ବହଳଦା ବ୍ଲକ ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ଦିଲ୍ଲୀପ କୁମାର ବସା ଏବଂ ଗିରିଶ କୁମାର ମହାପାତ୍ର ରାଇରଙ୍ଗପୁରରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଲ୍ୟାମ୍ପ କିମ୍ବା ସରକାରୀ ମାନ୍ୟତାପ୍ରାପ୍ତ ରିଟେଲର ଦୋକାନରେ ସାର ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରିବାକୁ ଉଭୟ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବିଞ୍ଝୁଆ ଗ୍ରାମରେ ଦୁଇଟି ସରକାରୀ ମାନ୍ୟତା ପ୍ରାପ୍ତ ଖୁଚୁରା ସାର ବିକ୍ରୟ କେନ୍ଦ୍ର ରହିଥିବା ସତ୍ତ୍ୱେ ସାର ଉପଲବ୍ଧ ହେଉନାହିଁ। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଚଢା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ସାର ଅଭାବ ନାହିଁ ବୋଲି ମତ ଦେଇଛନ୍ତି। ଏପଟେ ବ୍ଲକ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀ କୃଷକମାନେ ଠିକ୍ ଭାବେ ଉର୍ବରକ ସାର ପାଇ ପାରୁଛନ୍ତି କି ନାହିଁ ସେନେଇ କୌଣସି ଯାଞ୍ଚ କରାଯାଉନାହିଁ। ୫୦ କେଜି ୟୁରିଆ ସାର ବ୍ୟାଗର ପ୍ରକୃତ ମୂଲ୍ୟ ୨୬୮ ଟଙ୍କା ଏବଂ ୪୫ କିଲୋଗ୍ରାମ ଓଜନର ୟୁରିଆ ବ୍ୟାଗର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ କଳା ବଜାରୀ ବିକ୍ରେତାମାନେ ୬୦୦ରୁ ୭୦୦ ଟଙ୍କା ନେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ତ୍ରିପୁରାରେ ଓଡ଼ିଆ ବିଏସ୍‌ଏଫ୍ ଯବାନ ମୃତ



ବହଳଦା, ୧୩।୯ (ସମିସ): ତିରିଂ ଥାନା ଅଧୀନ ଲୁପୁଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଏବାଡି ଗ୍ରାମର ଜନୈକ ବିଏସଏଫ ଯବାନଙ୍କ ବାଙ୍ଗଲାଦେଶ ସୀମା ନିକଟ ତ୍ରିପୁରା ଅଞ୍ଚଳରେ ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ବାଙ୍ଗଲାଦେଶ ସୀମା ଅଞ୍ଚଳ ତ୍ରିପୁରା ରାଜ୍ୟରେ ବିଏସଏଫ ଜବାନଭାବେ ଲାଲୁ ମୁର୍ମୁ କାର୍ଯ୍ୟରତ ଥିଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ମୃତ ଯବାନ ଲାଲୁ ମୁର୍ମୁଙ୍କ ମୃତଦେହ ଅଗରତଲା ସ୍ଥିତ ସେନା ହସ୍ପିଟାଲରେ ରଖାଯାଇଛି।

# ୫୦୦ ମିଟର 'ଜୀବନଧାରା' ସାଜିଛି ଯମ ଯନ୍ତ୍ରଣା

ଆନନ୍ଦପୁର, ୧୩।୯ (ସମିସ)





କେନ୍ଦୁଝର ଜିଲ୍ଲାର ଜୀବନଧାରା କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧପନ୍ତରିଆ କାମ ଏବେ ଜିଲ୍ଲାବାସୀଙ୍କ ଦୁଃଖ ପାଲଟିଛି। ସର୍ଭିସ ରୋଡ ଅବସ୍ଥା ପ୍ରତିମୁହୂର୍ତ୍ତରେ ଶୋଚନୀୟ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ ବସ ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁନାହାନ୍ତି। ଫଳରେ ସ୍କୁଲ ସମୟରେ ଲୁହାପଥର ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଭିୟୁପି ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା

**● ଅବଧି ସରିଲାଣି; ସରୁନି ରାସ୍ତା ନିର୍ମାଣ**

**● ସ୍କୁଲ ସମୟରେ ଲୁହାପଥର ଟ୍ରକ୍ ବନ୍ଦ ଦାବି**

ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ସେପ୍ଟେମ୍ବର ଅଧା ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୭ ବର୍ଷ ହେଲା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବାବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ସରୁନାହିଁ। ତିନୋଟି ଠିକାସଂସ୍ଥା ଯିବାପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନି। ଆନନ୍ଦପୁର ପୌରାଞ୍ଚଳ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୭ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ମୁଖ୍ୟରାସ୍ତାର ସମସ୍ତ ଗାଡ଼ି ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ି ଅଟକି ରହୁଛି। ପ୍ରଶାସନ ଏ ଦିଗରେ ଠୋସ୍ ପଦକ୍ଷେପ ନେଉ ନଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ରାସ୍ତା ନିର୍ମାଣ ସମ୍ପୂର୍ଣ ନହେବାଯାଏ ସ୍କୁଲ ସମୟରେ ଲୁହାପଥର ଗାଡି ଚଳାଚଳ ବନ୍ଦ କରିବା ଜରୁରୀ ହୋଇପଡ଼ିଥିବା ସ୍ଥାନୀୟ ଲୋକ ମତ ଦେଇଛନ୍ତି।

## ଉଦଳା ଓ କରଞ୍ଜିଆରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଉଦଳା,୧୩।୯ (ସମିସ): ଶନିବାର ଉଦଳା ବିଚାର ବିଭାଗୀୟ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଦାଲତରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଉଦଳାର ବରିଷ୍ଠ ଦେୱାନୀ ବିଚାରପତି ଅରୁଣ ପଟ୍ଟନାୟକ ଓ କନିଷ୍ଠ ଦେୱାନୀ ବିଚାରପତି ଅନୁରାଗ ଦେହୁରୀଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲା ମୋକଦ୍ଦମାର ଆପୋଷ ସମାଧାନ ହୋଇ ୩୫ ହଜାର ଟଙ୍କା ଆଦାୟ ହୋଇଛି। ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଆଗତ ୧୬ଟି ମାମଲା ମଧ୍ୟରୁ ୭ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ୩୯ଟି ଦେୱାନୀ ମୋକଦ୍ଦମାରୁ ୩୦ ମୋକଦ୍ଦମା ଫଇସଲା ହୋଇଛି। ବିବାହ ସମ୍ବନ୍ଧୀୟ ୮ ଟି ମୋକଦ୍ଦମାରୁ ୩ ଟି ଫଇସଲା ହୋଇଛି। କନିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଅନ୍ୟାନ୍ୟ ୧୦ଟି ଦେୱାନୀ ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ଫୌଜଦାରୀ ୨୨୫ଟି ଆଗତରୁ ୨୨୦ଟି ମୋକଦ୍ଦମାର ଫଇସଲା ହୋଇ ୧୨ଶହ ଟଙ୍କା ଜୋରିମାନା, ଏନ୍.ଆଇ. ଆକ୍ଟ ୧୦ଟି ମୋକଦ୍ଦମାରୁ ୭ଟି ଫଇସଲା ହୋଇ ୨୧ ଲକ୍ଷ ୮୯ ହଜାର ୯୯ ଟଙ୍କା ଆଦାୟ ହୋଇଛି। ସେହିପରି ବିବାହ ସମ୍ବନ୍ଧୀୟ ୮ଟି ମୋକଦ୍ଦମାରୁ ୮ଟି ଫଇସଲା ଓ ଫୌଜଦାରୀ ମୋକଦ୍ଦମା ଗୋଟିଏ ଆଗତ ହୋଇ ଗୋଟିଏ ଫଇସଲା ହୋଇଛି।



**କରଞ୍ଜିଆ :** କରଞ୍ଜିଆ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ତୃତୀୟ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍‌ଜଜ ଅମିତ ସ୍ୱରୂପ ସେଠୀ ଓ ଏସଡିଜେଏମ୍ ପ୍ରଭାତ କୁମାର ସାମଲ ମୋକଦ୍ଦମା ପରିଚାଳନାରେ ସହଯୋଗ କରିଥିଲେ। ଅଦାଲତରେ ମୋଟ ୪୩୫ଟି ମକଦ୍ଦମା ଆଗତ ହୋଇଥିବାବେଳେ ସେଥିରୁ ୨୪୬ଟି ଫଇସଲା କରାଯାଇ ଜରିମାନା ଓ ଆପୋଷ ନିଷ୍ପତ୍ତି ବାବଦରେ ୧୨ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଫୌଜଦାରୀ ମାମଲା, ଚେକ୍ ବାଉନସ, ଅର୍ଥ ଆଦାୟ, ମଟର କ୍ଷତିପୂରଣ, ପାରିବାରିକ ଗଣ୍ଡଗୋଳ, ଦେୱାନୀ ଓ ଫୌଜଦାରୀ ମାମଲାର ବିଚାର ହୋଇଥିଲା।

## ୩ ଦିନ ପରେ ଅଟକ ପ୍ରେମୀଯୁଗଳ ଉଦ୍ଧାର

ମହୁଲଡିହା,୧୩/୯ (ସମିସ): ଠାକୁରମୁଣ୍ଡା ଥାନା ତରାମରା ଗ୍ରାମପଞ୍ଚାୟତ ଗୁଲିଆଯୋଡି ଗ୍ରାମରୁ ୩ ଦିନ ପରେ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରାଯାଇଛି। ତିନି ଦିନ ଧରି ଗ୍ରାମବାସୀ ଅଟକ ରଖିବା ପରେ ୧୧ ତାରିଖ ମଧ୍ୟରାତ୍ରିରେ ମହିଳା ଏବଂ ପ୍ରେମିକକୁ ୨ଟି ଘରୁ ଉଦ୍ଧାର କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖରେ ଡକେଇପାଳ ଗ୍ରାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ସରିବା ପରେ ଆନନ୍ଦପୁର ଥାନା ବଡ଼କୁଶପଦା ଗ୍ରାମର ଅଜୟ କୁମାର ହାଁସଦା (୨୮) ଗୁଲିଆଯୋଡି ଗ୍ରାମର ରାମଦାସ ଟୁଡୁଙ୍କ ଘରେ ଆସି ରହିଥିଲେ। ରାମଦାସ ତାମିଲନାଡୁରେ ରହି କାମ କରନ୍ତି। ରାମଦାସ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଫୁଲମଣୀ ଅଜୟଙ୍କୁ ଫୋନ କରି ଡକାନ୍ତି। ଫୋନ କଲ ପାଇ ରାତିରେ ଆସି ରାତିରେ ଚାଲି ଯାଆନ୍ତି ଅଜୟ। ଗ୍ରାମବାସୀ ଏହା ଦେଖି କ୍ଷୁବ୍ଧ ହୁଅନ୍ତି। ଗତ ୯ ତାରିଖ ଅନ୍ଧାର ରାତିରେ ଜଣେ ଯୁବକ ସମ୍ପୃକ୍ତ ଘରେ ପଶିବା ଦେଖି ଯୁବକମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ରାମଦାସଙ୍କୁ ଫୋନ କରି ଘଟଣା ଜଣାଇ ତାଙ୍କର ମତ ନେଇଥିଲେ। ରାମଦାସ ଉଭୟଙ୍କୁ ଅଟକ ରଖିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ଘରୁ ଅସଂଯତ ଅବସ୍ଥାରେ ଉଭୟ ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଧରିବା ପରେ ସେମାନଙ୍କୁ ସେହି ଅବସ୍ଥାରେ ଦୁଇଟି ଘରେ ଅଲଗା ରଖିଥିଲେ। ପରେ ପ୍ରେମିକର ବାପାମାଆଙ୍କୁ ଗ୍ରାମବାସୀ ୧୦ ତାରିଖ ଡକାଇଥିଲେ। ଅଜୟଙ୍କ ବାପା ମା ସମ୍ପୃକ୍ତ ଯୁବତୀଙ୍କୁ ବୋହୂ ଭାବେ ଗ୍ରହଣ କରିନଥିବାରୁ ଅଲଗା ଭାବେ ରଖିବାକୁ ପରାମର୍ଶ ଦେଇଥିଲେ। ହେଲେ ଇତି ମଧ୍ୟରେ ଉଭୟଙ୍କର ଗୋଟିଏ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ଦେଖି ଠାକୁରମୁଣ୍ଡାର ଜ୍ୟୋତ୍ସ୍ନା ପାଣିଗ୍ରାହୀ ଥାନାଧିକାରିଣୀଙ୍କୁ ଖବର ଦେବା ସହିତ ୧୧୨ରୁ ମଧ୍ୟ ଖବର ଆସିଥିଲା ବୋଲି ଓଆଇସି କହିଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡିଛି ଯେ, ଉଭୟଙ୍କୁ ଉଦ୍ଧାର ପରେ ଗ୍ରାମବାସୀ ଅଲଗା ରଖିଥିଲେ ମଧ୍ୟ ପୂର୍ଣ୍ଣ ଭାବେ ଯତ୍ନ ନେଇଥିଲେ। କାହାକୁ ଆକ୍ରୋଶମୂଳକ ଭାବେ କୌଣସି ନିର୍ଯାତନା ଦେଇନଥିଲେ। ପୁଲିସ ଉଦ୍ଧାର କରିବା ପରେ ଯୁବତୀ ଜଣକ ସ୍ୱାମୀଙ୍କ ପାଖକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲା। ଅନ୍ୟ ପକ୍ଷରେ ଅଜୟ ଫୁଲମଣି ସହିତ ୨ ବର୍ଷ ଧରି ସମ୍ପର୍କରେ ଥିବା ଏବଂ ଆନନ୍ଦରେ ସ୍ତ୍ରୀ ଭାବେ ଗ୍ରହଣ କରି ଥାନାରୁ ଘରକୁ ନେଇଛି।

## ଖୁଣ୍ଟାରେ ସାମାଜିକ ସୁରକ୍ଷା ଜନଶୁଣାଣି



କୁଆମରା,୧୩।୯ (ସମିସ): ଖୁଣ୍ଟା ବ୍ଲକର ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ଶିବିର ବିଡ଼ିଓ ସତ୍ୟଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୪ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ମନୋରେଗା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକ, ଉପାଧ୍ୟକ୍ଷ ଜବା କିସ୍କୁ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା, ଦୁଇ ଜିଲ୍ଲାପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ, ସୁନିତି ମାରାଣ୍ଡି, ଏପିଓ ମନସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନରେଗା ଯୋଜନାରେ ମୋଟ ୯୬୨ ପ୍ରକଳ୍ପ ମଧ୍ୟରୁ ୩୧୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିନିମନ୍ତେ ୭୪୮ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟ ହୋଇଛି। ତେବେ ୧୨,୬୬୧ ଟି ପରିବାର ମଧ୍ୟରୁ ୮୨୬୦କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଏଥିରେ ମୋଟ ୩,୫୧,୪୬୦ ଶ୍ରମିକ ଦିବସ ସୃଷ୍ଟି ହୋଇଛି। ମୋଟ ୨୧୯ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଡମ୍ଫର ଜବତ; ଚାଳକ ଗିରଫ

ମୋରଡା, ରାସଗୋବିନ୍ଦପୁର, ୧୩।୯ (ସମିସ): ରାସଗୋବିନ୍ଦପୁର ପୁଲିସ ଶନିବାର ଏକ ବାଲି ବୋଝେଇ ଡମ୍ଫରକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି। ପୁଲିସ ଖବର ପାଇ ଦେବଶୋଳ ନିକଟରେ ଗାଡିକୁ କାବୁ କରିବା ସହ ଡ୍ରାଇଭର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଗିରଫ କରିଛି।

## ହାତୀ ଶାବକର ଜନ୍ମ



ବାଲିବନ୍ଧ, ୧୩।୯ (ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ରାଜାବସା ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ଶାବକ ଜନ୍ମ ନେଇଛି। ୭ଟିକିଆ ହାତୀପଲ ଶୁକ୍ରବାର ଦିନବେଳା ଆଶ୍ରୟ ନେଇଥିଲେ ରାଜାବସା ଜଙ୍ଗଲରେ। ଦୀର୍ଘ ସମୟ ଧରି ମାଈ ହାତୀ ଗର୍ଜନ କରୁଥିଲା। ପ୍ରସବ ପରେ ହାତୀ ଶାବକକୁ ନେଇ ହାତୀପଲ ଅରଡେଇ ନଦୀକୂଳକୁ ଚାଲିଯାଇଥିଲେ। ପରେ ପାଟବିଲା ଗ୍ରାମ୍ୟ ଜଙ୍ଗଲକୁ ଚାଲିଯାଇଥିଲେ। ହାତୀପଲ କାଶୀପାଳ ଅଭିମୁଖେ ଯାଇଥିବା ଚମ୍ପୁଆ ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

## ଆମ୍ବ ପରେ ଲେମ୍ବୁର ଅଭାବୀ ବିକ୍ରି



କରଞ୍ଜିଆ, ୧୩।୯ (ସମିସ): ଗତ ଗ୍ରୀଷ୍ମ ଋତୁରେ କରଞ୍ଜିଆରେ ଆମ୍ବର ଅଭାବୀ ବିକ୍ରି ଦେଖାଦେଇଥିଲା। ଫଳରେ ଚାଷୀଙ୍କ ସ୍ୱପ୍ନ ଚୁରମାର ହୋଇଯାଇଥିଲା। ଏବେ କାଗଜି ଲେମ୍ବୁର ଅଭାବୀ ବିକ୍ରି ଦେଖାଦେଇଛି। ମାତ୍ର କିଛି ମାସ ଆଗରୁ ଯେଉଁ ଲେମ୍ବୁ ଗୋଟା ଦଶ ଟଙ୍କାରେ ବିକ୍ରୟ ହେଉଥିବାବେଳେ ଏବେ ଦଶ ଟଙ୍କାରେ ୧୫ରୁ ୨୦ ଟି ଲେମ୍ବୁ ବିକ୍ରି ହେଉଛି। ମାଟି ଓ ପାଣିପାଗ ଅନୁଯାଇ ଏଠିକାର ଅନେକ ଚାଷୀ ଜମିରେ ଲେମ୍ବୁ ଗଛ ଲଗାଇଥାନ୍ତି। ଆଉ ଅନେକ ଚାଷି ବ୍ୟବସାୟିକ ଭିତ୍ତିରେ ଲେମ୍ବୁ ଫାର୍ମ କରିଛନ୍ତି। ଲେମ୍ବୁ ବିକିଲେ ଦୁଇ ପଇସା ପାଇବେ ବୋଲି ଆଶା ରଖି ଚାଷୀ କରଞ୍ଜିଆ ବଜାର ଉପରେ ନିର୍ଭର କରିଥାନ୍ତି। ତେବେ ଚାହିଦା ତୁଳନାରେ ଅଧିକ ଲେମ୍ବୁ ବଜାରରେ ଉପଲବ୍ଧ ହେଉଥିବାରୁ ଚାଷୀ ନିରାଶ ହୋଇପଡିଛନ୍ତି।

## ଶିଶୁଙ୍କୁ ନେଇ ବୃକ୍ଷରୋପଣ ସଚେତନତା

ରାମଚନ୍ଦ୍ରପୁର,୧୩।୯ (ସମିସ): ଘଷିପୁରା ବ୍ଲକ୍ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗର୍ଦ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଧାନଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ଅତିଥି ଭାବେ ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା, ସମାଜସେବୀ ବିପିନ ବିହାରୀ ମାଝୀ ଶିଶୁଙ୍କୁ ପରିବେଶ ସୁରକ୍ଷା ଏବଂ ସନ୍ତୁଳନ ବିଷୟରେ ସଚେତନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ବାସୁଦେବ ସାହୁ, ସହକାରୀ ପ୍ରଧାନଆଚାର୍ଯ୍ୟା ମିଲାନିସ୍ମିତା ନାୟକ, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ଼, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଅନିତା ଓଝା, ସ୍ମୃତିଶ୍ରୀ ରାଉତ, ସସ୍ମିତା ପରିଡ଼ା ଏବଂ କର୍ମଚାରୀ ଲୀଳାବତୀ ସାହୁ ଯୋଗ ଦେଇଥିଲେ।

**ଜାତୀୟ ନାଟ୍ୟ ମହୋତ୍ସବ**

# ଆସାମର 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ



ବାରିପଦା, ୧୩।୯ (ସମିସ): ସହିଦ ସ୍ମୃତି ଭବନରେ ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟାରେ ପୂର୍ବାରଙ୍ଗ, ଆସାମ ପ୍ରସ୍ତୁତ ନାଟକ 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ ହୋଇଛି। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିର୍ଦ୍ଦେଶକ ପ୍ରଣବ ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ସୁଶୀଲ ମିଶ୍ର, ଆଇଆଇଏମସି, ଢେଙ୍କାନାଳର ପରିଚାଳନା ନିର୍ଦ୍ଦେଶକ ଡଃ ମୃଣାଳ ଚାଟାର୍ଜୀ, ପ୍ରତିଷ୍ଠିତ ନାଟ୍ୟକାର ରମେଶ ଚନ୍ଦ୍ର ଦାସ, ପିଆରଏମ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡଃ ସୁମିତ୍ରା ସୋରେନ, ଆକାଶବାଣୀ ସମ୍ବଲପୁରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରଦୀପ୍ତ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଜନୀ ବାରିକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାଭାରତ ଯୁଦ୍ଧ ପୂର୍ବରୁ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟର କାହାଣୀ ଓ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟାଙ୍କ ଭୂମିକା ଉପରେ ଆଧାରିତ ତଥା ମୃନ୍ମୟ ଭୂୟାଁଙ୍କ ରଚିତ ଏବଂ ଗୁଣାକର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ନାଟକରେ ଗୁଣାକର ଦେବ ଗୋସ୍ୱାମୀ, ରିଷି ବର୍ମନ ହର୍ଷିତା ରାୟ ଚୌଧୁରୀ, ସୀମାଶ୍ରୀ ପଟୱାରୀ ନିଖୁଣ ଅଭିନୟ କରିଥିଲେ। ରବିବାର ଉଦଯାପନୀ ସନ୍ଧ୍ୟାରେ ଆମେ' ବାରିପଦା ପ୍ରସ୍ତୁତ ନାଟକ 'ଅଭିଯାନ' ପରିବେଷଣ ହେବ

## କଫି ବଗିଚା ପରିଦର୍ଶନ କଲେ ଜଳ ବିଭାଜିକା ନିର୍ଦ୍ଦେଶକ




କେନ୍ଦୁଝର,୧୩।୯ (ସମିସ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦିନିକିଆ କେନ୍ଦୁଝର ଗସ୍ତରେ ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଘଟଗାଁ ବ୍ଲକ ପିପିଳିଆଠାରେ ୧୦ ହେକ୍ଟର ଜମିରେ ଲାଗିଥିବା କାଜୁ ଗଛର ତଦାରଖ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ରୁଟିଶିଳା ଗ୍ରାମରେ ଓମ୍ବାଡସି ଅନୁଦାନରେ କରାଯାଇଥିବା କ୍ଷେତ ପୋଖରୀ ବୁଲି ଦେଖିଥିଲେ। ପୁଣି ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ତଳ ବୈତରଣୀ ଗ୍ରାମରେ ହୋଇଥିବା କଫି ନର୍ସରୀ ବୁଲି ଦେଖିବା ସହ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ସହ ଆଲୋଚନା କରିଥିଲେ। ତତପରେ ତରମାକାନ୍ତ ଗ୍ରାମ ପଞ୍ଚାୟତ ଜଳଡିହା ଗ୍ରାମରେ ୮ହେକ୍ଟର ଜମିରେ କରାଯାଇଥିବା କଫି ବଗିଚାକୁ ବୁଲି ଦେଖିଥିଲେ। ଜଳଡିହା ଗ୍ରାମରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋରଣ କରିଥିଲେ। ବାଂଶପାଳ ବ୍ଲକର ପାହାଡିଆ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୬୦୦ମିଟର ଉଚ୍ଚରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଥଣ୍ଡା ଜଳବାୟୁ ସହିତ ଭଲ ବର୍ଷା କଫି ଚାଷକୁ ସୁହାଇବ। ଆସନ୍ତା ବର୍ଷ ଅଧିକ ଅଞ୍ଚଳରେ କଫି ଚାଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଚମ୍ପୁଆ ବ୍ଲକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ପୋଖରୀ, ନିର୍ମିତ ଟ୍ରେଞ୍ଚ ଏବଂ ପ୍ୟାଚ୍ ଟ୍ରିଟମେଣ୍ଟ ବୁଲି ଦେଖିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଏପିଡି ବନମାଳି ପାତ୍ର, ପ୍ରଦୀପ ରାଉତ ଉପସ୍ଥିତ ଥିଲେ।





# ବଡ଼ ବଜେଟ୍‌ର 'ଚ୍ୟାଲେଞ୍ଜ'

ଚଳିତ ଦଶହରାରେ ମୁକ୍ତିଲାଭ କରିବ ବିଗ୍ ବଜେଟ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଅର୍ଦ୍ଧେନ୍ଦୁ ସାହୁ, ଏଲିନା ସାମନ୍ତରାୟ, ପୁପିନ୍ଦର ସିଂହ, ଲିପି ମହାପାତ୍ର, ହରିହର ମହାପାତ୍ର ଏବଂ ପୁନିତ ଇଶାର୍‌ଙ୍କୁ ନେଇ ନିର୍ମାଣ ହୋଇଛି ଏହି ବଡ଼ ବଜେଟ୍‌ର ସିନେମା। ଏଥିରେ ଆକ୍ସନ ଷ୍ଟାର୍ ଅର୍ଦ୍ଧେନ୍ଦୁଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ପାଇବେ ଦର୍ଶକେ। ଏହାସହ ପୁପିନ୍ଦର, ଲିପିଙ୍କ ପୁରୁଣା ଯୋଡ଼ିକୁ ପୁଣି ଥରେ ମନେ ପକାଇବେ। 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍'ରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଜୀ ସାର୍ଥକର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରକୁ ସାଇ କିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମାନସ ପଡ଼ିଆରୀ । ସିନେମାର ଚିତ୍ରଗ୍ରହଣ କରିଛନ୍ତି ପ୍ରତାପ ରାଉତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରଭ ଆନନ୍ଦ। ତେବେ ଏହା ଦଶହରାରେ ଦର୍ଶକଙ୍କର ଯଥେଷ୍ଟ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି। ■



## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା କହୁଛି

# ଲହରୀ

**କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ 'ଲହରୀ' ବଡ଼ ପରଦାରେ ମୁକ୍ତିଲାଭ କରିଛି। ଏହି ସିନେମାରେ ରହିଛି ମାଟିର କଥା ଓ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା। ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ପ୍ରଥମ ଦିନରୁ ଜଣାପଡ଼ିଛି।**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ୍, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଥିବା ବେଳେ ଲୋକପ୍ରିୟ ତାରକା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଏବଂ ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ସିନେମାରେ ଥିବା 'ଝିଅର ସ୍କୁ ଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇଡି। ସାରା ଓଡ଼ିଶାରେ ୩୧ଟି



ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗ୍ରାଣ୍ଡ ପ୍ରିମିୟର ରାଜଧାନୀର ଏସ୍‌ପ୍ଲାନେଡ୍ ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ 'ଲହରୀ'ର ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁକ୍ ମାଇଁ ଶୋ' ପ୍ରଥମ ଦିନ ପ୍ରତ୍ୟେକ ଟିକଟ୍ ଉପରେ ୫୦ ପ୍ରତିଶତ ରିହାତି ଥିବା ବେଳେ ପ୍ରଥମ ଦିନର ପ୍ରଥମ ଶୋ ହାଉସଫୁଲ୍ ଦେଖିବାକୁ ମିଳିଥିଲା। ସିନେମାଟି ଉଭୟ କଳାତ୍ମକ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ବେଶ୍ ଭଲ ହୋଇଛି ବୋଲି ଦର୍ଶକ ମତବ୍ୟକ୍ତ କରିଛନ୍ତି। ■

## ପରଦା ପଛର କାହାଣୀ

# ଅଭିନେତ୍ରୀଙ୍କୁ ବଞ୍ଚାଇବାକୁ ନିଆଁକୁ ଡେଇଁଥିଲେ ଅଭିନେତା

୧୯୫୭ ମସିହାରେ ମୁକ୍ତିଲାଭ କରିଥିଲା କ୍ଲଟ୍‌କ୍ଲାସିକ୍ ଫିଲ୍ମ 'ମଦରଇଣ୍ଡିଆ'। ଏହି ଫିଲ୍ମରେ ଅଭିନେତ୍ରୀ ନର୍ଗିସ୍, ଅଭିନେତା ସୁନିଲ ଦତ୍ତ ଏବଂ ରାଜେନ୍ଦ୍ର କୁମାର ଚମତ୍କାର ଅଭିନୟ କରିଛନ୍ତି। ଏଥିରେ ନର୍ଗିସ୍ ଦୁଇଜଣ ଅଭିନେତାଙ୍କ ମାଆ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଅଭିନେତା ନିଜ ଜୀବନକୁ ବାଜି ଲଗାଇ ଅଭିନେତ୍ରୀଙ୍କୁ ବଞ୍ଚାଇ ଥିଲେ। 'ମଦର ଇଣ୍ଡିଆ'ର ସୁଟିଂ ସମୟରେ ସେଟ୍‌ରେ ନିଆଁ ଲାଗିଯାଇଥିଲା। ଅଧିକାଂଶ କ୍ରିଉ ମେମ୍ବର ଓ ଅଭିନେତ୍ରୀ ସେହି ନିଆଁ ମଧ୍ୟରେ ଫସି ରହିଥିଲେ। ନର୍ଗିସଙ୍କୁ ନିଆଁରେ ଦେଖି ଅଭିନେତା ତାଙ୍କୁ ବଞ୍ଚାଇବାକୁ ଭୟଙ୍କର ନିଆଁ ମଧ୍ୟକୁ ଝାସ ଦେଇଥିଲେ। ଅଭିନେତ୍ରୀଙ୍କୁ ବଞ୍ଚାଇବା ପାଇଁ ସୁନୀଲ ଦତ୍ତ ସେହି ନିଆଁରେ ଫସି ଯାଇଥିଲେ। ଏଥିରେ ତାଙ୍କ ମୁହଁର କିଛି ଅଂଶ ଜଳି ଯାଇଥିଲା। ସୁନୀଲ ସୁସ୍ଥ ହେବା ଯାଏ ତାଙ୍କ ସହିତ ରହି ନର୍ଗିସ୍ ଦେଖାଶୁଣା କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛି ଦିନ ପରେ ନର୍ଗିସଙ୍କୁ ବିବାହ ପାଇଁ ସୁନୀଲ ଦତ୍ତ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମନା କରିବା ପରେ ଦ୍ୱିତୀୟ ଥର ନର୍ଗିସ୍ ବିବାହ ପାଇଁ ରାଜି ହୋଇଥିଲେ। ଏହାପରେ ୧୯୫୮ ମସିହାରେ ଦୁହେଁ ବିବାହ କରିଥିଲେ।



ନିକଟରେ ସାମାଜିକ ଗଣମାଧ୍ୟମରେ ସୁନିଲ ଦତ୍ତ ଓ ନର୍ଗିସଙ୍କ ଏକ ଫଟୋ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହା 'ମଦର ଇଣ୍ଡିଆ' ଫିଲ୍ମର ନିଆଁ ଲାଗିବା ସମୟର ଦୃଶ୍ୟ ବୋଲି ଜଣାପଡ଼ିଛି। ■

# ୨୨ରୁ ଆଓ ନେକ୍ସଟ୍‌ରେ ଘମାଘୋଟ୍



ଓଡ଼ିଶାର ବିଭିନ୍ନ ଫିଲ୍ମ ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପରେ ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଡିଜିଟାଲ ପ୍ରିମିୟର ହେବାକୁ ଯାଉଛି। କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା.ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ଗ୍ୟାଙ୍ଗ ୱାର୍‌ର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା । ନିର୍ଦ୍ଦେଶକ କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସ ଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଫାଇଟ୍ ଦୃଶ୍ୟଗୁଡ଼ିକ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ ହୋଇଛି। ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ତେବେ ଯେଉଁ ଦର୍ଶକମାନେ ଫିଲ୍ମଟିକୁ ହଲରେ ଦେଖି ପାରି ନ ଥିଲେ ସେମାନେ ସେପ୍ଟେମ୍ବର ୨୨ରୁ ଆଓ ନେକ୍ସଟରେ ଏହି ଓଡ଼ିଆ ହାଇ-ଆକ୍ସନ ଫିଲ୍ମ ଦେଖିପାରିବେ । ■

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'ରେ ରଞ୍ଜିତ ବେଦୀ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ବଡ଼ ରିୟାଲିଟି ଶୋ' "ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍" ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ ଅତିଥି ବିଚାରକ ଭାବେ ଯୋଗ ଦେଇଛନ୍ତି। ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଥିବା ପ୍ରତିଭାବାନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଛନ୍ତି ରଞ୍ଜିତ। ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବେ ବୋଲି ସେ କହିଛନ୍ତି। ତେବେ ଏହି ଶୋ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ଏହି ରିୟାଲିଟି ଶୋ'ରେ ବିଭିନ୍ନ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ ପ୍ରତିଯୋଗୀ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ। ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଏହି ରିୟାଲିଟି ଶୋ'ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ । ■



# "ସଫଳ କଳାକାର ହେବା ମୋର ଲକ୍ଷ୍ୟ"

## ରିତିକ୍ ପାଣିଗ୍ରାହୀ

ସାକ୍ଷାତକାର

ଭାଷା ଅପେକ୍ଷା ଭାବନାକୁ ନୃତ୍ୟ ଅଧିକ ଗଭୀର ଭାବରେ ପ୍ରସାର କରିବାରେ କ୍ଷମତା ପ୍ରଦାନ କରିଥାଏ। ଅଙ୍ଗଭଙ୍ଗୀ ମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀ ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିପାରନ୍ତି। ତେବେ ଖୁବ୍ କମ୍ ନୃତ୍ୟଶିଳ୍ପୀଙ୍କ ଭାଗ୍ୟ ତାଙ୍କୁ କଳାକାର ସଜାଇଦିଏ। ଏମିତି ଜଣେ ଉଦୀୟମାନ କଳାକାର ହେଉଛନ୍ତି ରାଉରକେଲାର ରିତିକ୍ ପାଣିଗ୍ରାହୀ। 'ଡିଓଡି' ଓ 'ବିଗ୍ ବ୍ରେକ୍-୨' ପରି ରିଆଲିଟି ଶୋ'ରେ ସେ ନିଜର ପ୍ରତିଭା ଦେଖାଇଥିଲେ। 'ଡିଓଡି' ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୧୮ ରେ ରହିଥିଲେ। ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ୪ରୁ ୫ଟି ମ୍ୟୁଜିକ୍ ଭିଡିଓରେ ସେ କାମ କରିସାରିଛନ୍ତି। 'ମଙ୍ଗୁଳା କନ୍ୟା' ତାଙ୍କର ପ୍ରଥମ ଧାରାବାହିକ। ତେବେ ଅଭିନୟ ଜଗତକୁ ସେ କେମିତି ଆସିଲେ, ଏଥିପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କଠାରୁ।

**ନୃତ୍ୟଶିଳ୍ପୀରୁ ଅଭିନେତା କେମିତି ହେଲେ?**

● ପିଲାଟିଦିନରୁ ନୃତ୍ୟ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ବହୁତ ବଡ଼ ପ୍ରଶଂସକ। ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମରେ ନୃତ୍ୟ କରିଛି। ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି)ରେ ଭାଗ ନେଇ ଏଥିରେ ଟପ୍ ୧୮ ଯାଏଁ ରହିଛି। ବାପୀ ପଲେଇ ସାର୍ ଓ ରୋଜା ରଣା ମାଡାମ୍ ହେଉଛନ୍ତି ମୋ ନୃତ୍ୟ ଗୁରୁ/ ଗୁରୁମା। ଦଶମ ପରେ ମୁଁ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ସେଠି ଟପ୍ ୧୬ ଯାଏଁ ଯାଇଥିଲି। 'ଏ ଜାଇଫୁଲ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ମୋର ବିପକ୍ଷରେ ଥିଲେ ଗାର୍ଗୀ। ଏହି ଭିଡିଓଟି ମୋର ୨୬ ଲକ୍ଷ ଭିଉ ଯାଇଥିଲା। ପରେ କିଛି ୟୁଟ୍ୟୁବ୍ ଚ୍ୟାନେଲର କାମ କରିଛି। 'ଲଭ୍ ଟ୍ୟୁନ୍' ସମେତ ୫ଟି ମ୍ୟୁଜିକ୍ ଆଲବମ୍ କରିବାକୁ ମୋତେ ସୁଯୋଗ ମିଳିଛି। ତାହାରି ଭିତରେ ମୋତେ ଅଭିନୟ କରିବାକୁ ବି ଇଚ୍ଛା ଥାଏ। ସ୍ନାତକ ପଢ଼ା ସମୟରେ ସିଦ୍ଧାର୍ଥ ଟିଭିର 'ମଙ୍ଗୁଳା କନ୍ୟା' ଧାରାବାହିକ ପାଇଁ ଅଡିସନ୍ ଦେବାକୁ ମୋତେ ସୁଯୋଗ ମିଳିଲା। ଏଥିରେ ମୁଖ୍ୟ ନାୟକ ଅନୁରାଗ ଚରିତ୍ରରେ କାମ କରିଥିଲି।

**ପ୍ରଥମ ପ୍ରୋଜେକ୍ଟରେ ଦର୍ଶକ ଗ୍ରହଣ କରିଥିଲେ କି?**

● "ମଙ୍ଗୁଳା କନ୍ୟା' ଧାରାବାହିକରେ ଅନ୍ୟ ଜଣଙ୍କ ସ୍ଥାନରେ ଏହି ଚରିତ୍ର ମୋତେ ମିଳିଥିଲା। ପ୍ରଥମ ପ୍ରୋଜେକ୍ଟରେ ଦର୍ଶକଙ୍କଠାରୁ ଆଶାଠାରୁ ଅଧିକ ଭଲପାଇବା ପାଇଥିଲି। ଯେହେତୁ ପ୍ରଥମ ଧାରାବାହିକରେ ବରିଷ୍ଠ କଳାକାରଙ୍କ ସହ କାମ କରୁଥିଲି। ରାତି ରାତି ସୁଟ୍ କରିବା, ପାଠ ପାଇଁ ସମୟ ଦେବା, ସଂଳାପ କହିବା ଆଦି ସବୁ ପାଇଁ ସମୟ ଲାଗିଥିଲା। ବରିଷ୍ଠ କଳାକାରଙ୍କଠାରୁ ବହୁତ କିଛି ଶିଖିବାକୁ ମୋତେ ସୁଯୋଗ ମିଳିଥିଲା।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**


● ଯେତେ କାମ କଲେ ବି ପାଠକୁ ଗୁରୁତ୍ୱ ଦେଇଆସିଛି। ଡ୍ୟାନ୍ସ, ମ୍ୟୁଜିକ୍ ଭିଡିଓ ଏବଂ ଧାରାବାହିକକୁ ବାଦ୍ ଦେଲେ, ଅନେକ ଗୁଡ଼ିଏ ବିଜ୍ଞାପନ କରିଛି। ଯେହେତୁ ମୁଁ ମାସ୍ କମ୍ୟୁନିକେସନ ଆଣ୍ଡ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋତ୍ତର କରିଥିଲି। ଏବେ ଏକ ଇଭେଣ୍ଟ କମ୍ପାନୀର ମିଡିଆ ପ୍ଲାନର ଭାବେ କାମ କରୁଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅଭିନୟଠାରୁ ଦୂରେଇ ଯାଇଛି। ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି। ଏଥିପାଇଁ ପ୍ରସ୍ତୁତ ଜାରି ରଖିଛି। ଅଭିନୟ ମୋର ନିଶା, ଚାକିରି ମୋର ପେଶା।

**ଡ୍ରିମ୍ ରୋଲ୍?**

● ଡ୍ରିମ୍ ରୋଲର ସ୍ୱପ୍ନ ମୁଁ ଦେଖିନି। କିନ୍ତୁ ହଁ ଜୀବନ ଥିବା ଯାଏଁ ମୁଁ ଅଭିନୟ ଆଉ ନୃତ୍ୟ ଜାରି ରଖିବି। ସଫଳ କଳାକାରଟିଏ ହେବା ମୋର ଲକ୍ଷ୍ୟ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଲେ ମୁଁ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମେ ନିଜର ଗୋଲ୍ ସେଟ୍ କରନ୍ତୁ। ଫିଲ୍ମ ଲାଇନ୍‌ରେ ଯିବେ, କ'ଣ କରିପାରିବେ ତାହାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ନ୍ତୁ। ସବୁ ଲାଇନ୍‌ରେ କଷ୍ଟ ଆଉ ସଂଘର୍ଷ କରିବାକୁ ପଡ଼ିଥାଏ। ରାତିରାତି ସଫଳ ହେବାକୁ ଇଚ୍ଛା ନ ରଖି କଠିନ ପରିଶ୍ରମ କରନ୍ତୁ। ଚେଷ୍ଟା କରି ବିଫଳ ହେବାରେ ମଜା ଥାଏ। ସେହିପରି ସ୍କ୍ରିପ୍ଟ ଯାହା ମାଗୁଛି ତା' ଅନୁସାରେ ଅଭିନୟ କରିଲେ ଏହା ପ୍ରଶଂସନୀୟ ହୋଇଥାଏ। ■



# ଭାରତ-ପାକିସ୍ତାନ ହାଇଭୋଲ୍‌ଟେଜ୍ ମୁକାବିଲା ଆଜି



ଦୁବାଇ, ୧୩।୯ (ଏଜେନ୍ସି): ବିଶ୍ୱ କ୍ରିକେଟର ଦୁଇ ଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟର ଗ୍ରୁପ୍-ବି' ମୁକାବିଲା ଆସନ୍ତାକାଲି ବା ରବିବାର ଏଠାରେ ଖେଳାଯିବ। ଏହାକୁ ଏକ ହାଇଭୋଲ୍ଟେଜ ମ୍ୟାଚ୍ ବା ଆଉ କେତେକ ମହାମୁକାବିଲା ଭାବେ ବର୍ଣ୍ଣନା କରୁଥିଲେ ମଧ୍ୟ ଏଥର ସେଭଳି ଉତ୍ସାହ ନାହିଁ। ବିଶେଷ କରି ଭାରତ ଓ ପାକିସ୍ତାନ ଯେଉଁଠାରେ ଖେଳିଲେ ମଧ୍ୟ ଏମାନଙ୍କ ମୁକାବିଲା ପୂର୍ବରୁ ଟିକଟ ଅଧଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥାଏ। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳିନାହିଁ। ୨୫,୦୦୦ କ୍ଷମତା ବିଶିଷ୍ଟ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏଯାଏ ଅନେକ ଟିକଟ ବିକ୍ରି ହୋଇପାରି ନାହିଁ। ଏହାର କାରଣ ଯାହା ହେଉନା କାହିଁକି ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂରା କରିବାକୁ ଆୟୋଜକମାନେ କୌଣସି ଉଦ୍ୟମ ଛାଡୁନାହାନ୍ତି ଓ ସମସ୍ତ ଟିକଟ ବିକ୍ରି ହୋଇଯିବ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗ୍ରୁପ୍-ଲିଗ୍ ମ୍ୟାଚ୍ ଖେଳିସାରିଛନ୍ତି। ଉଭୟ ଦଳ ପ୍ରଥମ ମୁକାବିଲାକୁ ସହଜରେ ଜିତିଥିଲାବେଳେ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଜିତିବ, ସେହି ଦଳ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବ ଓ ପ୍ରଥମେ ସୁପର-୪'ରେ ପ୍ରବେଶ କରିବ। ଏଣୁ ଭାରତକୁ ହରାଇବା ଲାଗି ପାକିସ୍ତାନ ଦଳ କୌଣସି ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି ଆଶାକରାଯାଉଛି।

## ● ନୂଆ ଖେଳାଳିଙ୍କ ଆକର୍ଷଣ କମ୍

ଏସିଆ କପ୍‌ରେ ଏଥର ଭାଗନେଇଥିବା ଅନେକ ଖେଳାଳି ନବାଗତ। ଘରୋଇ ତଥା ଫ୍ରାଞ୍ଚାଇଜ୍ କ୍ରିକେଟର ସଫଳତାକୁ ନେଇ ଉଭୟ ଦେଶର ଦଳ ଗଠନ କରାଯାଇଛି। ଯେହେତୁ ଏହା ଟି-୨୦ ଫର୍ମାଟରେ ଖେଳାଯାଉଛି, ସେଥିଲାଗି ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଉଛି। ଉଭୟ ଅଧିନାୟକ ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନର ସଲମାନ ଅଲି ଆଘା ପ୍ରଥମଥର ଏସିଆ କପ୍‌ରେ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ସମର୍ଥକଙ୍କ ନିକଟରେ ଏମାନେ ଏତେ ଅଧିକ ଲୋକପ୍ରିୟତା ହାସଲ କରିପାରିନାହାନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ନିକଟରେ ଦକ୍ଷତା ନାହିଁ। ଭାରତୀୟ ଦଳ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ଟିକେ ପଛରେ ପଡ଼ିଛି। ଉଭୟଦେଶ ମୁକାବିଲା ବେଳେ ଏଭଳି ତଥ୍ୟର କିଛି ମୂଲ୍ୟ ନ ଥାଏ। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଏକତରଫା ହେଉ କି ପ୍ରତିଦ୍ୱନ୍ଦ୍ୱିତାମୂଳକ, ଷ୍ଟାଡିୟମ ନିଶ୍ଚିତ ଭରପୁର ରହିବ।

ଉଭୟଦେଶର ଖେଳାଳି ସେମାନଙ୍କ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ୧ରୁ ୧୧ ନମ୍ବର ଖେଳାଳିଙ୍କ ନିକଟରେ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି। ପାକିସ୍ତାନର ଖେଳାଳିମାନେ ମଧ୍ୟ କମ୍ ନୁହଁନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଯିଏ ଜିତୁ ନା କାହିଁକି, ମୁକାବିଲା ଅଧିକାଂଶ ସମୟ ଏକତରଫା ହୋଇଥାଏ। ପ୍ରଥମ ମ୍ୟାଚ୍‌ରେ ଭାରତ ଯେପରି ୪.୩ ଓଭରରେ ବା ପାୱାରପ୍ଲେ'ରେ ମ୍ୟାଚ୍ ଜିତିଲା ତାହା ଅନ୍ୟ ଦଳପ୍ରତି ଏକ ଚେତାବନୀ। ବୋଲର ହୁଅନ୍ତୁ କିମ୍ବା ବ୍ୟାଟର ଏମାନେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତ୍ର ହୋଇ ପରାଜିତ କରିବାର ଅନେକ ନଜର ରହିଛି। ବିଶ୍ୱଚାମ୍ପିଅନ ଭାରତୀୟଦଳ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
**ଭାରତ-ପାକିସ୍ତାନ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ରେକର୍ଡରେ ଭାରତ ଆଗୁଆ

୧୩ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଉନାହିଁ। ଉଭୟ ଦେଶ ରାଜନୈତିକ ବାତାବରଣ ଯୋଗୁଁ ଅନ୍ୟ ଦେଶକୁ ଲୋକପ୍ରିୟ କ୍ରିକେଟକୁ ପଠାଇବାକୁ ଚାହୁଁ ନାହାନ୍ତି। କିନ୍ତୁ କ୍ରିକେଟ ଖେଳର ସର୍ବୋଚ୍ଚ ସଂସ୍ଥା ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ଖେଳୁଛନ୍ତି। ୨୦୦୭ରେ ପ୍ରଥମଥର ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ଭେଟାଭେଟି ହୋଇଥିଲେ। ବିଶ୍ୱ କ୍ରିକେଟରେ ୨୦୦୭ ସେପ୍ଟେମ୍ବର ୧୪ରେ ଉଭୟ ଦଳ ପରସ୍ପର ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏବେ ଏସିଆ କପ୍‌ରେ ଦୀର୍ଘ ୧୮ ବର୍ଷ ପରେ ସେହି ସେପ୍ଟେମ୍ବର ୧୪ରେ ଉଭୟଙ୍କ ମଧ୍ୟରେ ୧୪ତମ ମୁକାବିଲା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଖେଳାଯାଇଥିବା ୧୩ଟି ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଟାଇ ରହିଥିଲା। ତତ୍‌କାଳୀନ ନିୟମ ଅନୁଯାୟୀ ଭାରତ ବୋଲ ଆଉଟରେ ଏହି ମ୍ୟାଚ୍‌କୁ ଜିତିଥିଲା। ଭାରତ ମଧ୍ୟ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ପ୍ରଥମଟାଇଟଲ ଜିତିଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୨ଟି ପୂର୍ଣ୍ଣାଙ୍ଗ ମୁକାବିଲା ମଧ୍ୟରୁ ଭାରାତ ୯ଟିରେ ଓ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି। ଏସିଆ କପ୍‌ରେ ୩ଟି ଟି-୨୦ ମୁକାବିଲାରୁ ଭାରତ ୨ଟିରେ ଜିତିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମୁକାବିଲା ମଧ୍ୟରୁ ଭାରତ ୩ଟି ଓ ପାକିସ୍ତାନ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଣୁ ଗତ ୫ଟି ମୁକାବିଲାରେ ଭାରତ ସହ କଡା ଟକ୍କର ଦେଇଛି ପାକିସ୍ତାନ। ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

## ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ପାକିସ୍ତାନ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## ବୋଲିଂରେ ଦମ୍ ଦେଖାଇଲା ଶ୍ରୀଲଙ୍କା

ଆବୁଧାବି, ୧୩।୯ (ଏଜେନ୍ସି): ଏସିଆ କପ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଶ୍ରୀଲଙ୍କା ଦଳ ଆଜି ଏଠାରେ ଦମ୍ ଦେଖାଇଛି। ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନେବା ପରେ ଜଣଙ୍କ ପରେ ଜଣେ ବାଂଲାଦେଶୀ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ଶ୍ରୀଲଙ୍କା ଆତଙ୍କ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ୧୦ମ ଓଭର ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ୱିକେଟ ହରାଇ ୫୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଦଳ ପକ୍ଷରୁ ଜେକର ଅଲି ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ଓପନର ତାନ୍‌ଜିଦ୍ ହାସନ ସମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରି ନାହାନ୍ତି। ସେହିପରି ନିର୍ଭରଯୋଗ୍ୟ ତୋହିଦ୍ ହୃଦୟ ୮ ଓ ମେହଦୀ ହାସନ ମିରାଜ ୯ ରନ୍ କରିପାରିଥିଲେ। ୫ମ ଖେଳାଳିଭାବେ ଅଧିନାୟକ ଲିଟନ ଦାସ ୨୮ ରନ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ୨ଟି, ନୁୱାନ ଥୁସରା ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ହୃଦୟ ରନ୍‌ଆଉଟ ହୋଇଥିଲେ।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଓମାନକୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଏସିଆ କପ୍ ଗ୍ରୁପ୍-ଏ' ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ମହମ୍ମଦ୍ ହାରିସ୍‌ଙ୍କ ୬୬ ରନ୍ କରିଥିଲେ। ଜବାବରେ ଦଳ ୧୬.୪ ଓଭରରେ ମାତ୍ର ୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତିଲେ ଇଶା



ନିନବୋ, ୧୩।୯ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ରାଇଫଲ/ପିସ୍ତଲ ସୁଟିଂ ବିଶ୍ୱକପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଇଶା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଫାଇନାଲରେ ଇଶା ଓ ଘରୋଇ ଚାଇନା ସୁଟର୍ ୟାଓ ଜିଆନକ୍ସୁନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ଇଶା ମାତ୍ର ୦.୧ ସ୍କୋରରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲେ। ଇଶା ୨୪୨.୬ ସ୍କୋର କରିଥିଲେ। ସେହିଭଳି ଜିଆନକ୍ସୁନ ୨୪୨.୫ ସ୍କୋର ସହ ଅଳ୍ପକେ ଶୀର୍ଷ ସ୍ଥାନ ହରାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆର ଓହ ୟେଜିନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।

## ମହିଳା ଫୁଟ୍‌ବଲ୍ ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ଅଧ୍ୟକ୍ଷା

ଭୁବନେଶ୍ୱର, ୧୩।୯ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶନିବାର ରାଜ୍ୟ ମହିଳା ଫୁଟ୍‌ବଲର ନୂତନ ଚୟନ କମିଟି ଗଠନ କରାଯାଇଛି। ଜାତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଫାଓ ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିଅର ଓ ଜୁନିଅର ଦଳ ଚୟନ କମିଟିର ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସିନିଅର ଚୟନ କମିଟିରେ ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ରହିଛନ୍ତି। ସେହିଭଳି ସରିତା ଜୟନ୍ତୀ ବେହେରା, ମମତା କୁମାରୀ ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ଜୁନିଅର ଚୟନ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବିଭିନ୍ନ ଜାତୀୟସ୍ତରୀୟ ସିନିଅର ଓ ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଏହି କମିଟି ଦଳ ଚୟନ କରିବ। ଏହି ଅବସରରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦୁଲୀପ ଟ୍ରଫି: ଡ୍ରାଇଭର ସିଟ୍‌ରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୩।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୩ ଓଭରରେ ୨ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଆଠ ୱିକେଟ୍ ବଳକା ଥାଇ ପାଳି ପରାଜୟ ଏଡ଼ାଇବା ଲାଗି ଦକ୍ଷିଣାଞ୍ଚଳ ଆହୁରି ୨୩୩ ରନ ଆବଶ୍ୟକ କରୁଛି। ପୂର୍ବରୁ ଶନିବାର ସକାଳେ କେନ୍ଦ୍ରାଞ୍ଚଳ ଏହାର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୮୪/୫ରୁ ବ୍ୟାଟିଂ ଆରମ୍ଭ କରି ୫୧୧ ରନରେ ସୀମିତ ରହିଥିଲା। ୧୩୭ ରନ କରି ଅପରାଜିତ ରହିଥିବା ୟଶ ରାଠୋଡ ଆଜି ୧୯୪ ରନରେ ଆଉଟ୍ ହୋଇ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳର ଦୁଇ ବୋଲର ଗୁରଜାପନୀତ୍ ସିଂହ ଓ ଅଙ୍କିତ ଶର୍ମା ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଖେଳ ଆହୁରି ୨ ଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଛି।

### ● ହଂକଂ ଓପନ୍‌ରେ ଭାରତୀୟଙ୍କ ବିଜୟଧାରା ଜାରି

## ଫାଇନାଲରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଚଳିତ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଦୁଇଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଲକ୍ଷ୍ୟ ସେନ୍ ୨୩-୨୧, ୨୨-୨୦ ସିଧାସଳଖ ଗେମରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ଚାଇନିଜ ତାଇପେଇର ଚୋଉ ତିଏନଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଲକ୍ଷ୍ୟଙ୍କୁ ଏହି ମ୍ୟାଚ୍ ଜିତିବାକୁ ୫୬ ମିନିଟ୍ ସମୟ ଲାଗିଥିଲା। ଏଥିସହ ୨୩ ବର୍ଷୀୟ ଲକ୍ଷ୍ୟ ଦୁଇବର୍ଷ ପରେ କୌଣସି ମେଜର ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ଶେଷଥର ଲାଗି ସେ ୨୦୨୩ରେ କାନାଡା ଓପନ ସୁପର-୫୦୦ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ନବମ ର୍‌ୟାଙ୍କିଙ୍ଗପ୍ରାପ୍ତ ସାତ୍ତ୍ୱିକ-ଚିରାଗ ଯୋଡ଼ି ଶନିବାର ଅନୁଷ୍ଠିତ ସେମିଫାଇନାଲରେ ୨୧-୧୭, ୨୧-୧୫ ଗେମରେ ଚାଇନିଜ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ରବିବାର ଉଭୟ ଇଭେଣ୍ଟର ଫାଇନାଲ ଖେଳାଯିବ।

### ଏସିଆ ମହିଳା ରଗ୍‌ବୀ


## ଭାରତୀୟ ଦଳରେ ଓଡ଼ିଶାରୁ ୪

ଭୁବନେଶ୍ୱର, ୧୩।୯ (ସମିସ): ଚୀନର ହାଙ୍ଗଝୋଉରେ ଚଳିତ ମାସ ୨୦ରୁ ଏସିଆ ରଗବୀ ଏମିରେଟ୍ସ ମହିଳା ସେଭେନ୍ସ ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ଘୋଷିତ ଭାରତୀୟ ମହିଳା ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁମୁଣୀ ମାରାଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାୟମ ଓ ସନ୍ଧ୍ୟା ଟୁଡୁ। ଦୁମୁଣୀଙ୍କୁ ଦଳର ଉପ-ଅଧିନାୟିକା ଭାର ପ୍ରଦାନ କରାଯାଇଛି। ଦୁମୁଣୀ, ନିର୍ମାଲ୍ୟ ଓ ମାମା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଏହି ୪ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନ ଜଣାଇଛନ୍ତି।



### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

## ସଲ୍ଟଙ୍କ ଶତକରେ ଇଂଲଣ୍ଡର ରେକର୍ଡ ବିଜୟ



ମାଞ୍ଚେଷ୍ଟର, ୧୩।୯ (ଏଜେନ୍ସି): ଓପନର୍ ଫିଲ୍ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଘରୋଇ ଇଂଲଣ୍ଡ ରେକର୍ଡ ୧୪୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟି-୨୦ରେ ରନ ବ୍ୟବଧାନରେ ଇଂଲଣ୍ଡର ଏହା ସର୍ବବୃହତ ବିଜୟ ହୋଇଛି। ପୂର୍ବରୁ ପ୍ରଥମ ଟି-୨୦କୁ ୧୪ ରନରେ ହାରିଥିବା ଇଂଲଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ରବିବାର ନିର୍ଣ୍ଣାୟକ ତଥା ୩ୟ ଟି-୨୦ ଖେଳାଯିବ।

ଏହି ମ୍ୟାଚରେ ଟସ୍ ହାରି ଇଂଲଣ୍ଡ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜୋଶ୍ ବଟଲର ଓ ଫିଲ୍ ସଲ୍ଟ ବିଧ୍ୱଂସୀ ବ୍ୟାଟିଂ କରି ପ୍ରଥମ ୬ ଓଭରରେ ୧୦୦ ଓ ୮ ଓଭରରେ ରେକର୍ଡ ୧୨୬ ଉଠାଇଥିଲେ। ଅଭିଜ୍ଞ ବଟଲର ୩୦ ବଲରେ ୮୩ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୮ ଚୌକା ଓ ୭ ଛକା ମାରିଥିଲେ। ଏହାପରେ ଅନ୍ୟତମ ଓପନର୍ ସଲ୍ଟ କିନ୍ତୁ ତାଙ୍କ ଦ୍ରୁତ ବ୍ୟାଟିଂ ଜାରି ରଖିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ସଲ୍ଟ ୬୦ ବଲରୁ ୧୪୧ ରନ (୧୫ଟି ଚୌକା ଓ ୮ଟି ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଂଲଣ୍ଡ ୨ ୱିକେଟ୍‌ରେ ୩୦୪ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାକବ ବେଥେଲ ୨୬ ଓ ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ଏକାଧିକ ରେକର୍ଡ କରିଛି। ଟି-୨୦ରେ ୩ୟ ଦଳ ଭାବେ ଇଂଲଣ୍ଡ ୩୦୦ ରନ ଅତିକ୍ରମ କରିଛି। କିନ୍ତୁ ଟେଷ୍ଟ ମାନ୍ୟତାପ୍ରାପ୍ତ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ରେ ପ୍ରଥମଥର ଦଳଗତ ସ୍କୋର ୩୦୦ ଡେଇଁଛି। ପୂର୍ବରୁ ୨୦୨୪ରେ ବାଂଲାଦେଶ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ୨୯୭ ରନ କରିଥିଲା। ତେବେ ଟି-୨୦ରେ ସର୍ବାଧିକ ଦଳଗତ ସ୍କୋର ଜିମ୍ବାୱେ (୩୪୪/୪ ବନାମ ଗାମ୍ବିଆ) ନାମରେ ରହିଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟେକ୍‌ନିକାଲ କମିଟିରେ ଗଗନେନ୍ଦୁ



ଭୁବନେଶ୍ୱର, ୧୩।୯ (ସମିସ): ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ସଂସ୍କରଣ ଆସନ୍ତା ନଭେମ୍ବରରେ ରାଜସ୍ଥାନରେ ଖେଳାଯିବ। ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜିତ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ୮୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିଲାଗି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଡ. ଗଗନେନ୍ଦୁ ଦାଶଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି (ଜିଟିସିସି)ରେ ପୂର୍ବାଞ୍ଚଳରୁ ସଦସ୍ୟ ଭାବେ ଗଗନେନ୍ଦୁଙ୍କୁ ମନୋନୀତ କରାଯାଇଛି। ଏଥିଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

### ଏସିଆ କପ୍ ମହିଳା ହକି

## ଆଜି ଭାରତ-ଚୀନ୍ ଫାଇନାଲ ମୁକାବିଲା



ହାଙ୍ଗଝୋଉ,୧୩।୯ (ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚଟି ରବିବାର ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ରୁ ଆରମ୍ଭ ହେବ। ଆଜି ତଥା ଶନିବାର ଖେଳାଯାଇଥିବା ସୁପର-୪'ର ଶେଷ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଭାରତ ଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିନେଇଥିଲା।

କୋରିଆ ପରାଜିତ ହେବା ପରେ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ସୁପର-୪'ରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ଭାରତ ୧-୧ ଗୋଲ୍‌ରେ ଜାପାନ ସହ ମ୍ୟାଚ୍ ଡ୍ର ରଖିବା ଫଳରେ ଫାଇନାଲ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟରୁ ୪ ପଏଣ୍ଟ ପାଇ ସୁପର-୪'ରେ ଦ୍ୱିତୀୟସ୍ଥାନରେ ରହିଥିଲା। ସୁପର-୪'ରେ ଚୀନ୍ ଓ ଭାରତ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାପାନ ବିପକ୍ଷରେ ଭାରତ ଆଜି ଖେଳିଥିବା ମ୍ୟାଚ୍‌ରେ ଭାରତ ଆରମ୍ଭରୁ ସୁଯୋଗ ପାଇ ଏହାର ସଦ୍‌ବ୍ୟବହାର କରିଥିଲା। ଖେଳର ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ନେହାଙ୍କଠାରୁ ପାସ୍ ପାଇ ବିଉଟି ଡୁଙ୍ଗ ଡୁଙ୍ଗ୍ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳି ଉତ୍ସାହିତ ହୋଇଥିଲାବେଳେ ଜାପାନ ଖେଳାଳିମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହା ପରେ ଜାପାନ ଏକାଧିକ ଆକମଣ ରଚନା କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଖେଳର ଶେଷ ସମୟରେ ଅର୍ଥାତ୍ ୫୮ତମ ମିନିଟ୍‌ରେ ସିହୋ କୋବାୟାକା ଗୋଲ ଶୁଝାଇ ଦେଇଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ନପାରିବା ଫଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା।

### ଯୁବ ଏସିଆନ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସୁପ୍ରଜିତ ଓ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ

ଭୁବନେଶ୍ୱର, ୧୩।୯ (ସମିସ): ଜୋର୍ଡାନର ରାଜଧାନୀ ଅମାନ ସହରରେ ସେପ୍ଟେମ୍ବର ୧୫ ତାରିଖରୁ ଯୁବ ଏସିଆନ ହ୍ୟାଣ୍ଡବଲ ଚାମ୍ପିଅନସିପ (୧୭ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ। ସେହିଭଳି ଯୁବ ଭାରତୀୟ ହ୍ୟାଣ୍ଡବଲ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ଜୋର୍ଡାନ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଏହି ତିନିଜଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS